» ବର୍ଷ-1, ସଂଖ୍ୟା-6

» ସେପ୍ଟେମ୍ବର 16-30, 2020

ନିଃଶୁଳ୍କ ବିତରଣ ପାଇଁ

ନିଉ ଇଣ୍ଡିଆ ସମାଚାର



ଆମେ ପ୍ରତିଶ୍ରୁତି ପୂରଣ କରିଛୁ

ସମର୍ପିତ ପ୍ରୟାସ ଲକ୍ଷ୍ୟବଦ୍ଧ ପରିଣାମ

ସରକାର କେବଳ ଯୋଜନା ଘୋଷଣା କରୁନାହାନ୍ତି, 'ସଂକଳ୍ପରୁ ସିଦ୍ଧି' ପାଇଁ ପ୍ରତିବଦ୍ଧତାକୁ ପାଳନ କରି ସେଗୁଡିକୁ ତୃଣମୂଳ ସ୍ତରରେ କାର୍ଯ୍ୟକାରୀ ମଧ୍ୟ କରୁଛନ୍ତି

“ ମୂଲ୍ୟବାନ ମୁହୂର୍ତ୍ତ ”

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିକଟରେ ଶେୟାର କରିଥିବା ଏକ ଭିଡିଓରେ ସେ ନିଜ ସରକାରୀ ବାସଭବନରେ ଏକ ମୟୂରକୁ ଦାନା ଖୁଆଉଥିବାର ଦେଖିବାକୁ ମିଳିଥିଲା । ଏହି ଅବସରରେ ସେ ହିନ୍ଦୀରେ ଲେଖିଥିବା ଏକ କବିତା ଏହି ଭିଡିଓରେ ମଧ ଶେୟାର କରିଛନ୍ତି ।

ପ୍ରଧାନମନ୍ତ୍ରୀଙ୍କ ନିୟମିତ ପ୍ରାତଃ ଦିନଚର୍ଯ୍ୟା ପାଇଁ କ୍ୟୁଆର କୋଡ୍ ସ୍କାନ କରନ୍ତୁ

https://www.youtube.com/watch?v=axbpbQTIiZo

ଭୋର ଭୟୋ, ବିନ୍ ଶୋର୍
ମନ୍ ମୋର, ଭୟୋ ବିଭୋର୍,
ରଗ୍-ରଗ୍ ହେ ରଙ୍ଗା, ନିଲା ଭୁରା ଶ୍ୟାମ ସୁହାନା,
ମନ୍‌ମୋହକ୍ ମୋର୍ ନିରାଲା ।
ରଙ୍ଗ୍ ହୈ ପର୍ ରାଗ୍ ନେହିଁ,
ବିରାଗ୍ କା ବିଶ୍ୱାସ ୟହି,
ନ ଚାହ, ନ ୱାହ, ନ ଆହ,
ଗୁଞ୍ଜେ ଘର୍-ଘର୍ ଆଜ୍ ଭି ଗାନ୍,
ଜିୟେ ତୋ ମୁରଲୀ କେ ସାଥ୍
ଜାୟେତୋ ମୁରଲୀଧର୍ କେ ତାଜ ।
ଜୀବାତ୍ମା ହି ଶିବାତ୍ମା,
ଅନ୍ତର୍ମନ କି ଅନନ୍ତଧାରା
ମନ୍ ମନ୍ଦିର ମେଁ ଉଜିୟାରା ସାରା,
ବିନ୍ ବାଦ-ବିବାଦ, ସମ୍ବାଦ
ବିନ୍ ସୁର୍-ସ୍ୱର, ସଂଦେଶ
ମୋର୍ ଚହକ୍‌ତା ମୌନ୍ ମହକ୍‌ତା ।

ନିଉ ଇଣ୍ଡିଆ
ସମାଚାର
ବର୍ଷ-1, ସଂଖ୍ୟା-6 ସେପ୍ଟେମ୍ବର 16-30, 2020

ସୂଚୀ

» 1 **ସମ୍ପାଦକୀୟ** »Pg. 02

» 2 **ସଂସ୍କୃତି;** ସ୍ୱାମୀ ବିବେକାନନ୍ଦଙ୍କ ସିକାଗୋ ଭାଷଣ »Pg. 03

» 3 **ସଂକ୍ଷିପ୍ତ ସମାଚାର** »Pg. 04-05

» 4 **ଜାତୀୟ ନମୁନା ସର୍ଭେ;** ଡାଟା ସଂଗ୍ରହ »Pg. 06-07

» 5 **ସାମାଜିକ କ୍ଷେତ୍ର:** ସ୍ୱଚ୍ଛ ଭାରତ ମିଶନ »Pg. 08-10

» 6 **ସହାୟତା:** ଏକ ରାଷ୍ଟ୍ର, ଏକ ରାସନ କାର୍ଡ »Pg. 11

» 7 **ପ୍ରମୁଖ ଯୋଜନା:** ଆୟୁଷ୍ମାନ ଭାରତ »Pg. 12-15

» 8 **ପ୍ରଚ୍ଛଦ ପ୍ରସଙ୍ଗ:** ଶାସନ-ବିଧି »Pg. 16-24

» 9 **ସାକ୍ଷାତକାର:** କିରେନ ରିଜିଜୁ »Pg. 25

» 10 **ଉଦ୍ୟୋଗ:** ଖେଳନା ତିଆରି କ୍ଷେତ୍ର »Pg. 26-27

» 11 **ସକାରାତ୍ମକ ଆଭିମୁଖ୍ୟ:** ପରିବର୍ତ୍ତନଶୀଳ ଭାରତ »Pg. 28

» 12 **କରୋନା ବିରୋଧୀ ଲଢେଇ** »Pg. 29

» 13 **ଐତିହ୍ୟ:** ବୌଦ୍ଧ ସର୍କିଟ »Pg. 30-31

» 14 **ମନ୍ କି ବାତ୍: 2.0** ପଞ୍ଚଦଶ ଅଧ୍ୟାୟ: ଅଗଷ୍ଟ 30, 2020 »Pg. 32

ସମ୍ପାଦକ
କୁଳଦୀପ ସିଂହ ଧତ୍ୱାଲିଆ,
ପିଡିଜି, ପିଆଇବି, ନୂଆଦିଲ୍ଲୀ

ଉପଦେଷ୍ଟା ସମ୍ପାଦକ
ବିନୋଦ କୁମାର

ଅତିରିକ୍ତ ଉପଦେଷ୍ଟା ସମ୍ପାଦକ
ଶରତ କୁମାର ଶର୍ମା

ପେସାଦାର ଅଳଂକରଣ
ରବୀନ୍ଦ୍ର କୁମାର ଶର୍ମା

ପ୍ରକାଶକ ଓ ମୁଦ୍ରାକର
ସତ୍ୟେନ୍ଦ୍ର ପ୍ରକାଶ, ଡିଜି ବିଓସି
ବ୍ୟୁରୋ ଅଫ୍ ଆଉଟ୍‌ରିଚ୍
କମ୍ୟୁନିକେସନ ପକ୍ଷରୁ

Printed at
Infinity Advertising services
Pvt.Ltd. FBD-One Corporate
Park, 10th floor, New Delhi-
Faridabad border, NH-1,
Faridabad-121003

ପ୍ରକାଶନ ସ୍ଥାନ
ବ୍ୟୁରୋ ଅଫ୍ ଆଉଟରିଚ୍ ଏଣ୍ଡ
କମ୍ୟୁନିକେସନ
ସେକେଣ୍ଡ ଫ୍ଲୋର, ସୂଚନା ଭବନ,
ନୂଆଦିଲ୍ଲୀ-110003

ନିଉ ଇଣ୍ଡିଆ ସମାଚାର

RNI No. : DELODI/2020/78831

response-nis@pib.gov.in

ସମ୍ପାଦକଙ୍କ କଲମରୁ

ଏହି ଯାତ୍ରାକୁ ଆହୁରି ଆଗକୁ ବଢାଇ ନିଉ ଇଣ୍ଡିଆ ସମାଚାରର ଚଳିତ ସଂସ୍କରଣରେ ସରକାର ଗ୍ରହଣ କରିଥିବା ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ଅଧିକରୁ ଅଧିକ ତଥ୍ୟ ପରିବେଷଣ କରାଯାଇଛି । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ନୂଆଦିଲ୍ଲୀରେ ଦେଶର ଶାସନଭାର ହାତକୁ ନେବା ପରେ ପ୍ରଶାସନ କ୍ଷେତ୍ରରେ ଯେଉଁ ବ୍ୟାପକ ପରିବର୍ତ୍ତନ ଆସିଛି ଆମର ପ୍ରଚ୍ଛଦ ପ୍ରସଙ୍ଗରେ ତାହା ପ୍ରତିଫଳିତ ହୋଇଛି । ଯୋଜନାଗୁଡିକ ସ୍ୱଚ୍ଛତାର ସହ ତ୍ୱରିତ କାର୍ଯ୍ୟକାରୀ ହେଉ, ସରକାର ଏହି ନୀତିରେ ବିଶ୍ୱାସ କରନ୍ତି । ପିଏମ୍‌ଜେଡିୱାଇ, ଆୟୁଷ୍ମାନ ଭାରତ, ଉଜ୍ଜ୍ୱଳା ଏବଂ ଅନ୍ୟ ଯେକୌଣସି ଯୋଜନା, ଏ ସବୁକୁ ସରକାର ନିଷ୍ଠାର ସହ କାର୍ଯ୍ୟକାରୀ କରି ଏହାର ସୁଫଳ ଲୋକଙ୍କୁ ଯୋଗାଇ ଦେଉଛନ୍ତି। ପରିଣାମ ମଧ୍ୟ ଦୃଶ୍ୟମାନ ହେଉଛି । ଏହି ପରିବର୍ତ୍ତନ ପଛରେ ପ୍ରଧାନମନ୍ତ୍ରୀଙ୍କର ସକ୍ରିୟ ଆଭିମୁଖ୍ୟ ନିହିତ ।

ଜାତୀୟ ନମୁନା ସର୍ବେକ୍ଷଣ ତଥା ଏଥିରେ ସଂପୃକ୍ତ ଡାଟା ୱାରିୟର୍ସ ବା ତଥ୍ୟାବଳୀ ସଂଗ୍ରହକାରୀଙ୍କ ଜୀବନ ଉପରେ ଆମେ ଏକ ଚିତ୍ତାକର୍ଷକ କାହାଣୀ ରଖିଛୁ । ସେମାନେ କିପରି ସବୁପ୍ରକାର ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ନୀତିନିର୍ଦ୍ଧାରଣ ପାଇଁ ଡାଟା ସଂଗ୍ରହ କରୁଛନ୍ତି ସେ ବିଷୟ ସେଥିରେ ବର୍ଣ୍ଣିତ । ସେହିଭଳି ଆୟୁଷ୍ମାନ ଭାରତ ଯୋଜନା ଉପରେ ଏକ ପୂର୍ଣ୍ଣାଙ୍ଗ ଲେଖା ନିଶ୍ଚିତଭାବେ ଆମ ପାଠକଙ୍କ ଜ୍ଞାନ ବଢାଇବାରେ ସହାୟକ ହେବ । ଏହାଛଡା ଏହି ସଂସ୍କରଣରେ ଭାରତୀୟ ଖେଳନା ଉଦ୍ୟୋଗ ସଂପର୍କରେ ଏକ ପ୍ରସଙ୍ଗ ରହିଛି । ପ୍ରଧାନମନ୍ତ୍ରୀଙ୍କ କହିବା ଅନୁସାରେ ଏହି ଉଦ୍ୟୋଗରେ ଯଥେଷ୍ଟ ସମ୍ଭାବନା ରହିଛି; ଯାହା ଏକ ଭାରତ, ଶ୍ରେଷ୍ଠ ଭାରତ ନିର୍ମାଣକୁ ବାସ୍ତବ ରୂପ ଦେବାରେ ଆମ ସ୍ୱପ୍ନକୁ ପୂରଣ କରିବାର ସାମର୍ଥ୍ୟ ରଖିଛି । ଭାରତୀୟ ସଂସ୍କୃତି ଓ ମୂଲ୍ୟବୋଧ ସହିତ ଯଦି ଟେକ୍ନୋଲଜିକୁ ମିଶାଇ ଆମେ ସ୍ୱଦେଶୀ ଜ୍ଞାନକୌଶଳରେ ଖେଳନା ତିଆରି କରିପାରିବା ତେବେ ଏହା ଶ୍ରେଷ୍ଠ ଭାରତ ନିର୍ମାଣରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ । ସ୍ୱଚ୍ଛ ସର୍ବେକ୍ଷଣ ସଂକ୍ରାନ୍ତ ଲେଖା ପାଠକଙ୍କ ପାଇଁ ବେଶ୍ ଆନନ୍ଦଦାୟକ ହେବ । ଦେଶର ବିଭିନ୍ନ ସହରରେ କିପରି ଅଭିନବ ବିଚାର ଓ ନବସୃଜନର ସହିତ ବିଭିନ୍ନ ବିକାଶମୂଳକ କାର୍ଯ୍ୟ କାର୍ଯ୍ୟକାରୀ ହେଉଛି, ସେ ସଂପର୍କରେ ତଥ୍ୟ ପାଠକ ପାଇବେ । ଅନ୍ୟତମ ଆନନ୍ଦଦାୟକ କାହାଣୀଟି ହେଲା ବୌଦ୍ଧ ସର୍କିଟ ସଂକ୍ରାନ୍ତ ସଦ୍ୟତମ ପ୍ରୟାସ । ଉତ୍ତର ପ୍ରଦେଶର କୁଶୀନଗର ବିମାନ ବନ୍ଦରକୁ ସରକାର ଆନ୍ତର୍ଜାତିକ ମାନ୍ୟତା ପ୍ରଦାନ କରିଛନ୍ତି ।

୧୮୯୩ ସେପ୍ଟେମ୍ବର 11ରେ ସିକାଗୋରେ ଅନୁଷ୍ଠିତ ବିଶ୍ୱ ଧର୍ମ ସମ୍ମିଳନୀରେ ସ୍ୱାମୀ ବିବେକାନନ୍ଦ ଦେଇଥିବା ପ୍ରଖ୍ୟାତ୍ ଭାଷଣର ସ୍ମୃତିଚାରଣ ସ୍ୱରୂପ ଏହି ମହାନ୍ ସନ୍ଥଙ୍କ ଜୀବନୀ ଉପରେ ଏକ ଲେଖା ଏହି ସଂଖ୍ୟାରେ ପ୍ରକାଶ ପାଇଛି । ଏହା ପାଠକମାନଙ୍କ ଜ୍ଞାନ ବୃଦ୍ଧିରେ ନିଶ୍ଚିତ ସହାୟକ ହେବ । ସ୍ୱାମୀଜୀ ମିସିଗାନ ବିଶ୍ୱବିଦ୍ୟାଳୟରେ ଅବସ୍ଥାନ କରିବା ସମୟରେ ଦଳେ ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତରରେ ସାହସର ସହିତ କହିଥିଲେ, 'ଏହା ଆପଣମାନଙ୍କ ଶତାବ୍ଦୀ; କିନ୍ତୁ ଏକବିଂଶ ଶତାବ୍ଦୀ ଭାରତର ହେବ ।' ଏବେ ଆମେ ଦେଖୁଛୁ ତାହା କିପରି ଘଟୁଛି ।

ଅନ୍ୟାନ୍ୟ ନିୟମିତ ବିଭାଗ ଓ ବିଷୟବସ୍ତୁ ସହିତ ଆମେ ଆମର ପାଠକମାନଙ୍କ ମତାମତକୁ ସ୍ୱାଗତ କରୁଛୁ। ପାଠକଙ୍କ ଜ୍ଞାନବୃଦ୍ଧି ପାଇଁ ଆମେ ସର୍ବଦା ସ୍ୱତନ୍ତ୍ର ଏବଂ ଆନନ୍ଦଦାୟକ ଲେଖା ଓ ତଥ୍ୟମାନ ଏଥିରେ ପ୍ରକାଶ କରିବାକୁ ଉଦ୍ୟମ ଅବ୍ୟାହତ ରଖିଛୁ । ନିଉ ଇଣ୍ଡିଆ ସମାଚାର ସରକାରଙ୍କ ମୁଖପତ୍ର ନୁହେଁ । ସାଂପ୍ରତିକ ବିଷୟବସ୍ତୁଗୁଡିକୁ ଅନୁପମ ଢଙ୍ଗରେ ଉପସ୍ଥାପନ କରି ଆମେ ଆମ ପାଠକମାନଙ୍କୁ ବିଭିନ୍ନ ବିଷୟରେ ଅଧିକରୁ ଅଧିକ ଅବଗତ କରିବାକୁ ଉଦ୍ୟମ କରୁଛୁ । ଆପଣମାନେ ଆପଣମାନଙ୍କ ମୂଲ୍ୟବାନ ମତାମତ ଆମ ଇମେଲ e-mail: response-nis@pib.gov.in.ରେ ପଠାଇବାକୁ ଅନୁରୋଧ । ଏହି ସଂଖ୍ୟାଟି ଆପଣଙ୍କ ପାଇଁ ତଥ୍ୟମୂଳକ ହେବ ଓ ଆପଣ ଏହାକୁ ଉପଭୋଗ କରିବେ ବୋଲି ଆମର ଆଶା ।

ଧନ୍ୟବାଦ



(K S DHATWALIA)

ସ୍ୱାମୀ ବିବେକାନନ୍ଦ ଜଣେ ଯୁବ ଆଦର୍ଶ

ସ୍ୱାମୀ ବିବେକାନନ୍ଦ 1893 ସେପ୍ଟେମ୍ବର 11 ତାରିଖରେ ଦେଇଥିବା ପ୍ରଖ୍ୟାତ ସିକାଗୋ ଭାଷଣ ଏବେ ମଧ୍ୟ ପ୍ରାସଙ୍ଗିକ । ପ୍ରଧାନମନ୍ତ୍ରୀଙ୍କ କହିବା ଅନୁସାରେ "ସ୍ୱାମୀ ବିବେକାନନ୍ଦ କୋଟି କୋଟି ଭାରତୀୟଙ୍କ ମନ ଓ ହୃଦୟରେ ଏବେ ମଧ୍ୟ ବିରାଜମାନ । ଭାରତର ସମର୍ଥ ଓ ପ୍ରଗତିଶୀଳ ଯୁବଶକ୍ତିଙ୍କୁ ନେଇ ସ୍ୱାମୀଜୀଙ୍କର ଏକ ସ୍ୱତନ୍ତ୍ର ମହାନ୍ ଲକ୍ଷ୍ୟ ଥିଲା ।"

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ 2020 ଜାନୁୟାରୀ 12ରେ ସ୍ୱାମୀ ବିବେକାନନ୍ଦଙ୍କ 158ତମ ଜୟନ୍ତୀରେ ପଶ୍ଚିମବଂଗ ଗସ୍ତ କରି ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ଏହି ଆନ୍ତର୍ଜାତିକ ଯୁବ ଆଦର୍ଶଙ୍କ ପ୍ରଖ୍ୟାତ ସିକାଗୋ ଭାଷଣର ସ୍ମୃତିଚାରଣ କରିଥିଲେ । ସ୍ୱାମୀଜୀ 1893 ସେପ୍ଟେମ୍ବର 11ରେ ଦେଇଥିବା ଏହି ଭାଷଣ ଅନେକ ପ୍ରସଙ୍ଗରେ ଚାଲିଥିବା ବିତର୍କର ଧାରା ବଦଳାଇ ଦେଇଥିଲା । ସ୍ୱାମୀ ବିବେକାନନ୍ଦ ପାଶ୍ଚାତ୍ୟ ଜଗତକୁ ହିନ୍ଦୁଧର୍ମ, ଏହାର ପରମ୍ପରା ଏବଂ ଭାରତୀୟ ସଭ୍ୟତା ବିଷୟରେ ଏକ ଯଥାର୍ଥ ପରିଚୟ ପ୍ରଦାନ କରିଥିଲେ ।

ସ୍ୱାମୀଜୀ ତାଙ୍କ ଭାଷଣ ଆମେରିକାର ନାଗରିକମାନଙ୍କୁ ଭାଇ ଓ ଭଉଣୀଭାବେ ସମ୍ବୋଧନ କରି ଆରମ୍ଭ କରିଥିଲେ । ଏହା କହିବା କ୍ଷଣି ବିଶ୍ୱ ଧର୍ମ ସମ୍ମିଳନୀରେ ସ୍ୱାମୀଜୀଙ୍କୁ ଉଚ୍ଛ୍ୱସିତ କରତାଳି ଦେଇ ଉପସ୍ଥିତ ଜନତା ସ୍ୱାଗତ ଓ ଉତ୍ସାହିତ କରିଥିଲେ । ତାଙ୍କ ଭାଷଣରେ ସ୍ୱାମୀଜୀ କହିଥିଲେ, ଲୋକେ ବିଭିନ୍ନ ଧର୍ମ ଓ ପନ୍ଥ ଅନୁସରଣ କରୁଥିଲେ ହେଁ ସେ ସବୁ ଜଣେ ଈଶ୍ୱରଙ୍କ ପାଇଁ ଉଦ୍ଦିଷ୍ଟ ।

ସ୍ୱାମୀଜୀ କହିଥିଲେ, ମୁଁ ଯେଉଁ ଧର୍ମର ଅନୁଗାମୀ ସେହି ଧର୍ମ ସମଗ୍ର ବିଶ୍ୱକୁ ସହନଶୀଳତା ଏବଂ ସାର୍ବଜନୀନ ଗ୍ରହଣୀୟତାର ଶିକ୍ଷା ଦିଏ । ସେଥିପାଇଁ ମୁଁ ଗର୍ବିତ । ଆମେ ସାର୍ବଜନୀନ ସହନଶୀଳତାରେ କେବଳ ବିଶ୍ୱାସ କରୁନା, ଆମେ ମଧ୍ୟ ସବୁ ଧର୍ମକୁ ସତ୍ୟ ବୋଲି ଗ୍ରହଣ କରୁ । ଆମେରିକାର ବିଭିନ୍ନ ପ୍ରାନ୍ତ ଭ୍ରମଣ କରିବା ଅବସରରେ ସେ ଯାହା ସବୁ ଦେଖିଲେ ତାହା ତାଙ୍କ ଭାଷଣରେ ପ୍ରତିଫଳିତ ହୋଇଥିଲା । ସେ ମଧ୍ୟ ଏହି ବିଶ୍ୱ ଧର୍ମ ସମାବେଶରେ ହିନ୍ଦୁଧର୍ମ ଉପରେ ନିଜର ଏକ ସନ୍ଦର୍ଭ ଉପସ୍ଥାପନ କରିଥିଲେ । ତାଙ୍କ ଭାଷଣରେ ଧାର୍ମିକ ଐକ୍ୟ ସଂପର୍କରେ ସେ ବେଶ୍ ଚମତ୍କାର ଆଲୋଚନା କରି ସମସ୍ତଙ୍କ ପ୍ରଶଂସା ଭାଜନ ହୋଇଥିଲେ। ସ୍ୱାମୀ ବିବେକାନନ୍ଦଙ୍କ ବାଣୀ ଏବଂ ତାଙ୍କ ବାକ୍‌ଶୈଳୀ ଆମେରିକାବାସୀଙ୍କ ହୃଦୟକୁ ଛୁଇଁଥିଲା । ସେହି ଗସ୍ତ ସମୟରେ ଆମେରିକାର ବିଭିନ୍ନ ପ୍ରମୁଖ ସହରକୁ ତାଙ୍କୁ ନିମନ୍ତ୍ରଣ କରାଯାଇଥିଲା ଏବଂ ସେଠାରେ ସେ ଅନେକ ବକ୍ତୃତା ଦେଇଥିଲେ।

ଜନ୍ମ : ଜାନୁଆରୀ 12, 1863
ପରଲୋକ : ଜୁଲାଇ 4, 1902

ଭାରତ ଫେରିବା ପରେ ସ୍ୱାମୀଜୀ ଯୁବବର୍ଗଙ୍କ ପାଇଁ କାମ କରିବା ଆରମ୍ଭ କରିଥିଲେ । ତାଙ୍କର ବାର୍ତ୍ତା ଥିଲା ଏକ ସମାବେଶୀ ସମୃଦ୍ଧ ସମାଜ ଗଠନ କରିବା।

ଭାରତ ଏବଂ ଏହାର ଯୁବବର୍ଗଙ୍କ ଉତ୍ଥାନ ପାଇଁ ତାଙ୍କର ଏକ ସ୍ୱତନ୍ତ୍ର ଲକ୍ଷ୍ୟ ରହିଥିଲା । ଶ୍ରୀମଦ୍ ଭଗବତ୍ ଗୀତା ପଢିବା ପୂର୍ବରୁ ଫୁଟବଲ ଖେଳ ବୋଲି ସ୍ୱାମୀଜୀ ଯେତେବେଳେ କହିଲେ, ସେତେବେଳେ ତାଙ୍କ ମନରେ ଯୁବକମାନଙ୍କ କଥା ଅଗ୍ରାଧିକାର ପାଇଥିଲା । ସେ ଆହୁରି କହିଥିଲେ ଯେ ଅର୍ଥ ବିନା ମଣିଷ ଗରିବ ନୁହେଁ, ମଣିଷ ପାଖରେ ସ୍ୱପ୍ନ ଓ ଅଭିଳାଷର ଅଭାବ ହେଲେ ସେ ବାସ୍ତବରେ ଗରିବ ହୁଏ । ତୁମେ ତୁମ ନିଜ ଭାଗ୍ୟର ସ୍ରଷ୍ଟା ବୋଲି ସେ ଯୁବସମାଜଙ୍କ ଉଦ୍ଦେଶ୍ୟରେ କହିଥିଲେ ।

ସ୍ୱାମୀ ବିବେକାନନ୍ଦ ଊନବିଂଶ ଶତାବ୍ଦୀର ମହାନ ଯୋଗୀ ଓ ସାଧକ । ରାମକୃଷ୍ଣ ପରମହଂସଙ୍କର ସେ ପ୍ରମୁଖ ଶିଷ୍ୟ ଥିଲେ । ସେ ରାମକୃଷ୍ଣ ମଠ ପ୍ରତିଷ୍ଠା କରିଥିଲେ । କୋଲକାତାରେ ପ୍ରତିଷ୍ଠା ହୋଇଥିବା ଏହି ମଠ ଗୁରୁଙ୍କ ବାଣୀ ଓ ଶିକ୍ଷା ଅନୁସାରେ ପରିଚାଳିତ । ରାମକୃଷ୍ଣ ମିଶନ ମାଧ୍ୟମରେ ଏହି ମଠ ବିଶ୍ୱବ୍ୟାପୀ ଏବେ ଆଧାତ୍ମିକ କାର୍ଯ୍ୟକ୍ରମ ଚଳାଇଛି। ଏହା ପ୍ରାଚୀନ ହିନ୍ଦୁ ଦର୍ଶନ ବେଦାନ୍ତ ନୀତିରେ ଗୁରୁତ୍ୱ ଦେଇଥାଏ ।

ଗରିବଙ୍କ ପାଇଁ ବରଦାନ, ଇଣ୍ଡିଆ ପୋଷ୍ଟ ପେମେଣ୍ଟସ ବ୍ୟାଙ୍କ

ଡାକ ବିଭାଗ ପକ୍ଷରୁ 2018 ସେପ୍ଟେମ୍ବର 1 ତାରିଖରେ 'ଆପ୍‌କା ବ୍ୟାଙ୍କ, ଆପ୍‌କେ ଦ୍ୱାର' ନାମରେ ଏକ ବୃହତାକାଂକ୍ଷୀ ଯୋଜନା ଆରମ୍ଭ କରାଯାଇଥିଲା । ଏହା ଇଣ୍ଡିଆ ପୋଷ୍ଟ ପେମେଣ୍ଟସ ବ୍ୟାଙ୍କ ନାମରେ ମଧ୍ୟ ପରିଚିତ । ଗ୍ରାମାଞ୍ଚଳରେ ରହୁଥିବା ଗରିବ ଲୋକଙ୍କ ପାଇଁ ଏହା ଏକ ବରଦାନ ସଦୃଶ ପ୍ରମାଣିତ ହୋଇଛି।

ଏହି ଯୋଜନାରେ ମୋଟ ଆକାଉଣ୍ଟଧାରୀଙ୍କ ସଂଖ୍ୟା 2 କୋଟିରୁ ଅଧିକରେ ପହଞ୍ଚିଛି। କରୋନା ମହାମାରୀ ସମୟରେ ଗ୍ରାମାଞ୍ଚଳରେ ରହୁଥିବା ଲୋକଙ୍କ ପାଇଁ ଏହା ଏକ ଜୀବନରେଖାଭାବେ କାର୍ଯ୍ୟ କରିଛି ।

ଲକ୍‌ଡାଉନ ସମୟରେ ଏହା ମାଧ୍ୟମରେ 85 ଲକ୍ଷ ହିତାଧିକାରୀଙ୍କୁ 15 ଶହ କୋଟି ଟଙ୍କା ପ୍ରଦାନ କରାଯାଇଥିଲା । ଏହି ବ୍ୟାଙ୍କ ଯୋଗୁଁ 760 କୋଟି ଟଙ୍କା 75 ଲକ୍ଷ ମନିଅର୍ଡର ଦ୍ୱାରା ଲୋକଙ୍କ ପାଖକୁ ପଠାଯାଇଛି । ଏହାଛଡା ଏହି ବ୍ୟବସ୍ଥାରେ ଡିବିଟି ମାଧ୍ୟମରେ 1100 କୋଟି ଟଙ୍କା ହିତାଧିକାରୀଙ୍କ ଖାତାକୁ ଯାଇଥିଲା । ■

ଯୋଜନା: ଏହି ଯୋଜନାରେ ଗ୍ରାମାଞ୍ଚଳର ଯେକୌଣସି ବ୍ୟକ୍ତିବିଶେଷ ସ୍ଥାନୀୟ ଡାକଘରୁ ବ୍ୟାଙ୍କ ସୁବିଧା ପାଇପାରିବେ । ଏଥିପାଇଁ ଆଧାରକାର୍ଡ ବ୍ୟବହୃତ ହେବ । ଯିଏ ଚାହିଁବ ଏକ ଫୋନ ମେସେଜ ଦେଇ ପୋଷ୍ଟମ୍ୟାନଙ୍କୁ ଡାକିପାରିବ । ଇଣ୍ଡିଆ ପୋଷ୍ଟ ପେମେଣ୍ଟସ ବ୍ୟାଙ୍କ ଦେଶର 1ଲକ୍ଷ 36 ହଜାରରୁ ଅଧିକ ଡାକଘରେ ଲୋକଙ୍କୁ ସେବା ଯୋଗାଉଛି ।

1.22 କୋଟି ଚାଷୀଙ୍କୁ କିଷାନ କ୍ରେଡିଟ କାର୍ଡ

କରୋନା ମହାମାରୀ ପ୍ରଭାବରୁ କୃଷି କ୍ଷେତ୍ରକୁ ସୁରକ୍ଷିତ କରିବା ପାଇଁ ଚାଷୀମାନଙ୍କୁ କୋହଳ ହାରରେ ଋଣ ଯୋଗାଇ ଦେବାକୁ ଏକ ଯୋଜନା କାର୍ଯ୍ୟକାରୀ ହୋଇଛି । ଏଥିରେ କିଷାନ କ୍ରେଡିଟ କାର୍ଡ ମାଧ୍ୟମରେ ଚାଷୀଙ୍କୁ ଋଣ ସହାୟତା ଯୋଗାଇ ଦିଆଯାଉଛି । 2020 ଅଗଷ୍ଟ 17 ସୁଦ୍ଧା 1.22 କୋଟି ଚାଷୀଙ୍କୁ ଏହି କାର୍ଡ ଯୋଗାଇ ଦିଆଯାଇଛି । ଏ ବାବଦରେ ସଂପୃକ୍ତ ଚାଷୀଙ୍କ ନିମନ୍ତେ 1.02 ଲକ୍ଷ କୋଟି ଟଙ୍କା ଋଣ ପ୍ରଦାନ ସୀମାଧାର୍ଯ୍ୟ କରାଯାଇଛି । ଏଭଳି ନିଷ୍ପତ୍ତି ଫଳରେ ଗ୍ରାମ୍ୟ ଅର୍ଥନୀତିର ପୁନରୁଦ୍ଧାର ହେବା ସହିତ କୃଷି ଅଭିବୃଦ୍ଧି ବଢିବ ବୋଲି ଆଶା କରାଯାଉଛି । ସେହିଭଳି ଏମ୍‌ଏସ୍‌ଏମ୍‌ଇ ସହିତ ଆଉ କେତେକ କ୍ଷେତ୍ରକୁ ଶତପ୍ରତିଶତ ଏମର୍ଜେନ୍ସି କ୍ରେଡିଟ ଲାଇନ ଗ୍ୟାରେଣ୍ଟି ସ୍କିମ୍ ମାଧ୍ୟମରେ ଉଭୟ ଘରୋଇ ଓ ସରକାରୀ ଉଦ୍ୟୋଗକୁ ଋଣ ଯୋଗାଣର ବ୍ୟବସ୍ଥା ହୋଇଛି । ଏ ବାବଦରେ ଚଳିତବର୍ଷ ଅଗଷ୍ଟ 18 ତାରିଖ ସୁଦ୍ଧା 1.5 ଲକ୍ଷ କୋଟି ଟଙ୍କା ଋଣ ମଂଜୁର କରାଯାଇଛି । ସେଥିମଧ୍ୟରୁ ଏକଲକ୍ଷ କୋଟିରୁ ଅଧିକ ଟଙ୍କା ଇତିମଧ୍ୟରେ ପ୍ରଦାନ କରାଗଲାଣି । ■

ମାତ୍ର 2 ଘଣ୍ଟାରେ ପୋର୍ଟେବୁଲ ହସ୍‌ପିଟାଲ- ମେଡିକ୍ୟାବ୍

ସଂକଟ କିପରି ସୁଯୋଗରେ ପରିଣତ ହୋଇପାରିବ କରୋନା ମହାମାରୀ ସମୟରେ ତାହାର ଅନେକ ଉଦାହରଣ ଦେଖିବାକୁ ମିଳିଛି । ଗୋଟିଏ ସ୍ଥାନରୁ ଆଉ ଗୋଟିଏ ସ୍ଥାନକୁ ନେଇ ହେଉଥିବା ଏକ ପୋର୍ଟେବୁଲ ହସ୍‌ପିଟାଲ ଭାରତରେ ତିଆରି ହେବା ଗୋଟିଏ ସୁନ୍ଦର ଉଦାହରଣ । ମେଡିକ୍ୟାବ୍ ନାମରେ ନାମିତ ଏହି ହସ୍‌ପିଟାଲଟି ମାତ୍ର 2 ଘଣ୍ଟା ମଧ୍ୟରେ ତିଆରି ହୋଇପାରିବ। ଭାରତର ଯେକୌଣସି ଜାଗାରେ ଯେକୌଣସି ପାଣିପାଗ ଓ ସ୍ଥିତିରେ ଏହାକୁ ତିଆରି କରିହେବ । ଏହା ମଧ୍ୟ ପ୍ରତିକୂଳ ପାଣିପାଗକୁ ମୁକାବିଲା କରିବାକୁ ସମର୍ଥ । ତିରୁବନନ୍ତପୁରମ୍‌ସ୍ଥିତ ଶ୍ରୀଚିତ୍ର ତିରୁନାଲ ମେଡିକାଲ ସାଇନ୍ସ ଓ ଟେକ୍ନୋଲଜି ପ୍ରତିଷ୍ଠାନ ଏବଂ ଆଇଆଇଟି ମାଡ୍ରାସ୍ ମିଳିତଭାବେ ଏହାକୁ ତିଆରି କରିଛନ୍ତି। କରୋନାର ମୁକାବିଲା ପାଇଁ ଏହା ମୁଖ୍ୟତଃ ତିଆରି ହୋଇଛି । ଏଭଳି ଦୁଇଟି ମେଡିକ୍ୟାବ୍ ହସ୍‌ପିଟାଲ ବର୍ତ୍ତମାନ କାର୍ଯ୍ୟ କରୁଛି । ସେଥିରୁ ଗୋଟିଏ ଚେନ୍ନଇର ଚେଙ୍ଗଲପଟୁରେ ଲୋକଙ୍କୁ ସେବା ଯୋଗାଉଛି ଏଥିରେ 30 ଶଯ୍ୟା ରହିଛି । ସେହିଭଳି କେରଳର ୱାୟନାଡରେ 12 ଶଯ୍ୟା ବିଶିଷ୍ଟ ଏଭଳି ଏକ ହସ୍‌ପିଟାଲ କାର୍ଯ୍ୟ କରୁଛି । ■

20 ଦିନରେ ସେତୁ ନିର୍ମାଣ କଲା ବି.ଆର.ଓ

ସୀମାନ୍ତ ସଡ଼କ ସଂଗଠନ ବି.ଆର.ଓ ମାତ୍ର 20 ଦିନ ମଧ୍ୟରେ 180 ଫୁଟ ଲମ୍ବର ଏକ ଲୁହା ସେତୁ (ବେଲି ବ୍ରିଜ) ନିର୍ମାଣ କରି ନୂତନ ସଫଳତା ଅର୍ଜନ କରିଛି । ଏହା ଫଳରେ ଉତ୍ତରାଖଣ୍ଡର ପିଥୋରାଗଡ଼ ଜିଲା ଅନ୍ତର୍ଗତ ଜାଉଲଜିବି ଓ ମୁନ୍‌ସିଆରୀ ମଧ୍ୟରେ ସଡ଼କ ସଂଯୋଗ ସ୍ଥାପିତ ହେବାରୁ 20ଟି ଗାଁର 15 ହଜାର ଲୋକ ଉପକୃତ ହୋଇଛନ୍ତି । ପାହାଡ ପର୍ବତ ଘେରା ଏହି ଅଞ୍ଚଳରେ ବାରମ୍ବାର ଭୂସ୍ଖଳନ ଏବଂ ପ୍ରବଳ ବର୍ଷା ସତ୍ତ୍ୱେ 3 ସପ୍ତାହରୁ କମ୍ ଦିନରେ ବି.ଆର.ଓ ଏହି ସଫଳତା ହାସଲ କରିଛି । ପୂର୍ବରୁ ସେହି ସ୍ଥାନରେ 50 ଫୁଟର ଏକ କଂକ୍ରିଟ ପୋଲ ଥିଲା । ବାଦଲଫଟା ବର୍ଷା ଫଳରେ ଗତ ଜୁଲାଇ 27 ତାରିଖରେ ବନ୍ୟା ଆସି ଏହି ସେତୁଟି ଧୋଇଯାଇଥିଲା। ସଡକ ସଂଯୋଗ ବିଚ୍ଛିନ୍ନ ହେବା ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ । ସେହି ବର୍ଷା ଏବଂ ବନ୍ୟାରେ ସଂପୃକ୍ତ ଅଞ୍ଚଳର ବହୁ ଲୋକ ମଧ୍ୟ ମୃତାହତ ହୋଇଥିଲେ । ■

ଉତ୍ତର ପୂର୍ବାଞ୍ଚଳରେ ରେଳ ସଂଯୋଗ ପାଇଁ 27,655 କୋଟି ଟଙ୍କା ନିବେଶ

ଉତ୍ତର ପୂର୍ବାଞ୍ଚଳର ସାମଗ୍ରିକ ବିକାଶ ଉପରେ କେନ୍ଦ୍ର ସରକାର ବିଶେଷ ଗୁରୁତ୍ୱ ଦେଉଛନ୍ତି। ସେହି ଅଞ୍ଚଳରେ ରେଳ ସଂଯୋଗର ବିକାଶ ପାଇଁ କେନ୍ଦ୍ର ସରକାର 2014ରୁ 2019 ମଧ୍ୟରେ 27,655 କୋଟି ଟଙ୍କା ନିବେଶ କରିଛନ୍ତି । 200୨ରୁ 2014 ମଧ୍ୟରେ ଏ କ୍ଷେତ୍ରରେ ମାତ୍ର 10,610 କୋଟି ଟଙ୍କା ନିବେଶ ହୋଇଥିଲା । ଏବେ ସମଗ୍ର ଉତ୍ତର ପୂର୍ବାଞ୍ଚଳ ରାଜ୍ୟ (କେବଳ ସିକ୍କିମକୁ ଛାଡି) ଭାରତୀୟ ମୁଖ୍ୟ ଭୂଖଣ୍ଡ ସହ ରେଳ ବ୍ୟବସ୍ଥାରେ ସଂଯୁକ୍ତ ହୋଇଛି । 2022 ସୁଦ୍ଧା ସିକ୍କିମକୁ ରେଳ ସଂଯୋଗ ଯୋଗାଇ ଦେବାର ଲକ୍ଷ୍ୟ ରଖାଯାଇଛି । ■

ଜମ୍ମୁ କଶ୍ମୀରରେ ସଡ଼କ ନିର୍ମାଣରେ ପ୍ଲାଷ୍ଟିକର ବ୍ୟବହାର

କେନ୍ଦ୍ର ସରକାର ଏବେ ଜମ୍ମୁ କଶ୍ମୀର ଏବଂ ଲଦାଖରେ ସଡ଼କ ନିର୍ମାଣ କାର୍ଯ୍ୟକୁ କ୍ଷୀପ୍ରତର କରିଛନ୍ତି । ଲେହ୍ ଜିଲାରେ ପରିତ୍ୟକ୍ତ ପ୍ଲାଷ୍ଟିକକୁ ବ୍ୟବହାର କରାଯାଇ ସଡକ ତିଆରି

କରାଯାଉଛି । ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ଏ ସବୁ ପ୍ଲାଷ୍ଟିକ ମୁଖ୍ୟତଃ ବ୍ୟବହାର କରାଯାଉଛି । ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ଏଯାଏଁ ଜମ୍ମୁ କଶ୍ମୀରରେ 11517 କିଲୋମିଟର ଲମ୍ବର 1୪5୪ଟି ସଡକ ଏବଂ ୪4ଟି ସେତୁ ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ ହୋଇଛି । ସେହିଭଳି ଏହି ଯୋଜନାରେ ଚଳିତବର୍ଷ ଜୁଲାଇ ସୁଦ୍ଧା ଲଦାଖରେ ୬୨୨ କିମି ଦୈର୍ଘ୍ୟର ୨ଟି ସଡକ ଓ 2ଟି ସେତୁର ନିର୍ମାଣ କାର୍ଯ୍ୟ ଶେଷ କରାଯାଇଛି । ■

ପ୍ରଶାସନିକ ସେବାରେ ସଫଳ ପ୍ରାର୍ଥୀ ସମ୍ମାନିତ

କେନ୍ଦ୍ର ସରକାର ସଂଖ୍ୟାଲଘୁ ବର୍ଗର ମେଧାବୀ ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ବୃତ୍ତିଗତ ବିକାଶରେ ପ୍ରୋତ୍ସାହିତ କରିବା ପାଇଁ ଉଦ୍ୟମ ଜାରି ରଖିଛନ୍ତି। ଏହାଫଳରେ ଏହି ବର୍ଗର 22 ଜଣ ପରୀକ୍ଷାର୍ଥୀ ପ୍ରଶାସନିକ ସେବା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ପ୍ରାୟ ସମସ୍ତେ ଗରିବ, ଦୁର୍ବଳ ଓ ବଞ୍ଚିତ ବର୍ଗର। 'ନଈ ଉଡାନ୍' ଯୋଜନାରେ ସିଭିଲ ସର୍ଭିସ ପରୀକ୍ଷା ଦେଉଥିବା ପିଲାମାନଙ୍କୁ ସରକାର କୋଚିଂ ପ୍ରଦାନ କରିବାର ବ୍ୟବସ୍ଥା କରିଛନ୍ତି । ଏହା ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା କାର୍ଯ୍ୟକାରୀ ହେଉଛି । ବିଭାଗୀୟ ମନ୍ତ୍ରୀ ମୁକ୍ତାର ଆବ୍ବାସ ନକଭୀ କହିଛନ୍ତି ଯେ, ସଂଖ୍ୟାଲଘୁ ସଂପ୍ରଦାୟ ମଧ୍ୟରେ ପ୍ରତିଭାର ଅଭାବ ନାହିଁ । ■

ନୀରବ ଯୋଦ୍ଧା

ଆସନ୍ତୁ ଡାଟା ଯୋଦ୍ଧାଙ୍କୁ ସମ୍ମାନିତ କରିବା

ଦେଶର ନୀତି ପ୍ରସ୍ତୁତି ଓ ଅର୍ଥନୀତିରେ ଡାଟା ବା ତଥ୍ୟାବଳୀର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଡାଟା ସଂଗ୍ରହ ଏକ ଅତ୍ୟନ୍ତ ଜଟିଳ କାର୍ଯ୍ୟ । ଏହାର ସଂଗ୍ରହ କାର୍ଯ୍ୟରେ ଯେଉଁମାନେ ନିୟୋଜିତ ସେମାନଙ୍କର ଦାୟିତ୍ୱ ଅଧିକ । ସେମାନେ ଦୂରଦୂରାନ୍ତ ଏବଂ ଅଗମ୍ୟ ଅଞ୍ଚଳକୁ ଯାଇ ବିଭିନ୍ନ ପ୍ରକାର ତଥ୍ୟ ସଂଗ୍ରହ କରିଥାନ୍ତି । ଏହି ଡାଟା ଯୋଦ୍ଧା ସରକାରଙ୍କୁ ନିର୍ଭୁଲ ତଥ୍ୟାବଳୀ ଯୋଗାଇଥାନ୍ତି । ଏଥରର କରୋନା ମହାମାରୀ କାଳରେ ଏହି ଯୋଦ୍ଧାମାନେ ସରକାରଙ୍କୁ ନିର୍ଭୁଲ ସୂଚନା ପ୍ରଦାନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛନ୍ତି । ଏହାଫଳରେ ଜାତୀୟ ନମୁନା ସର୍ବେକ୍ଷଣର 'ନିର୍ଭୁଲ ଡାଟା ଓ ତ୍ରୁଟିହୀନ ବିକାଶ' ସ୍ଲୋଗାନ ଲକ୍ଷ୍ୟ ପୂରଣ ହୋଇପାରିବ

ଆପଣ ନିଶ୍ଚୟ ପରିମଳ ଯୋଦ୍ଧା, କରୋନା ଯୋଦ୍ଧା ଆଦିଙ୍କ ନାମ ଶୁଣିଥିବେ । ଏମାନେ ଦେଶର ପରିଚ୍ଛନ୍ନତା ଓ ମହାମାରୀ ମୁକାବିଲା କ୍ଷେତ୍ରରେ ଅତ୍ୟନ୍ତ ପ୍ରତିକୂଳ ପରିସ୍ଥିତିରେ କାର୍ଯ୍ୟ କରୁଛନ୍ତି । ସେହିଭଳି ନିରନ୍ତର ବିକାଶ ଲକ୍ଷ୍ୟ ପୂରଣ ପାଇଁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାରେ ଲୋକମାନେ କିପରି ଉପକୃତ ହେଉଛନ୍ତି ସେ ସଂପର୍କରେ ତଥ୍ୟ ସଂଗ୍ରହ ସହିତ ଅଗମ୍ୟ ଓ ଦୂରଦୂରାନ୍ତ ଅଞ୍ଚଳରେ ଥିବା ଲୋକଙ୍କ ଦାରିଦ୍ର୍ୟ, ନିଯୁକ୍ତି, ସ୍ୱାସ୍ଥ୍ୟ, ଅର୍ଥନୀତି, ମୁଦ୍ରାସ୍ଫୀତି, ରୋଜଗାର ଆଦି ସଂପର୍କରେ ବେଶ୍ କିଛି ଲୋକ ବିଭିନ୍ନ ପ୍ରକାର ତଥ୍ୟାବଳୀ ସଂଗ୍ରହ କରୁଛନ୍ତି । ଅତ୍ୟନ୍ତ ପ୍ରତିକୂଳ ପରିସ୍ଥିତିରେ ଖରାତରାକୁ ଖାତିର ନ କରି ସେମାନେ ଲୋକଙ୍କ ପାଖରେ ପହଞ୍ଚି ସେମାନଙ୍କ ନିକଟରୁ ତଥ୍ୟାବଳୀ ସଂଗ୍ରହ କରୁଛନ୍ତି । ତେଣୁ ସେମାନେ ମଧ୍ୟ ଯୋଦ୍ଧା ଏବଂ ଯଥାର୍ଥରେ ଡାଟା ଯୋଦ୍ଧା ବୋଲି କୁହାଯାଉଛି । ଏବେ ପ୍ରଶ୍ନ ଉଠୁଛି, ଏହିସବୁ ସଂଗୃହୀତ ତଥ୍ୟାବଳୀକୁ କିଏ ବ୍ୟବହାର କରିବ ଏବଂ କ'ଣ ପାଇଁ ଏହା ବ୍ୟବହୃତ ହେବ ।

ଏହିସବୁ ଡାଟା ଯୋଦ୍ଧା ଜାତୀୟ ନମୁନା ସର୍ବେକ୍ଷଣ ସଂସ୍ଥାର । ସେମାନେ ସରକାରଙ୍କ ବିଭିନ୍ନ ଯୋଜନା ଏବଂ ନୀତି ସଂକ୍ରାନ୍ତ ତଥ୍ୟାବଳୀ ସଂଗ୍ରହ କରିଥାନ୍ତି ଓ ଏହାକୁ ଭିତ୍ତିକରି ସରକାର ଲୋକଙ୍କ ପାଖରେ ପହଞ୍ଚିଥାନ୍ତି । କରୋନା ମହାମାରୀ ସମୟରେ ଏହି ନମୁନା ସର୍ଭେ ସଂସ୍ଥାର ପ୍ରାୟ ୬ ଲକ୍ଷ କ୍ଷେତ୍ରସ୍ତରୀୟ ଅଧିକାରୀ ଡାଟା ସଂଗ୍ରହରେ ନିୟୋଜିତ ହୋଇଛନ୍ତି। ତ୍ୱରିତ ବିଶ୍ଳେଷଣ ପାଇଁ ଏସବୁ ଡାଟା ଇଲେକ୍ଟ୍ରୋନିକ ବ୍ୟବସ୍ଥାରେ ରେକର୍ଡ କରାଯାଉଛି ଏବଂ ଏଥିପାଇଁ ଆପ୍ ଭିତ୍ତିକ ଟେକ୍ନୋଲଜି ବ୍ୟବହୃତ ହେଉଛି ।

ଡାଟା କାହିଁକି ଗୁରୁତ୍ୱପୂର୍ଣ୍ଣ ?

ଆମେରିକାର ବିଶିଷ୍ଟ ପରିସଂଖ୍ୟାନବିତ୍ ଉଇଲିୟମ ଏଡ୍‌ୱାର୍ଡ ଡେମିଂଙ୍କ ଉକ୍ତିରୁ ଡାଟାର ମହତ୍ୱ ଏବଂ ଗୁରୁତ୍ୱ ସହଜରେ ବୁଝିହୁଏ । ସେ କହିଥିଲେ 'ଡାଟା ବିନା ଆପଣ କେବଳ ଜଣେ ମତାମତଧାରୀ ମଣିଷ ।' ଅର୍ଥାତ୍ ଡାଟା ବିନା ମଣିଷ ହିସାବରେ ଗଣନା ହୁଏନା । ଅନ୍ୟ ଅର୍ଥରେ ତଥ୍ୟାବଳୀ ବିନା ବ୍ୟକ୍ତିତ୍ୱ ଓ ମତାମତର କିଛି ମୂଲ୍ୟ ନାହିଁ । ଡାଟା ଏକ ବିଚାର ବା ଆଇଡିଆକୁ ଦୃଢୀଭୂତ କରିବାର ଏକ ଭିତ୍ତି । ଉଦ୍ୟୋଗ, ମାର୍କେଟ, ଶିକ୍ଷା, ସ୍ୱାସ୍ଥ୍ୟ, ଖାଦ୍ୟ ଓ ଜୀବନ ନିର୍ବାହଠାରୁ ଆରମ୍ଭ କରି ଅନ୍ୟାନ୍ୟ ସମସ୍ତ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଉଭୟ ସହର ଏବଂ ମଫସଲର ଲୋକେ କେତେ ଅର୍ଥ ଖର୍ଚ୍ଚ କରନ୍ତି ଡାଟା ସଂଗ୍ରହ ଦ୍ୱାରା ତାହା ଜାଣିହୁଏ। ସେହିଭଳି ନୀତି ତିଆରି କରିବା କ୍ଷେତ୍ରରେ ଡାଟାର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଏହାକୁ ଆଧାର କରି ନୀତି ପ୍ରସ୍ତୁତ କରାଯାଏ। ଅତଏବ ସରକାରଙ୍କ କୌଣସି ଯୋଜନା ବା କାର୍ଯ୍ୟକ୍ରମ ସଫଳ ହେବାକୁ ହେଲେ ତଥ୍ୟାବଳୀ ନିର୍ଭୁଲ ହେବା ଆବଶ୍ୟକ । ଜାତୀୟ ନମୁନା ସର୍ବେକ୍ଷଣ ବା ଏନ୍ଏସ୍ଏସ୍‌ର

ନିର୍ଭୁଲ ଡାଟା, ନିର୍ଭୁଲ ବିକାଶ

1D

ଏସ୍‌ଡିଜି ଅଧୀନରେ 17ଟି ଲକ୍ଷ୍ୟ, 169ଟି କାର୍ଯ୍ୟ, 231ଟି ବୈଶ୍ୱିକ ସୂଚକାଙ୍କ ଓ 302 ଜାତୀୟ ସୂଚକାଙ୍କ ସଂପର୍କରେ ଡାଟା ସଂଗ୍ରହ କରାଯାଉଛି ।

2D

ଖାଉଟି ମୂଲ୍ୟସୂଚୀ, ମୁଦ୍ରାସ୍ଫୀତି, ସ୍ୱାସ୍ଥ୍ୟ, ଶିକ୍ଷା, ସମାଜରେ ଉପଭୋକ୍ତାବାଦର ସ୍ଥିତି, ଉଦ୍ୟୋଗ ଓ ଉତ୍ପାଦନ ଆଦି ବିଷୟରେ ଡାଟା ସଂଗୃହୀତ ହେଉଛି ।

3D

ଜାନୁୟାରୀ 2020ରୁ ଏହି ବହୁମୁଖୀ ସୂଚକାଙ୍କ ସର୍ଭେ କାର୍ଯ୍ୟ ଆରମ୍ଭ ହୋଇଛି ଏବଂ ଏହା ଡିସେମ୍ବର 2020 ଯାଏଁ ଚାଲିବ ।

4D

ପ୍ରତି 3 ମାସରେ ଥରେ ଦେଶର ଅର୍ଥନୀତି ସଂକ୍ରାନ୍ତ ଡାଟା ପ୍ରକାଶ କରାଯାଉଛି ।

5D

ବିଭିନ୍ନ ପ୍ରକାର ତଥ୍ୟ ସଂଗ୍ରହ ପାଇଁ 6 ଲକ୍ଷରୁ ଅଧିକ ଡାଟା ଯୋଦ୍ଧା 23 ନିୟୁତ ପରିବାର ପାଖରେ ପହଞ୍ଚି ତଥ୍ୟ ସଂଗ୍ରହ କରିବେ ।

ମହାନିର୍ଦ୍ଦେଶକ ଏ.କେ. ସାଧୁଙ୍କ ମତରେ 'ବିଭିନ୍ନ ସମୟରେ ସରକାର କୃଷି, ଖାଉଟି ମୂଲ୍ୟସୂଚୀ, ଗୃହପାଳିତ ଗୋରୁ, ବଜାର ମୂଲ୍ୟ, ଉତ୍ପାଦନ, ମୁଦ୍ରାସ୍ଫୀତି, ସ୍ୱାସ୍ଥ୍ୟ ଆଦି ବିଷୟରେ ଡାଟା ସଂଗ୍ରହ କରନ୍ତି ।

ଆମ କର୍ମଚାରୀମାନେ ବେଳେବେଳେ ପାହାଡ ଚଢି ନଦୀ ପାରହୋଇ ବିଭିନ୍ନ ଗାଁକୁ ଯାଇ ଲୋକଙ୍କଠାରୁ ତଥ୍ୟ ସଂଗ୍ରହ କରିଥାନ୍ତି। ଡାଟା ସଂଗ୍ରହ କାର୍ଯ୍ୟ ଶେଷ ହେବା ପରେ ଏହାକୁ ଭିତ୍ତିକରି ଏକ ରିପୋର୍ଟ ପ୍ରସ୍ତୁତ ହୁଏ। ସରକାର ଏହି ରିପୋର୍ଟକୁ ଭିତ୍ତିକରି ନୀତି ତିଆରି କରନ୍ତି। ଏକ ବାସ୍ତବବାଦୀ ପ୍ରକଳ୍ପ ବା ସ୍କିମ୍ ତିଆରି କରିବା ପାଇଁ ନିର୍ଭୁଲ ଡାଟା ବ୍ୟବହାର କରିବା ବାଧ୍ୟତାମୂଳକ ।'

ଡାଟା ସଂଗ୍ରହ ସହଜ କାମ ନୁହେଁ

ଯେକୌଣସି ନୀତି ପ୍ରସ୍ତୁତି ପଛରେ ସର୍ବଦା ଏକ ସବିଶେଷ ଅଧ୍ୟୟନ ଏବଂ ଭିତ୍ତି ଥାଏ । ଉଦାହରଣ ସ୍ୱରୂପ ସଡକ, ସ୍ୱାସ୍ଥ୍ୟସେବା ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ପାଇଁ ଯଦି କୌଣସି ଅଞ୍ଚଳରେ ବିକାଶମୂଳକ ଭିତ୍ତିଭୂମି ନିର୍ମାଣର ଆବଶ୍ୟକତା ଥାଏ ସେଥିପାଇଁ ସେ ଅଞ୍ଚଳର ଡାଟା ବା ତଥ୍ୟାବଳୀର ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇଥାଏ । ତଥ୍ୟାବଳୀ ହିଁ ସେ ଅଞ୍ଚଳର ଆବଶ୍ୟକତାକୁ ପ୍ରମାଣିତ କରିଥାଏ ଏବଂ ତଦନୁସାରେ ସରକାର ସେଠାରେ ବିକାଶମୂଳକ କାର୍ଯ୍ୟ କରିବାକୁ ନିଷ୍ପତ୍ତି ନେଇଥାନ୍ତି । ତେବେ ଡାଟା ସଂଗ୍ରହ ଏତେ ସହଜ କାମ ନୁହେଁ, ତଥ୍ୟ ସଂଗ୍ରହକାରୀଙ୍କୁ ଅନେକ ସମୟରେ ପାଦରେ ଚାଲିଚାଲି ଅଗମ୍ୟ ଅଞ୍ଚଳରେ ଥିବା ଗାଁ ଏବଂ ଆଦିବାସୀ ଅଞ୍ଚଳରେ ପହଞ୍ଚିବାକୁ ପଡେ ।

ଏହି ଡାଟା ସଂଗ୍ରହ କାର୍ଯ୍ୟରେ ସଂପୃକ୍ତ ଜଣେ ଅଧିକାରୀ ତାଙ୍କ ଅଭିଜ୍ଞତା ବିଷୟରେ କହନ୍ତି 'ମୁଁ ଆଣ୍ଡାମାନ ନିକୋବରରେ ଥିଲି । ସର୍ଭେ ପାଇଁ ଛୋଟ ଛୋଟ ଦ୍ୱୀପକୁ ବଛାଯାଇଥିଲା । ସେଠାକାର ଭୌଗୋଳିକ ସ୍ଥିତିରେ ଡାଟା ସଂଗ୍ରହ ଆହ୍ୱାନମୂଳକ ଥିଲା। ଡାଟା ଯୋଦ୍ଧାମାନେ ଜାହାଜ ଏବଂ ଛୋଟ ଛୋଟ ଡଙ୍ଗାରେ ଦ୍ୱୀପକୁ ଯାଉଥିଲେ। ଅତ୍ୟନ୍ତ ପ୍ରତିକୂଳ ପରସ୍ଥିତିରେ ସେମାନେ ସେଠାରେ ରହୁଥିଲେ । ଏହା ସତ୍ତ୍ୱେ ନିଜର ଦାୟିତ୍ୱ ଅତ୍ୟନ୍ତ ନିଷ୍ଠା ଓ ଦକ୍ଷତାର ସହ ସଂପାଦନ କରୁଥିଲେ । ଲୋକମାନେ ସର୍ଭେୟର ପ୍ରତି କଠୋର ବ୍ୟବହାର କରୁଥିବାରୁ ବିପଦର ଆଶଙ୍କା ରହିଥାଏ ।' ଏବେ ସମଗ୍ର ଦେଶରେ ବହୁମୁଖୀ ସୂଚକାଙ୍କ ସର୍ଭେ ଚାଲିଛି । ଏହା ଆଗାମୀ ଡିସେମ୍ବର 2020ରେ ଶେଷ ହେବ। ପ୍ରାୟ 6 ଲକ୍ଷ ଡାଟା ଯୋଦ୍ଧା ଏହି କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି । ସେମାନେ ଦେଶର 23 ନିୟୁତ ପରିବାରଙ୍କଠାରୁ ତଥ୍ୟ ସଂଗ୍ରହ କରିବାର ଦାୟିତ୍ୱ ନେଇଛନ୍ତି । ■

ଆମେରିକାର ବିଶିଷ୍ଟ ପରିସଂଖ୍ୟାନବିତ୍ ଉଇଲିୟମ ଏଡ୍‌ୱାର୍ଡ ଡେମିଂଙ୍କ ଉକ୍ତିରୁ ଡାଟାର ମହତ୍ୱ ଏବଂ ଗୁରୁତ୍ୱ ସହଜରେ ବୁଝିହୁଏ। ସେ କହିଥିଲେ 'ଡାଟା ବିନା ଆପଣ କେବଳ ଜଣେ ମତାମତଧାରୀ ମଣିଷ ।'

ଡାଟା ଯୋଦ୍ଧାଙ୍କ କାବ୍ୟିକ ପରିପ୍ରକାଶର ମର୍ମ

କରୋନା ମହାମାରୀ ଯୋଗୁଁ ଯେତେବେଳେ ସମଗ୍ର ବିଶ୍ୱ ଅଚଳ ହୋଇଯାଇଥିଲା ସେତେବେଳେ ସରକାରଙ୍କ ପାଇଁ ଡାଟା ସଂଗ୍ରହ କରିବାର ଆଉ ଏକ ସଂକଟ ମୁଣ୍ଡ ଟେକିଥିଲା । କାରଣ ଉପଯୁକ୍ତ ଡାଟାର ଅଭାବରେ ନୀତି ପ୍ରସ୍ତୁତି କରିବା ସହଜ ନଥିଲା। ଉତ୍ପାଦନ, ମୁଦ୍ରାସ୍ଫୀତି ଏବଂ ନିଯୁକ୍ତି ଆଦି ବିଷୟରେ ତଥ୍ୟାବଳୀ ସଂଗ୍ରହ କରିବା ଜରୁରୀ ଥିଲା । ସରକାରଙ୍କ ଏହି ଆବଶ୍ୟକତା ପୂରଣ କରିବା ପାଇଁ ଏନ୍‌ଏସ୍‌ଏସ୍‌ର ଫିଲ୍ଡ ଅପରେସନ ଡିଭିଜନ ଆଗେଇ ଆସିଥିଲା । ଏହି କର୍ମଚାରୀମାନେ ନିଜ ଜୀବନକୁ ବିପନ୍ନ କରି ବଣ, ପାହାଡ, ନଦନଦୀ ପାର ହୋଇ ପ୍ରବଳ ବର୍ଷା, ଖରା ଓ ଶୀତ ଏବଂ ସର୍ବୋପରି କରୋନା ସଂକ୍ରମଣକୁ ଖାତିର ନ କରି ନିଜର ଦାୟିତ୍ୱ ନିର୍ବାହ କରୁଛନ୍ତି । ତେଣୁ ସେମାନଙ୍କୁ ଯଥାର୍ଥରେ ଡାଟା ଯୋଦ୍ଧା କୁହାଯାଉଛି ।

ସ୍ୱଚ୍ଛ ସର୍ବେକ୍ଷଣ
ସ୍ୱଚ୍ଛ ଭାରତର ଏକ ପ୍ରତିଜ୍ଞା

ମହାତ୍ମା ଗାନ୍ଧୀ କହିଥିଲେ ସ୍ୱଚ୍ଛତା ପ୍ରତ୍ୟେକ ବ୍ୟକ୍ତିର ଅଭ୍ୟାସରେ ପରିଣତ ହେବା ଉଚିତ । ତେଣୁ ଜାତିର ପିତାଙ୍କ ବିଚାରକୁ କାର୍ଯ୍ୟକାରୀ କରିବା ପାଇଁ ଦେଶର ପ୍ରତ୍ୟେକ ସହର ସ୍ୱଚ୍ଛ ସର୍ବେକ୍ଷଣରେ ସମ୍ମାନଜନକ ସ୍ଥାନ ପାଇବା ପାଇଁ ପ୍ରତିଯୋଗିତା କରୁଛନ୍ତି । ଏହା ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସ୍ୱଚ୍ଛ ଭାରତ ଲକ୍ଷ୍ୟକୁ ସାକାର କରିବାକୁ ଚେଷ୍ଟିତ ଅଛନ୍ତି ।

ପାଞ୍ଚବର୍ଷ ତଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯେତେବେଳେ ସ୍ୱଚ୍ଛଭାରତ ଅଭିଯାନ ଆରମ୍ଭ କଲେ ସେତେବେଳେ ସେ ଏହି ଲକ୍ଷ୍ୟକୁ ପୂରଣ କରିବା ପାଇଁ ଦେଶବାସୀ ମିଳିମିଶି କାମ କରିବାକୁ ଆଗେଇ ଆସିବା ପାଇଁ ଆହ୍ୱାନ ଜଣାଇଥିଲେ । କହିବା ବାହୁଲ୍ୟ ଯେ ସ୍ୱଚ୍ଛ ସର୍ବେକ୍ଷଣ ଜନସାଧାରଣଙ୍କ ସ୍ୱାସ୍ଥ୍ୟ, ଜୀବିକା, ଜୀବନଧାରଣର ମାନ ଏବଂ ବିଶେଷ କରି ସେମାନଙ୍କର ବିଚାର ଓ ବ୍ୟବହାରରେ ପରିବର୍ତ୍ତନ ଆଣିବାରେ ସକାରାତ୍ମକ ପ୍ରଭାବ ପକାଇଛି ।

ସ୍ୱଚ୍ଛ ସର୍ବେକ୍ଷଣର 5ମ ସଂସ୍କରଣ ସହରାଞ୍ଚଳ ବିକାଶ ମନ୍ତ୍ରଣାଳୟ ଅଧୀନରେ କାର୍ଯ୍ୟକାରୀ ହେଉଛି । ସ୍ୱଚ୍ଛଭାରତ ମିଶନର କାର୍ଯ୍ୟକାରିତାକୁ ଆକଳନ କରିବା ଏହାର ଲକ୍ଷ୍ୟ । ଚଳିତ ବର୍ଷ ଇନ୍ଦୋର ସହର ଦେଶର ସ୍ୱଚ୍ଛତମ ସହରଭାବେ ବିବେଚିତ ହୋଇ ପୁଣି ଥରେ ଏହି ମର୍ଯ୍ୟାଦାଜନକ ପୁରସ୍କାର ଲାଭ କରିଛି । ଏଥିରେ ସୁରତ ଓ ନବୀମୁମ୍ବାଇ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ଏହି ଦୁଇ ସହର ଏକ ଲକ୍ଷରୁ ଅଧିକ ଲୋକସଂଖ୍ୟା ବର୍ଗରେ ଏହି ସମ୍ମାନ ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ସବୁଠୁ ଅଧିକ ସ୍ୱଚ୍ଛ ପୌରନିଗମ ଓ ସଂସ୍ଥା ବର୍ଗରେ ଛତିଶଗଡ଼ ଦେଶର ଶ୍ରେଷ୍ଠ ସ୍ୱଚ୍ଛ ରାଜ୍ୟଭାବେ ବିବେଚିତ ହୋଇଛି । ଏହାଛଡା ସ୍ୱଚ୍ଛତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଅତିରିକ୍ତ 117ଟି ପୁରସ୍କାର କେନ୍ଦ୍ର ସହରାଞ୍ଚଳ ବିକାଶ ମନ୍ତ୍ରୀ ଶ୍ରୀ ହରଦୀପ୍ ସିଂହ ପୁରୀଙ୍କ ଦ୍ୱାରା ଅଗଷ୍ଟ 20, 2020ରେ ଅନୁଷ୍ଠିତ ଉତ୍ସବରେ ପ୍ରଦାନ କରାଯାଇଛି ।

ଇନ୍ଦୋରର ନିରନ୍ତର ଉତ୍ତମ ପ୍ରଦର୍ଶନ

ମଧ୍ୟପ୍ରଦେଶର ଇନ୍ଦୋର ସହରରେ ପ୍ରାଥମିକ ସ୍ତରରୁ ପ୍ରତ୍ୟେକ ଲୋକଙ୍କ ଘରୁ ଆବର୍ଜନା ସଂଗ୍ରହ କରାଯାଉଛି । ପ୍ରତ୍ୟେକ ଦିନ ସଂଗୃହୀତ ଅଳିଆ ଆବର୍ଜନାକୁ ସହରର 10ଟି ଆବର୍ଜନା ବିଶୋଧନ କେନ୍ଦ୍ରରେ ଶତପ୍ରତିଶତ ଉପଯୋଗ କରାଯାଉଛି ।



- **ଅଳିଆ ଅଲଗା କରିବା କାମ:** 18 ପ୍ରକାରର ଆବର୍ଜନାକୁ ସଂଗ୍ରହ ପରେ ଅଲଗା କରାଯାଉଛି । ଶୁଖିଲା, ଓଦା, ଘରୋଇ ଓ ସଂକ୍ରାମକ ଆଦି ବିଭିନ୍ନ ବର୍ଗରେ ବିଭକ୍ତ କରି ନଷ୍ଟ କରାଯାଉଛି।
- **ମେସିନ ଦ୍ୱାରା ସଫେଇ:** ଇନ୍ଦୋରର ରାସ୍ତାଘାଟଗୁଡିକ ପ୍ରତିଦିନ 23ଟି ମେସିନ ଦ୍ୱାରା ସଫା କରାଯାଉଛି। ଗତ 2ବର୍ଷ ଧରି ଏହି କାମ ନିରନ୍ତରଭାବେ ଚାଲିଛି ।
- **ଘରୋଇ ଅଳିଆରୁ କମ୍ପୋଷ୍ଟ ପ୍ରସ୍ତୁତି:** ଦେଶର ପ୍ରଥମ ସହରଭାବେ ଇନ୍ଦୋର ଘରୋଇ ଆବର୍ଜନାକୁ କମ୍ପୋଷ୍ଟ ଖତରେ ପରିଣତ କରୁଛି । ସହରର 45,000 ଘରେ ଘରୋଇ ଆବର୍ଜନାକୁ କମ୍ପୋଷ୍ଟରେ ପରିଣତ କରାଯାଉଛି ।
- **ଅଳିଆ ପରିବହନ :** ସଂଗୃହୀତ ଆବର୍ଜନାକୁ 1,150ଟି ଯାନଦ୍ୱାରା ଆବର୍ଜନା କେନ୍ଦ୍ରକୁ ଅଣାଯାଉଛି ।
- **ସର୍ବସାଧାରଣ ଶୌଚାଳୟ :** ଇନ୍ଦୋର ସହରର ସବୁ ସର୍ବସାଧାରଣ ସ୍ଥାନରେ ଶୌଚାଳୟର ବ୍ୟବସ୍ଥା କରାଯାଇଛି। ରାସ୍ତାରେ ଛେପ ପକାଇବା ବା ମଳତ୍ୟାଗ କଲେ ସଂପୃକ୍ତ ଲୋକଙ୍କ ଉପରେ ସ୍ଥାନୀୟ ପୌର ପ୍ରଶାସନ ଦଣ୍ଡବିଧାନ ବ୍ୟବସ୍ଥା କରିଛି ।
- **ପ୍ଲାଷ୍ଟିକମୁକ୍ତ ସହର:** ଇନ୍ଦୋର ସହରରେ ପ୍ଲାଷ୍ଟିକ ବ୍ୟବହାରକୁ ନିଷିଦ୍ଧ କରାଯାଇଛି । ପ୍ଲାଷ୍ଟିକ ବ୍ୟାଗ୍ ବ୍ୟବହାର ମଧ୍ୟ ନିଷିଦ୍ଧ ହୋଇଛି। ସହରରେ ମାଗଣା ବର୍ତ୍ତନ (ୟୁଟେନ୍‌ସିଲ୍) ବ୍ୟାଙ୍କ କାର୍ଯ୍ୟ କରୁଛି ।
- **ଜଳ ବିଶୋଧନ :** ସହରରେ ଅପରିଷ୍କାର ଜଳକୁ ପୁନଃଚକ୍ରଣ ବ୍ୟବସ୍ଥାରେ ବିଶୋଧିତ କରାଯାଉଛି। ସେହି ପାଣିକୁ ବଗିଚା ଓ ନିର୍ମାଣ କାମରେ ପାଇପ ଲାଇନ ଜରିଆରେ ବ୍ୟବହାର କରାଯାଉଛି ।
- **ଆବର୍ଜନାରୁ ରୋଜଗାର:** ସ୍ଥାନୀୟ ପୌର ପ୍ରଶାସନ ସଂଗୃହୀତ ଆବର୍ଜନାକୁ କମ୍ପୋଷ୍ଟ ଖତରେ ପରିଣତ କରି କେଜି ପିଛା 2 ଟଙ୍କା ଦରରେ ଚାଷୀଙ୍କୁ ବିକ୍ରି କରୁଛି ।

2020 ବିଜୟୀ

ସର୍ବାଧିକ ନାଗରିକଙ୍କ ଅଂଶଗ୍ରହଣ
ଶାହଜାହାନପୁର

ସବୁଠୁ ସ୍ୱଚ୍ଛ ବୃହତ ନଗରୀ
ବୃହତ ଅହମଦାବାଦ >40 ଲକ୍ଷ

ବୃହତ ନଗରୀ ନାଗରିକ ଭାଗୀଦାରୀ
ବୃହତ ହାଇଦ୍ରାବାଦ >40 ଲକ୍ଷ

ବୃହତ ନଗରୀ ଇନୋଭେସନ ପ୍ରାକ୍ଟିସ୍
ବୃହତ ଚେନ୍ନାଇ >40 ଲକ୍ଷ

ସବୁଠୁ ସ୍ୱଚ୍ଛ ବଡ଼ ସହର
ବିଜୟୱାଡ଼ା >10 ରୁ 40 ଲକ୍ଷ

ସ୍ୱଚ୍ଛ ମଧ୍ୟମ ଧରଣର ସହର
ମହୀଶୂର >10 ରୁ 40 ଲକ୍ଷ

ଏହି ସର୍ବେକ୍ଷଣ ପ୍ରଥମେ 2016ରେ ଦେଶର 73ଟି ନଗରରେ ଆରମ୍ଭ ହୋଇଥିଲା । 2020ରେ ଦେଶର 4,242 ନଗରରେ ଏହି ସ୍ୱଚ୍ଛ ସର୍ବେକ୍ଷଣ କରାଯାଇଛି । ଚଳିତବର୍ଷର ସ୍ୱଚ୍ଛ ସର୍ବେକ୍ଷଣରେ ବିଭିନ୍ନ ସହରାଞ୍ଚଳରେ ନାଗରିକ ଓ ପୌରସଂସ୍ଥାଗୁଡିକୁ ସାମିଲ କରାଯାଇଛି । ଅଳିଆ ପରିଚାଳନା, ଲୋକଙ୍କ ବ୍ୟବହାରରେ ପରିବର୍ତ୍ତନ, ନିରନ୍ତର ପରିଚ୍ଛନ୍ନତା ରକ୍ଷା, ବାୟୁର ମାନ, ଜଳସଂରକ୍ଷଣ, ଅପରିଷ୍କୃତ ଜଳର ବିଶୋଧନ ଓ ପୁନଃ ବ୍ୟବହାର ତଥା ଝଡବର୍ଷା ଜନିତ ଜଳର ପରିଚାଳନା ବ୍ୟବସ୍ଥାକୁ ମୂଲ୍ୟାୟନ କରି ସ୍ୱତନ୍ତ୍ରଭାବେ ସହରର ପରିଚ୍ଛନ୍ନତା ମାନ୍ୟତାର ସ୍ଥିତି ନିର୍ଦ୍ଧାରଣ କରାଯାଉଛି ।

ଦେଶର ପ୍ରାୟ 3010 ପୌରାଞ୍ଚଳ ନିଜ ନିଜ ଇଲାକାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଅଭିନବ ପ୍ରକଳ୍ପର ଚିଠା ପ୍ରଦାନ କରିଛନ୍ତି । ବିଶେଷକରି ଆବର୍ଜନା ପରିଚାଳନା, ଲୋକଙ୍କ ବ୍ୟବହାରରେ ପରିବର୍ତ୍ତନ, ବାହାରେ ମଳତ୍ୟାଗ ନ କରିବାର ଅଭ୍ୟାସ ଆଦି ବିଷୟକୁ ମଧ୍ୟ ଏବେ ମୂଲ୍ୟାୟନ କରାଯାଇ ସେଥିପାଇଁ ସ୍ୱଚ୍ଛ ଭାରତ ସର୍ଭେରେ ସ୍ୱତନ୍ତ୍ର ନମ୍ବର ସହରଗୁଡିକୁ ମିଳୁଛି ।



ଅନୁପମ ସଫଳ କାହାଣୀ

ଗାନ୍ଧୀନଗର 'ପ୍ଲାଷ୍ଟିକ ମୁକ୍ତ'

ଗୁଜରାଟର ରାଜଧାନୀ ସହର ଗାନ୍ଧୀନଗରରେ ଥିବା ତଳିଆ ଜାଗାଗୁଡିକୁ ଆବର୍ଜନା ପକାଇ ପୋତିବାରୁ ମୁକ୍ତ ରଖିବାକୁ ଲକ୍ଷ୍ୟ ରଖାଯାଇଛି । ପ୍ଲାଷ୍ଟିକମୁକ୍ତ ଗାନ୍ଧୀନଗର ପ୍ରୟାସରେ ନଗରର ପୌରପାଳିକା ଆବର୍ଜନାର ପରିମାଣ ହ୍ରାସ, ପୁନଃବ୍ୟବହାର, ପ୍ରକ୍ରିୟାକରଣ, ବିଶେଷକରି ପ୍ଲାଷ୍ଟିକ ଆବର୍ଜନାର ନିରାପଦ ବିଲୋପନ ପାଇଁ ବିଭିନ୍ନ ପଦକ୍ଷେପ ନେଇଛି । ବିଭିନ୍ନ ଘରୁ ଆବର୍ଜନା ସଂଗ୍ରହ କରାଯାଇ ସେଗୁଡିକୁ ଓଦା ଓ ଶୁଖିଲା ବର୍ଗରେ ପ୍ରଥମେ ଅଲଗା କରାଯାଉଛି । ସେଥିରେ ପ୍ଲାଷ୍ଟିକକୁ ବିଶେଷ ଗୁରୁତ୍ୱ ଦିଆଯାଇଛି । ଅସଂଗଠିତ ଆବର୍ଜନା ସଂଗ୍ରହକାରୀ ଏବଂ ବିଭିନ୍ନ କଂପାନୀକୁ ପ୍ଲାଷ୍ଟିକ ଆବର୍ଜନା ସଂଗ୍ରହ ପରିଚାଳନାରେ ନିୟୋଜିତ କରାଯାଇଛି ।

ଗାନ୍ଧୀନଗର

ରାୟପୁର: 'ଶେମ୍ ବାଏ ଫେମ୍'

ଛତିଶଗଡ଼ର ରାଜଧାନୀ ସହର ରାୟପୁରକୁ ସ୍ୱଚ୍ଛ ଓ ପରିଚ୍ଛନ୍ନ ରଖିବା ପାଇଁ 2ଟି ନୂଆ ଅଭିନବ ବ୍ୟବସ୍ଥା କାର୍ଯ୍ୟକାରୀ ହେଉଛି । ଏହା କାର୍ଯ୍ୟକାରୀ କରିବାକୁ ସହଜ, ନିରନ୍ତର ଏବଂ ଲକ୍ଷ୍ୟ ହାସଲକାରୀ । ସେଥିରୁ ଗୋଟିଏ ହେଲା 'ଅଫ୍‌ସରୋକୀ ଗସ୍ତୀ' ବା ଅଫିସରଙ୍କ ଗସ୍ତ ଏବଂ ଶେମ୍ ବାଏ ଫେମ୍ ବା ପ୍ରତିଷ୍ଠା ଦ୍ୱାରା ଲଜ୍ଜା । ଅଫ୍‌ସରୋକୀ ଗସ୍ତୀ ଏକ ଅଭିନବ ସ୍ୱଚ୍ଛ ଅଭିଯାନ ଯାହା ରାୟପୁରବାସୀଙ୍କ ବ୍ୟବହାର ପରିବର୍ତ୍ତନରେ ସହାୟକ ହୋଇଛି । ସବୁ ଉଚ୍ଚପଦାଧିକାରୀ ଏହି କାର୍ଯ୍ୟକ୍ରମରେ ସକାଳ 6 ଟାରୁ ବିଭିନ୍ନ ଅଞ୍ଚଳ ଗସ୍ତ କରି ସଫେଇ ଅଭିଯାନ ଠିକ୍‌ଠାକ୍ ଚାଲିଛି କି ନାହିଁ ତଦାରଖ କରୁଛନ୍ତି । ସେହିଭଳି ଦକ୍ଷ ନାମକ ଏକ ପର୍ଯ୍ୟବେକ୍ଷଣ ବ୍ୟବସ୍ଥାରେ ସହରରେ ବଦମାସୀ କରୁଥିବା ଓ ଅଳିଆ ଆବର୍ଜନା ପକାଉଥିବା ବ୍ୟକ୍ତିଙ୍କୁ ଧରି ସେମାନଙ୍କ ବିରୋଧରେ ଦଣ୍ଡବିଧି କରାଯାଉଛି ଏବଂ ଏହାକୁ ଶେମ୍ ବାଏ ଫେମ୍ କୁହାଯାଉଛି ।

ରାୟପୁର

ବୃହତ ଚେନ୍ନାଇ: ଆବର୍ଜନାରୁ କମ୍ପୋଷ୍ଟ ପ୍ରସ୍ତୁତି

ବୃହତ ଚେନ୍ନାଇ

ବୃହତ୍ ଚେନ୍ନାଇ ମହାନଗର ନିଗମ ସହରର ଆବର୍ଜନାରୁ କମ୍ପୋଷ୍ଟ ପ୍ରସ୍ତୁତ କରିବାର ଏକ ବୃହତ୍ ଯୋଜନା କାର୍ଯ୍ୟକାରୀ କରୁଛି । ଏହା ଏକ ଅଦ୍ୱିତୀୟ ପରିକଳ୍ପନା । ଏହି ଯୋଜନାରେ ଆବର୍ଜନା ସଂଗ୍ରହ କେନ୍ଦ୍ର ଏବଂ କ୍ଷୁଦ୍ର କମ୍ପୋଷ୍ଟ କେନ୍ଦ୍ରମାନ ଚେନ୍ନାଇର 15ଟି ଜୋନ୍‌ରେ ତିଆରି କରାଯାଇଛି । ଆବର୍ଜନା ସଂଗ୍ରହ କେନ୍ଦ୍ରରେ ଅଳିଆଗୁଡିକୁ ଶୁଖିଲା ଓ ଓଦାଭିତ୍ତିରେ ପ୍ରଥମେ ଅଲଗା କରାଯାଉଛି । ଏହି ପୃଥକୀକରଣ ବ୍ୟବସ୍ଥା 10ରୁ 15 ଭାଗରେ ବିଭକ୍ତ । ଆବର୍ଜନାର ସ୍ଥିତିକୁ ଦେଖି ଏହା କରାଯାଉଛି । ଏହା ପରେ ସେସବୁ ଆବର୍ଜନାକୁ କମ୍ପୋଷ୍ଟ କେନ୍ଦ୍ରକୁ ପଠାଯାଇ ଖତସାର ପ୍ରସ୍ତୁତ କରାଯାଉଛି ।

ବିଶ୍ୱର ସର୍ବବୃହତ ସହରାଞ୍ଚଳ ସ୍ୱଚ୍ଛତା ସର୍ଭେ ସଂପର୍କରେ ଉଲ୍ଲେଖ କରି ମନ୍ତ୍ରୀ ଶ୍ରୀ ହରଦୀପ ସିଂହ ପୁରୀ କହିଛନ୍ତି, 'ଯେତେବେଳେ ସହରାଞ୍ଚଳ ସ୍ୱଚ୍ଛ ଭାରତ ମିଶନ 2014ରେ ଆରମ୍ଭ ହେଲା ସେତେବେଳେ ଲକ୍ଷ୍ୟ ଥିଲା ଦେଶର ସହରାଞ୍ଚଳକୁ ଶତପ୍ରତିଶତ ବାହ୍ୟ ମଳମୁକ୍ତ କରିବା ଏବଂ କଠିନ ବର୍ଜ୍ୟର ଶତପ୍ରତିଶତ ବୈଜ୍ଞାନିକ ପ୍ରଣାଳୀରେ ଉପଯୋଗ କରିବା । ସେତେବେଳେ ଏହି ବାହ୍ୟ ମଳତ୍ୟାଗ ମୁକ୍ତ ଏବଂ କଠିନ ବର୍ଜ୍ୟ ପରିଚାଳନା ବିଶେଷ ଅଗ୍ରଗତି କରିନଥିଲା । ସହରାଞ୍ଚଳରେ ମାତ୍ର 18 ଶତାଂଶ ଲୋକ ଘରୋଇ ଶୌଚାଳୟ ବ୍ୟବହାର କରୁଥିଲେ । ତେଣୁ ସ୍ୱଚ୍ଛଭାରତ ଲକ୍ଷ୍ୟ ପୂରଣ କରିବା ପାଇଁ ପ୍ରଧାନମନ୍ତ୍ରୀ ଯେଉଁ 5ବର୍ଷ ଧାର୍ଯ୍ୟ କରିଥିଲେ ସେହି ସମୟ ମଧ୍ୟରେ ଏହା ହାସଲ କରିବା କଷ୍ଟସାଧ ଜଣାପଡୁଥିଲା । ତେଣୁ ନିର୍ଦ୍ଧାରିତ ସମୟରେ ଲକ୍ଷ୍ୟ ହାସଲ ପାଇଁ ଏକ ନୂଆ କାର୍ଯ୍ୟସୂଚୀ ଓ ରୂପାୟନ ବ୍ୟବସ୍ଥା ତିଆରି କରାଗଲା । ସ୍ୱଚ୍ଛତା କ୍ଷେତ୍ରରେ ରାଜ୍ୟ-ରାଜ୍ୟ, ସହର-ସହର ମଧ୍ୟରେ ପ୍ରତିଯୋଗିତା କରିବାର ବ୍ୟବସ୍ଥା ହେଲା । ନିର୍ଦ୍ଦିଷ୍ଟ ସ୍ୱଚ୍ଛତା ମାନଦଣ୍ଡରେ ଉନ୍ନତି ଆଣିବା ପାଇଁ ପ୍ରତିଯୋଗିତା ଚାଲିଲା । ବିଭିନ୍ନ କାର୍ଯ୍ୟକ୍ରମର ତଦାରଖ ବ୍ୟବସ୍ଥାକୁ ମଧ୍ୟ ଦୃଢ କରାଗଲା । ଏହା ପରେ ସ୍ୱଚ୍ଛ ସର୍ବେକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହେଲା ।

ଏକ ରାଷ୍ଟ୍ର, ଏକ ରାସନ କାର୍ଡ: ଏକ ସଫଳ ଯାତ୍ରା ଏଯାବତ୍

ଏନଏଫଏସଏ ଅନ୍ତର୍ଗତ ରାଷ୍ଟ୍ରବ୍ୟାପୀ ପୋର୍ଟେବିଲିଟି ମାଧ୍ୟମରେ ଦେଶର ଯେକୌଣସି ସ୍ଥାନରେ ପ୍ରବାସୀ ହିତାଧିକାରୀମାନଙ୍କୁ ସବସିଡିଯୁକ୍ତ ବାଧାମୁକ୍ତ ଖାଦ୍ୟଶସ୍ୟ ଯୋଗାଣ ଲାଗି ସରକାର ନିଜର ସଂକଳ୍ପ ବ୍ୟକ୍ତ କରିଛନ୍ତି।



ବିହାରର ସୋହେବ ସଜାଦ୍ ଦାମନ ଓ ଡିଉର ଶିଳ୍ପାଞ୍ଚଳରେ କାମ କରୁଛନ୍ତି । ସେ ତାଙ୍କ କାହାଣୀ https://www.mygov.in/ ରେ ସେୟାର କରି କହିଛନ୍ତି ଯେ ଦିନେ ସେ ଟିଭି ସମ୍ବାଦରୁ ଜାଣିବାକୁ ପାଇଲେ ଯେ ରାସନକାର୍ଡର ଦେଶବ୍ୟାପୀ ପୋର୍ଟେବିଲିଟି ସୁବିଧା ସରକାର ଯୋଗାଇ ଦେବାକୁ ନିଷ୍ପତ୍ତି ନେଇଛନ୍ତି। ତେଣୁ ସେ ବିହାରରେ ଥିବା ତାଙ୍କ ପରିବାରକୁ ଚିଠି ଲେଖି ତାଙ୍କ ରାସନ କାର୍ଡ ପଠାଇବାକୁ ଜଣାଇଲେ । ରାସନ କାର୍ଡ ପାଇବା ପରେ ତାହାକୁ ସେ ନେଇ ନିକଟସ୍ଥ ସୁଲଭ ଦୋକାନକୁ ଗଲେ । ସେଠାକାର ଦୋକାନୀ ତାହାକୁ ଗ୍ରହଣ କରି ରାସନ ଯୋଗାଇ ଦେବାକୁ ସମ୍ମତି ପ୍ରଦାନ କରିବାରୁ ସେ ଆନନ୍ଦିତ ହେଲେ। ପ୍ରଧାନମନ୍ତ୍ରୀଙ୍କ ଉଦ୍ୟମକ୍ରମେ ଏକ ରାଷ୍ଟ୍ର, ଏକ ରାସନ କାର୍ଡ ପ୍ରଚଳନ ହୋଇଥିବାରୁ ସେ ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଧନ୍ୟବାଦ ଦେଇଛନ୍ତି।

ଏକ ଦେଶ, ଏକ ରାସନ କାର୍ଡ ବ୍ୟବସ୍ଥା ପ୍ରବର୍ତ୍ତନ କରିବା ପାଇଁ କେନ୍ଦ୍ର ଖାଦ୍ୟ, ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରଣାଳୟ ଏକନିଷ୍ଠଭାବେ ଉଦ୍ୟମ କରି ଏଥିରେ ସଫଳ ହୋଇଛି । ସରକାର ଏହା ଉପରେ ବିଶେଷ ଗୁରୁତ୍ୱ ଦେଉଥିଲେ । ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହେବା ଫଳରେ ଦେଶର ଯେକୌଣସି ସ୍ଥାନରେ ରହୁଥିବା ରାସନକାର୍ଡଧାରୀ ଜାତୀୟ ଖାଦ୍ୟ ସୁରକ୍ଷା ଆଇନରେ ନିଜର ପଡି ସାମଗ୍ରୀ ପାଇବାର ସୁବିଧା ଏବେ ପାଉଛନ୍ତି ।

ହିତାଧିକାରୀ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ

ଆନ୍ଧ୍ରପ୍ରଦେଶ, ବିହାର, ଦାଦ୍ରା ଓ ନଗର ହାଭେଳି ଏବଂ ଡାମନ ଓ ଡିଉ, ଗୋଆ, ଗୁଜରାଟ, ହରିଆନା, ହିମାଚଳ ପ୍ରଦେଶ, ଝାଡ଼ଖଣ୍ଡ, କର୍ଣ୍ଣାଟକ, କେରଳ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ମିଜୋରାମ, ଓଡ଼ିଶା, ପଞ୍ଜାବ, ସିକ୍କିମ, ରାଜସ୍ଥାନ, ତେଲଙ୍ଗାନା, ତ୍ରିପୁରା, ଉତ୍ତରପ୍ରଦେଶ, ଜମ୍ମୁ ଓ କଶ୍ମୀର, ମଣିପୁର, ନାଗାଲାଣ୍ଡ ଓ ଉତ୍ତରାଖଣ୍ଡ ।

ଆପଣ ରାସନ କିପରି ପାଇବେ

1. *ପିଓଏସ୍ ବ୍ୟବସ୍ଥା ଥିବା ରାସନ ଦୋକାନକୁ ଯାଆନ୍ତୁ ।*
2. *ଦୋକାନୀଙ୍କୁ ନିଜର ଆଧାର ନମ୍ବର ବା ଆଧାର ରାସନ କାର୍ଡ ନମ୍ବର କୁହନ୍ତୁ ।*
3. *ସେ ଦୋକାନରେ ଆଧାରଭିତ୍ତିକ ବାୟୋମେଟ୍ରିକ ପ୍ରମାଣ ବ୍ୟବସ୍ଥାର ଅନ୍ତର୍ଭୁକ୍ତ ହୁଅନ୍ତୁ ।*
4. *ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଅନୁସାରେ ସେ ଦୋକାନରୁ ନିଜର ରାସନ ସାମଗ୍ରୀ ପାଆନ୍ତୁ ।*

"ବର୍ତ୍ତମାନ ସାରା ଦେଶ ପାଇଁ ଏକ ରାସନକାର୍ଡର ବ୍ୟବସ୍ଥା କରାଯାଇଛି ଏବଂ ତାହା ହିଁ ଏକ ରାଷ୍ଟ୍ର, ଏକ ରାସନ କାର୍ଡ । ଗରିବ ଲୋକେ ଯେଉଁମାନେ କାମଧନ୍ଦା ପାଇଁ ନିଜ ଗାଁ ଛାଡି ଅନ୍ୟାନ୍ୟ ରାଜ୍ୟକୁ ଯାଉଛନ୍ତି ସେମାନେ ଏହାଦ୍ୱାରା ସର୍ବାଧିକ ଉପକୃତ ହେବେ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।"

ଆୟୁଷ୍ମାନ ଭାରତ

ନିୟୁତ ନିୟୁତ ଜୀବନ ରକ୍ଷା କରୁଛି

ପ୍ରଧାନମନ୍ତ୍ରୀଙ୍କ ମହତ୍ତ୍ୱାକାଂକ୍ଷୀ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା (ପିଏମ୍‌ଜେଏୱାଇ) ଗରିବ ଲୋକଙ୍କ ପାଇଁ ଏକ ବଡ଼ ଜୀବନ ରକ୍ଷାକାରୀ ବ୍ୟବସ୍ଥାରେ ପରିଣତ ହୋଇଛି । ଏହି ଯୋଜନାରେ ହିତାଧିକାରୀଙ୍କ ସଂଖ୍ୟା 1 କୋଟିରୁ ଅଧିକ ହୋଇଛି । କରୋନା ମହାମାରୀ ସମୟରେ ଏହା ଲୋକଙ୍କ ତ୍ରାଣକର୍ତ୍ତା ସାଜିଛି ।

ଆୟୁଷ୍ମାନ ଭାରତ-ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା (ପିଏମ୍‌ଜେଏୱାଇ), ଏବଂ ସ୍ୱାସ୍ଥ୍ୟ ଓ ୱେଲନେସ ସେଣ୍ଟର- ବିଶ୍ୱର ସର୍ବବୃହତ୍ ସରକାରୀ ଅର୍ଥରେ ପରିଚାଳିତ ସ୍ୱାସ୍ଥ୍ୟବୀମା ଯୋଜନା । ଏହା ଗରିବ ଲୋକମାନଙ୍କ ପାଇଁ ଏକ ବରଦାନ ସଦୃଶ ଏବଂ ଏହାର ହିତାଧିକାରୀଙ୍କ ସଂଖ୍ୟା 1 କୋଟିରୁ ଅଧିକ ।

ପିଏମ୍‌ଜେଏୱାଇ ଆରମ୍ଭ ପଛରେ ଥିବା ଲକ୍ଷ୍ୟ ହେଲା- ଗରିବ ଲୋକଙ୍କ ଚିକିତ୍ସାଜନିତ ବିପୁଳ ଖର୍ଚ୍ଚକୁ ହ୍ରାସ କରିବା ଏବଂ ସେମାନଙ୍କୁ ଉତ୍ତମ ହସ୍‌ପିଟାଲରେ ସର୍ବୋତ୍କୃଷ୍ଟ ଚିକିତ୍ସା ବିନା ମୂଲ୍ୟରେ ଯୋଗାଇଦେବା । ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ଜଟିଳ ରୋଗର ଚିକିତ୍ସା କରି ପ୍ରତିବର୍ଷ ଭାରତରେ ପ୍ରାୟ 6 କୋଟି ଲୋକ କପର୍ଦ୍ଦକ ଶୂନ୍ୟ ହୋଇଥାନ୍ତି ଏବଂ ନିଜର ଅନିଚ୍ଛା ସତ୍ତ୍ୱେ ଗରିବ ହେବାକୁ ବାଧ ହୋଇଥାନ୍ତି । ଏଭଳି ସ୍ଥିତିରୁ ସଂପୃକ୍ତ ପରିବାରଗୁଡ଼ିକୁ ସୁରକ୍ଷିତ କରିବା ପାଇଁ ଏହି ଯୋଜନା କାର୍ଯ୍ୟକାରୀ ହେଉଛି । 2018 ଅଗଷ୍ଟ 15ରେ ଲାଲକିଲ୍ଲା ପ୍ରାଚୀର ଉପରୁ ସ୍ୱାଧୀନତା ଦିବସ ଭାଷଣ ଅବସରରେ ପ୍ରଧାନମନ୍ତ୍ରୀ ଏହି ଯୋଜନା କଥା ଘୋଷଣା କରିଥିଲେ । ଏହା ବିଶ୍ୱର ସର୍ବବୃହତ୍ ସରକାରୀ ସ୍ୱାସ୍ଥ୍ୟସେବା ଯୋଜନା । ଏହାପରେ 2018 ସେପ୍ଟେମ୍ବର 23ରେ ପ୍ରଧାନମନ୍ତ୍ରୀ ଏହି ଯୋଜନାର ଶୁଭାରମ୍ଭ କରିଥିଲେ ।

ପ୍ରଧାନମନ୍ତ୍ରୀ ସର୍ବଦା ଗରିବ ଲୋକଙ୍କ ଉତ୍‌ଥାନ ପାଇଁ ଚେଷ୍ଟିତ । ସେଥିପାଇଁ ସେ ଗରିବ ଲୋକମାନଙ୍କୁ ସ୍ୱାସ୍ଥ୍ୟବୀମା

ଯୋଜନା ଓ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାପାଇଁ ବାର୍ଷିକ 5ଲକ୍ଷ ଟଙ୍କାର ବୀମା ସୁବିଧା କରିଛନ୍ତି । ଗରିବ ଲୋକମାନେ ପ୍ରାଥମିକ ଓ ମାଧ୍ୟମିକ ସ୍ତରର ହସପିଟାଲରେ ଚିକିତ୍ସିତ ହେଲେ ସେମାନଙ୍କୁ ମାଗଣାରେ ଚିକିତ୍ସା କରାଯିବ ଏବଂ ସେ ବାବଦରେ ବୀମା କଂପାନୀଠାରୁ ଅର୍ଥ ହସ୍‌ପିଟାଲ ପାଇବେ। ଏହି ଯୋଜନାରେ 10.7 କୋଟି ଗରିବ ଓ ଦୁର୍ବଳ ପରିବାର ଅର୍ଥାତ୍ 50 କୋଟିରୁ ଅଧିକ ଲୋକ ସାମିଲ ହେବେ । ଗୋଟିଏ ପରିବାରରେ କେତେ ଜଣ ସଦସ୍ୟ ରହିବେ ଏହି ଯୋଜନାରେ ତାହାର ସୀମା ନିର୍ଦ୍ଧାରିତ ହୋଇନାହିଁ ।

କରୋନା ମହାମାରୀ ସମୟରେ ଦେଶର ଗ୍ରାମାଞ୍ଚଳରେ ଆୟୁଷ୍ମାନ ଭାରତ ଯୋଜନାରେ ଲୋକମାନେ ବିଶେଷ ଉପକୃତ ହୋଇଥିଲେ । କରୋନା ହେଉ କିମ୍ବା ଅନ୍ୟାନ୍ୟ ବ୍ୟାଧି ଏଥିପାଇଁ ସେମାନେ ଏହି ଯୋଜନାରେ ନିର୍ଦ୍ଧାରିତ ହସପିଟାଲଗୁଡିକରେ ଆବଶ୍ୟକ ଚିକିତ୍ସା ସୁବିଧା ପାଇଥିଲେ।

ଅତିରିକ୍ତଭାବେ ଏହି ଯୋଜନାରେ ଚଳିତବର୍ଷ ଜାନୁଆରୀରୁ ଜୁଲାଇ ମଧ୍ୟରେ ସମଗ୍ର ଦେଶରେ 13,657 ହେଲ୍‌ଥ ଓ ୱେଲନେସ ସେଣ୍ଟର କାର୍ଯ୍ୟକ୍ଷମ ହୋଇଛି । ଏହାଫଳରେ ଅଧିକରୁ ଅଧିକ ଲୋକ ଏହି ଯୋଜନାରେ ଉପକୃତ ହେଉଛନ୍ତି । ଏବେ ସମଗ୍ର ଦେଶରେ 43,022 ହେଲ୍‌ଥ ଓ ୱେଲନେସ ସେଣ୍ଟର କାର୍ଯ୍ୟ କରୁଛି ।

ଏସବୁ କେନ୍ଦ୍ରଦ୍ୱାରା ଗତ ଜୁଲାଇ ମାସରେ ମୋଟ 44.26 ଲକ୍ଷ ଲୋକ ସ୍ୱାସ୍ଥ୍ୟସେବା ପାଇଛନ୍ତି । ଏହିସବୁ କେନ୍ଦ୍ରକୁ 2018 ଏପ୍ରିଲ 14ଠାରୁ 1,923.93 ଲକ୍ଷ ଲୋକ ଚିକିତ୍ସା ସେବା ପାଇଁ ଯାଇଛନ୍ତି । ମହାମାରୀ ସମୟରେ ଅଣକରୋନା ରୋଗୀଙ୍କ ଚିକିତ୍ସା କ୍ଷେତ୍ରରେ ଏହିସବୁ କେନ୍ଦ୍ର ବିଶେଷ ସହାୟକ ହୋଇଛି ।

ପିଏମ୍‌ଜେଏୱାଇର ମୁଖ୍ୟାଂଶ

- ପିଏମ୍‌ଜେଏୱାଇରେ ପରିବାର ପିଛା ବର୍ଷକୁ 5ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟବୀମା ସୁବିଧା ଯୋଗାଇ ଦେବାର ବ୍ୟବସ୍ଥା ରହିଛି । ଦେଶର ଯେକୌଣସି ସ୍ଥାନରେ ଥିବା ପ୍ରାଥମିକ ଓ ମାଧ୍ୟମିକ ସ୍ତରର ଉଭୟ ସରକାରୀ ଓ ବେସରକାରୀ ତାଲିକାଭୁକ୍ତ ହସ୍‌ପିଟାଲରେ ହିତାଧିକାରୀଙ୍କ ଚିକିତ୍ସା ପାଇଁ ଏହି ବୀମା ଅର୍ଥର ବ୍ୟବସ୍ଥା କରାଯାଇଛି ।
- 10.74 କୋଟିରୁ ଅଧିକ ଗରିବ ଏବଂ ଅସହାୟ ପରିବାର ଏହି ଯୋଜନାର ସୁଫଳ ପାଇବେ । ପ୍ରାୟ 50 କୋଟି ଲୋକ ଏହି ଯୋଜନାରେ ସାମିଲ ହେବେ ।
- ଏହି ବ୍ୟବସ୍ଥାରେ ସ୍ୱାସ୍ଥ୍ୟସେବା ପାଇଁ ହସପିଟାଲରେ ଭର୍ତ୍ତି ଓ ଚିକିତ୍ସା ଆଦି ନିମନ୍ତେ ହିତାଧିକାରୀଙ୍କୁ ଟଙ୍କାଟିଏ ଖର୍ଚ୍ଚ କରିବାକୁ ପଡିବ ନାହିଁ । ଚିକିତ୍ସା ଓ ଔଷଧପତ୍ର ବାବଦ ସମସ୍ତ ଖର୍ଚ୍ଚ ବୀମା ବ୍ୟବସ୍ଥାରେ ପୂରଣ ହେବ । ଏହା ଏକ କ୍ୟାଶଲେସ୍ ବ୍ୟବସ୍ଥା ।

'ଗରିବ ଲୋକମାନଙ୍କୁ ଯଦି ଚିକିତ୍ସା ପାଇଁ ହସ୍‌ପିଟାଲରୁ ଆସିବା ପରେ ଅର୍ଥ ଖର୍ଚ୍ଚ କରିବାକୁ ପଡେ ଏବଂ ସେମାନଙ୍କୁ ଯଦି ମାଗଣା ଚିକିତ୍ସା ମିଳି ନ ଥାଏ ତେବେ ସେ ବାବଦରେ ଯେତେ ଖର୍ଚ୍ଚ ହେବ ତାହାର ମୋଟ ପରିମାଣ 14 ହଜାର କୋଟି ଟଙ୍କା ହେବ ବୋଲି ହିସାବ କରାଯାଇଛି । ବୀମା ବ୍ୟବସ୍ଥା ନଥିଲେ ଏବାବଦ ସମସ୍ତ ଅର୍ଥ ସେହି ରୋଗୀ କିମ୍ବା ତାଙ୍କ ପରିବାରଙ୍କୁ ବହନ କରିବାକୁ ପଡିଥାନ୍ତା । ଆୟୁଷ୍ମାନ ଭାରତ ଯୋଜନା କାର୍ଯ୍ୟକାରୀ ହେବା ଫଳରେ ଗରିବ ଲୋକମାନେ ଏହାଫଳରେ ଏହି ଅର୍ଥ ବ୍ୟୟରୁ ରକ୍ଷା ପାଇଯାଇଛନ୍ତି । ମୁଁ କେବଳ ଆୟୁଷ୍ମାନ ଭାରତ ଅଭିଯାନର ହିତାଧିକାରୀଙ୍କୁ ଅଭିନନ୍ଦନ ଜଣାଉନାହିଁ,ଏହି ଯୋଜନାରେ ସଂପୃକ୍ତ ସମସ୍ତ ଡାକ୍ତର, ନର୍ସ, ମେଡିକାଲ କର୍ମଚାରୀ, ଯେଉଁମାନେ ରୋଗୀଙ୍କ ଚିକିତ୍ସାରେ ସହାୟକ ହୋଇଛନ୍ତି ସେ ସମସ୍ତଙ୍କୁ ମଧ୍ୟ ଅଭିନନ୍ଦନ ଜଣାଉଛି । ଏହି ଯୋଜନାର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଲା ଏଥିରେ ଥିବା ପୋର୍ଟେବିଲିଟି ସୁବିଧା ବା ଦେଶର ଯେକୌଣସି ପଞ୍ଜୀକୃତ ହସ୍‌ପିଟାଲରେ ଚିକିତ୍ସା ସୁବିଧା ବିନା ମୂଲ୍ୟରେ ପାଇବା ।'

ଏକ ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀଙ୍କ ମନ୍ତବ୍ୟ





ସାମାଜିକ କଲ୍ୟାଣ

ଏହି ଯୋଜନାର ଲକ୍ଷ୍ୟ ହେଲା- ଗରିବ ପରିବାରଙ୍କୁ ଗୁରୁତର ଅସୁବିଧା ସମୟରେ ବିନା ଖର୍ଚ୍ଚରେ ଚିକିତ୍ସା ସୁବିଧା ଯୋଗାଣ ।

- ଏଥିରେ ପରିବାରର ଆକାର, ବୟସ ଓ ଲିଙ୍ଗଗତ କଟକଣା ନାହିଁ ।
- ବୀମାଭୁକ୍ତ ପରିବାରର ସମସ୍ତ ପ୍ରାକ୍ ସର୍ତ୍ତ ବୀମାର ପ୍ରଥମ ଦିନରୁ ଯୋଜନାର ଅନ୍ତର୍ଭୁକ୍ତ ।
- ଯୋଜନାର ଲାଭ ସମଗ୍ର ଦେଶରେ ଉପଲବ୍ଧ ଅର୍ଥାତ୍ ଯୋଜନାର ହିତାଧିକାରୀ ନିଜର ଚିକିତ୍ସା ପାଇଁ ପଞ୍ଜିକୃତ ଯେକୌଣସି ସରକାରୀ ଏବଂ ବେସରକାରୀ ଚିକିତ୍ସାଳୟରେ କ୍ୟାଶଲେସ୍ ବ୍ୟବସ୍ଥାରେ ନିଜର ଚିକିତ୍ସା କରାଇପାରିବେ ।

ଆୟୁଷ୍ମାନ ଭାରତର ଏକ କୋଟିତମ ଲାଭାର୍ଥୀଙ୍କ ସହ ପ୍ରଧାନମନ୍ତ୍ରୀଙ୍କ କଥାବାର୍ତ୍ତା

ପ୍ରଧାନମନ୍ତ୍ରୀ: ନମସ୍ତେ ପୂଜା ଥାପ୍ପା ଜୀ, ଆପଣ କେମିତି ଅଛନ୍ତି ?

ପୂଜା: ନମସ୍କାର ସାର୍‌, ମୁଁ ଜଣେ ଗୃହିଣୀ ଏବଂ ମୋ ସ୍ୱାମୀ ସେନାରେ କାମ କରନ୍ତି ଏବଂ ଏବେ ମଣିପୁରରେ ଅଛନ୍ତି। ନିକଟରେ ମୋର ଏକ ଅସ୍ତ୍ରୋପଚାର ହୋଇଥିଲା ।

ପ୍ରଧାନମନ୍ତ୍ରୀ: ଆପଣ କେମିତି ଜାଣିଲେ ଯେ ଆପଣ ଏକକୋଟିତମ ରୋଗୀ ?

ପୂଜା: ହଁ, ସାର୍‌ ! ପଇସା କେଉଁଠୁ ଆସିବ ମୁଁ ପ୍ରଥମେ ଚିନ୍ତିତ ଥିଲି । ସେତେବେଳେ ପୁଣି କରୋନା ସଂକ୍ରମଣ ଚାଲିଥିଲା । ମୋର ଦୁଇ ଛୋଟ ପିଲାକୁ ପଡୋଶୀମାନେ ଦେଖାଶୁଣା କରୁଥିଲେ । ଏହି ଯୋଜନା ଦ୍ୱାରା ମୁଁ ବିଶେଷ ଉପକୃତ ହୋଇଛି । ଆପଣଙ୍କୁ ବହୁତ ବହୁତ ଧନ୍ୟବାଦ ।

ପ୍ରଧାନମନ୍ତ୍ରୀ: ଆପଣଙ୍କ ଚିକିତ୍ସା ବିଷୟରେ ଡାକ୍ତରମାନେ କ'ଣ

କହିଲେ ? ସେମାନେ ଆପଣଙ୍କୁ ଟଙ୍କା ମାଗିଲେ କି ?

ପୂଜା: ନା, ସାର୍‌ ! ଆମେ ସବୁ ଜିନିଷ ପାଉଥିଲୁ । ମୋତେ ଆହୁରି କୁହାଗଲା ଯେ ଅସ୍ତ୍ରୋପଚାର ପରବର୍ତ୍ତୀ ସମସ୍ତ ଔଷଧ ଯୋଗାଇ ଦିଆଯିବ ।

ପ୍ରଧାନମନ୍ତ୍ରୀ: ଏହି ଯୋଜନା ସଂପର୍କରେ କିଛି ପ୍ରସ୍ତାବ ଥାଏ ତାହା ଦେବା ପାଇଁ ମୁଁ ସମସ୍ତଙ୍କୁ କହୁଛି ।

ପୂଜା: ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଆପଣ ଆମଭଳି ଗରିବ ଲୋକଙ୍କ ପାଇଁ ଏଭଳି ଏକ ଭଲ ଯୋଜନା ଆରମ୍ଭ କରିଛନ୍ତି। ଏହି ଯୋଜନା ପାଇଁ ମୁଁ ଏଠାରେ ଏହି ହସପିଟାଲରେ ଭର୍ତ୍ତି ହୋଇପାରିଛି ।

ପ୍ରଧାନମନ୍ତ୍ରୀ: ପଡୋଶୀ ଆପଣଙ୍କ ପିଲାଙ୍କ ଯତ୍ନ ନେଉଛନ୍ତି ଏବଂ ଆପଣଙ୍କ ସ୍ୱାମୀ ଦେଶର ସେବା କରୁଛନ୍ତି । ଆପଣ ନିଜେ ନିଜର ଯତ୍ନ ନିଅନ୍ତୁ ଏବଂ ପିଲାଙ୍କୁ ଉତ୍ତମ ଶିକ୍ଷା ପ୍ରଦାନ କରନ୍ତୁ ।

ପୂଜା: ହଁ ସାର୍‌ ! ଆମ ପ୍ରତି ଆପଣଙ୍କ ଆଶୀର୍ବାଦ ରହିଛି ।

ପ୍ରଧାନମନ୍ତ୍ରୀ: ମୋର ଆଶିଷ ନୁହେଁ, ବରଂ ଭଗବାନଙ୍କ ଆଶୀର୍ବାଦ ରହିଛି ।

ପିଏମ୍‌ଜେଏୱାଇ ଯୋଜନାରେ କ୍ୟାଶଲେସ କୋଭିଡ୍‌-19 ଟେଷ୍ଟ = 1,43,282
ପିଏମ୍‌ଜେଏୱାଇ ଯୋଜନାରେ କ୍ୟାଶଲେସ୍‌ କୋଭିଡ୍‌-19 ଚିକିତ୍ସା 40,217 ।

- ସରକାରୀ ହସ୍ପିଟାଲରେ ଚିକିତ୍ସା ପାଇଁ ହେଉଥିବା ଖର୍ଚ୍ଚର ଭରଣା ଘରୋଇ ହସପିଟାଲ ଖର୍ଚ୍ଚ ହିସାବରେ ହେଉଛି ।
- ଏହି ସ୍ୱତନ୍ତ୍ର ଯୋଜନାରେ 1350 ମେଡିକାଲ ପ୍ୟାକେଜ ରହିଛି ଏବଂ ସେଥିରେ ଅସ୍ତ୍ରୋପଚାର, ଡେ-କେୟାର ଟ୍ରିଟମେଣ୍ଟ, ଔଷଧ, ନିଦାନ ଏବଂ ଚିକିତ୍ସା ଅନ୍ତର୍ଭୁକ୍ତ ।
- ପୂର୍ବ ଯୋଜନା ଅପେକ୍ଷା ଏହି ଯୋଜନାରେ ବୀମା ପରିସର ଅଧିକ। ଏହାଦ୍ୱାରା କ୍ଷୁଦ୍ର ଓ ସରକାରୀ ହସପିଟାଲଗୁଡ଼ିକର ଭିତ୍ତିଭୂମି ବିକାଶ ପ୍ରକ୍ରିୟା ସମ୍ଭବ ହୋଇପାରିବ ।

ଏହି ଯୋଜନାରେ ନିଯୁକ୍ତି ସୃଷ୍ଟିର ବ୍ୟବସ୍ଥା ଅଛି

ଏହି ସ୍କିମ୍‌ର ବ୍ୟବସ୍ଥା ଅନୁସାରେ ପ୍ରାୟ

ଆୟୁଷ୍ମାନ ଭାରତ ସଂପର୍କରେ କିଛି

ଆରମ୍ଭ : 2018 ସେପ୍ଟେମ୍ବର 23

ହିତାଧିକାରୀ 10.74 କୋଟି ପରିବାର (ପ୍ରାୟ 50 କୋଟି ଲୋକ)

17,000 ଏହାର ଅର୍ଥ ହାରାହାରି ପ୍ରତି ଦ୍ୱାଦଶତମ ବ୍ୟକ୍ତି ଏହାର ଲାଭ ପାଇବେ

1,08,99,888	22,796	12.56cr
ହସ୍ପିଟାଲ ସୁବିଧା ପାଇଥିବା ରୋଗୀ	ପଞ୍ଜିକୃତ ହସ୍ପିଟାଲ	ଇ-କାର୍ଡ ଜାରି

ଚିକିତ୍ସା ବାବଦ ମୋଟ ଖର୍ଚ୍ଚ: Rs 75,64,21,47,554
ଯୋଜନା ବାବଦ ମୋଟ ଖର୍ଚ୍ଚ: Rs 13,433 କୋଟି

(2020 ଅଗଷ୍ଟ 15 ସୁଦ୍ଧା ପ୍ରାପ୍ତ ତଥ୍ୟ)

ରକ୍ଷା ପାଇଥିବା ଦୁଇଟି ଜୀବନ

ଯୋଜନା ବଞ୍ଚାଇଲା ହାଜିଙ୍କ ଜୀବନ

ହାଜି ଅବଦୁଲ ଅଲିମ ୫ ପ୍ରାଣୀ କୁଟୁମ୍ବ ସମ୍ଭାଳୁଥିଲେ । ୩ବର୍ଷ ତଳେ ହଠାତ ତାଙ୍କର ଛାତି ଯନ୍ତ୍ରଣା ବାହାରିଲା । ଡାକ୍ତର କହିଲେ ତାଙ୍କର ଧମନୀର ଶିରା ଅବରୁଦ୍ଧ ହୋଇଛି ଏବଂ ତାହାକୁ ଦୂର କରିବା ପାଇଁ ବାଇପାସ୍ ସର୍ଜରୀର ଆବଶ୍ୟକତା ରହିଛି। ଏ ସଂପର୍କରେ ଅଧିକ ପରୀକ୍ଷା ନିରୀକ୍ଷା ପାଇଁ ଡାକ୍ତର ପରାମର୍ଶ ଦେଲେ । ଆର୍ଥିକ ଦୁରାବସ୍ଥାରେ କାଳାତିପାତ କରୁଥିବା ଅଲିମଙ୍କ ପରିବାର ପ୍ରମାଦ ଗଣିଲା । ପଇସା କେଉଁଠୁ ଆସିବ, ତାହା ଥିଲା ବଡ ଚିନ୍ତା । ତୁରନ୍ତ ଅସ୍ତ୍ରୋପଚାର ନ ହେଲେ ହୃଦ୍‌ଯନ୍ତ୍ର ଅକାମୀ ହେବାର ଭୟ ଘନେଇ ଆସୁଥିଲା। ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ବାରାଣସୀର ଏକ ଆଇଇଏସ୍ କାର୍ଯ୍ୟକ୍ରମରେ ତାଙ୍କ ପରିବାର ଜାଣିବାକୁ ପାଇଲେ ଯେ ଆୟୁଷ୍ମାନ ଭାରତ ଯୋଜନାରେ ତାଙ୍କୁ ଏହି ଚିକିତ୍ସା ସୁଯୋଗ ମିଳିପାରିବ । ତୁରନ୍ତ ହାଜି ଆବଶ୍ୟକ କାଗଜପତ୍ର ନେଇ ପାଖ କେନ୍ଦ୍ରକୁ ଗଲେ । ତାଙ୍କୁ ସେଠାରେ ଗୋଲ୍‌ଡେନ କାର୍ଡ ମିଳିଲା। ଏହା ପରେ ତାଙ୍କ ପରିବାର ତାଙ୍କୁ ଲକ୍ଷ୍ନୌ ଆଣି ଓପନହାର୍ଟ ସର୍ଜରୀ କରାଇଥିଲେ ଏବଂ ସେ ସୁସ୍ଥ ହେଲେ । ■

ପିଏମ୍‌ଜେଏୱାଇ: ସୋନି ପାଇଁ ଏକ ଆଶୀର୍ବାଦ

ସୋନି ହୃଦ୍‌ରୋଗରେ ଆକ୍ରାନ୍ତ ହୋଇଥିଲେ । ତାଙ୍କ ହୃତପିଣ୍ଡର ଗୋଟିଏ ଭାଲ୍‌ଭ ଅଚଳ ହୋଇଯାଇଥିଲା ଏବଂ ତାହାର ପରିବର୍ତ୍ତନ ଜରୁରି ହୋଇପଡିଥିଲା । ଦଶପ୍ରାଣୀ କୁଟୁମ୍ବର ଆର୍ଥିକ ଅବସ୍ଥା ଅତ୍ୟନ୍ତ ଖରାପ ଥିଲା । ସୋନିଙ୍କ ସ୍ୱାମୀ ଜଣେ ଦିନମଜୁରିଆ ହୋଇଥିବାରୁ ପରିବାର ଚଳାଇବା ତାଙ୍କ ପାଇଁ କଷ୍ଟସାଧ୍ୟ ଥିଲା ।

ଏହା ସତ୍ତ୍ୱେ ସୋନିଙ୍କ ସ୍ୱାମୀ କହତୁନ୍ କୌଣସି ପ୍ରକାର ଅଢେଇ ଲକ୍ଷ ଟଙ୍କା ଯୋଗାଡ କରି ବିହାରର ଏକ ଘରୋଇ ହସପିଟାଲରେ ସୋନିଙ୍କ ଚିକିତ୍ସା ବ୍ୟବସ୍ଥା କଲେ। ତେବେ ସେହି ଚିକିତ୍ସାରେ ସୋନିଙ୍କ ସ୍ୱାସ୍ଥ୍ୟରେ କୌଣସି ଉନ୍ନତି ଘଟିଲା ନାହିଁ। ଘରେ ପିଲାଙ୍କୁ ଦେଖାଶୁଣା କରିବା ପାଇଁ କେହି ନଥିଲେ । ତେଣେ ରୋଗ ଓ ଅଭାବ ସଂସାର । ଏଭଳି ସ୍ଥିତିରେ ସୋନି ଭାଙ୍ଗି ପଡିଥିଲେ ।

ପରିଶେଷରେ ତାଙ୍କୁ ଉତ୍ତର ପ୍ରଦେଶର ଏକ ମଲ୍‌ଟି ସ୍ପେଶାଲିଟି ହସପିଟାଲକୁ ଯିବାକୁ ପରାମର୍ଶ ଦିଆଗଲା । ସେଠାରେ ଆୟୁଷ୍ମାନ ଭାରତ ଯୋଜନାରେ ତାଙ୍କୁ ବିଶେଷ ସହାୟତା ମିଳିଲା । ସେ ଏହି ଯୋଜନାର ଲାଭ ପାଇବାକୁ ଯୋଗ୍ୟ ଥିଲେ । ତାଙ୍କର ସେଠାରେ ଅସ୍ତ୍ରୋପଚାର କରାଯାଇ ଅଚଳ ଭାଲ୍‌ବକୁ କଢାଯାଇ ନୂଆ ଭାଲ୍‌ବ ଲଗାଗଲା । ଏବେ ସଂପୂର୍ଣ୍ଣ ସୁସ୍ଥ ହୋଇ ପରିବାର ସହ ରହୁଛନ୍ତି । ଆୟୁଷ୍ମାନ ଭାରତ ଯୋଜନା ତାଙ୍କ ଜୀବନ ବଞ୍ଚାଇବା ସହ ତାଙ୍କର ପିଲାମାନଙ୍କୁ ଏବଂ ପରିବାରକୁ ଏକ ବଡ ଦୁର୍ଦ୍ଦଶାରୁ ବଞ୍ଚାଇଛି ।

Source Link: http://ayushmanup.in/pages.aspx?pt=success-stories

1ଲକ୍ଷ ଆୟୁଷ୍ମାନ ମିତ୍ରଙ୍କୁ ନିଯୁକ୍ତି ଦେବାର ବ୍ୟବସ୍ଥା ଅଛି। ଏହା ବ୍ୟତୀତ ଏହି ଯୋଜନାରେ ଅନ୍ୟାନ୍ୟ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ଆୟୁଷ୍ମାନ ମିତ୍ରଙ୍କ କାର୍ଯ୍ୟ ହେଲା ହସପିଟାଲ ଓ ରୋଗୀଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବା।

ଜଣେ କିପରି ଏହି ଲାଭ ପାଇବ

ଯୋଗ୍ୟ ହିତାଧିକାରୀଙ୍କ ତାଲିକା ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ତାଲିକା ପ୍ରସ୍ତୁତ କରିଥାନ୍ତି । ଏହା ପରେ ବଛା ଯାଇଥିବା ପରିବାରକୁ ପାରିବାରିକ ଆଇଡିଣ୍ଟିଫିକେସନ ନମ୍ବର ପ୍ରଦାନ କରାଯାଏ । ସେହି ମନୋନୀତ ପରିବାରଗୁଡିକ ହିଁ ପିଏମ୍‌ଜେଏୱାଇ ଯୋଜନାର ସୁଫଳ ମିଳିଥାଏ । ଯେଉଁ ଲୋକମାନେ 2018 ଫେବୃୟାରୀ 28 ତାରିଖ ସୁଦ୍ଧା ଜାତୀୟ ସ୍ୱାସ୍ଥ୍ୟ ବୀମା ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିଲେ ସେମାନେ ମଧ୍ୟ ଏହି ଯୋଜନାର ଲାଭ ପାଇପାରିବେ । ଏହି ଯୋଜନାରେ ନିଜ ନାମ ଅଛି କି ନାହିଁ ଜଣେ ଜାଣିବାକୁ ଚାହିଁଲେ ୱେବସାଇଟ୍ ଲିଙ୍କ୍ https://pmjay.gov.in/ ଅପ୍‌ସନ ଆଇ ଏମ୍ ଅଲ୍‌ସୋ ଏ ବେନିଫିସିଆରିରେ କ୍ଲିକ କଲେ ଜାଣିପାରିବେ ।

ପ୍ରତ୍ୟେକ ସ୍ୱପ୍ନ ସାକାର

ସେପ୍ଟେମ୍ବର 17, 1950ରେ ସ୍ୱାଧୀନ ଭାରତର ଏକ ଗରିବ ପରିବାରରେ ଜନ୍ମଗ୍ରହଣ କରିଥିବା ନରେନ୍ଦ୍ର ମୋଦୀ ଦୀର୍ଘ ପଥ ଅତିକ୍ରମ କରିଛନ୍ତି- ଚା' ବିକିବା ଠାରୁ ଆରମ୍ଭ କରି ଦେଶର ପ୍ରଧାନସେବକ ହେବା ପର୍ଯ୍ୟନ୍ତ । ସେବା ପ୍ରତି ତାଙ୍କର ସମର୍ପଣ ନୂତନ ଭାରତର ମନ୍ତ୍ର ପାଲଟିଛି ।

ବଡ଼ ନିଷ୍ପତ୍ତି ଗ୍ରହଣ କରିବା ଏବଂ ସେଗୁଡ଼ିକୁ ଠିକଣା ସମୟରେ କାର୍ଯ୍ୟକାରୀ କରିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବ୍ୟକ୍ତିତ୍ୱର ପରିଚାୟକ । ନୀତି ହେଉ ଅବା ଯୋଜନା କୌଣସି ଘୋଷଣା କରିବା ପୂର୍ବରୁ ତା'ର କାର୍ଯ୍ୟାନ୍ୱୟନ ପାଇଁ ପ୍ରଧାନମନ୍ତ୍ରୀ ପୂର୍ବରୁ କ୍ଷେତ୍ର ପ୍ରସ୍ତୁତ କରିସାରିଥାନ୍ତି । ଖାସ ଏହି କାରଣରୁ ୬ ବର୍ଷ ପୂର୍ବେ ଲାଲକିଲାର ପ୍ରାଚୀର ଉପରୁ କରାଯାଇଥିବା ଘୋଷଣା ଏବଂ କ୍ୟାବିନେଟର ନିଷ୍ପତ୍ତି ତଥା ଅନ୍ୟ ଘୋଷଣାଗୁଡ଼ିକ ଫାଇଲଗୁଡ଼ିକ ନାଲିଫିତାରେ ବନ୍ଦୀ ନହୋଇ ନିର୍ଦ୍ଧାରିତ ସମୟ ଅବଧି ମଧ୍ୟରେ କାର୍ଯ୍ୟକାରୀ ହୋଇଛି । ନୂତନ ଭାରତ ନିର୍ମାଣର ଲକ୍ଷ୍ୟ ନେଇ ଚଳିତ ବର୍ଷ ଅଗଷ୍ଟ 15 ତାରିଖରେ ସପ୍ତମ ଥର ପାଇଁ ଲାଲକିଲାର ପ୍ରାଚୀର ଉପରୁ କରାଯାଇଥିବା ଘୋଷଣାକୁ ପରଦିନ ହିଁ ଲାଗୁ କରାଯାଇଛି । ଏହା ସରକାରଙ୍କ ନୀତି ଓ ଆଭିମୁଖ୍ୟକୁ ଦର୍ଶାଇବା ସହିତ ଏହାର କାର୍ଯ୍ୟାନ୍ୱୟନ ପାଇଁ ସଂକଳ୍ପକୁ ପ୍ରତିପାଦିତ କରିଛି ।

ଏକଦା ଦୁଇ ବନ୍ଧୁ ଜଙ୍ଗଲକୁ ଶିକାର କରିବାକୁ ଯାଇଥିଲେ । ଏତେଶୀଘ୍ର ସିଂହଟିଏ ଆସିଯିବ ବୋଲି ସେମାନେ କେବେ କଳ୍ପନା କରିନଥିଲେ। ତେଣୁ ନିଜ କାର ପାର୍କ କରି ଦେଇ ସେମାନେ ଚାଲି ଚାଲି ଜଙ୍ଗଲ ଭିତରକୁ ଗଲେ। ଇତିମଧ୍ୟରେ ସିଂହଟିଏ ସେମାନଙ୍କ ସାମ୍ନାକୁ ଚାଲିଆସିଲା । ଏହି ସମୟରେ ଦୁହିଁଙ୍କର ମନେ ପଡ଼ିଲା ଯେ ସେମାନେ ନିଜର ବନ୍ଧୁକ କାରରେ ରଖି ଦେଇ ଆସିଛନ୍ତି । ଏହାପରେ ସେମାନେ କ'ଣ କରିଥିବେ? ସେମାନେ ନିଜ ପକେଟରୁ ବନ୍ଧୁକ ଲାଇସେନ୍ସ ବାହାର କରି ସିଂହ ଆଗରେ ଦେଖାଇଲେ । ପୂର୍ବରୁ ଥିବା ସରକାରଙ୍କ କାର୍ଯ୍ୟପଦ୍ଧତି ଠିକ ଏହିପରି ଥିଲା। ସରକାରର ଦାୟିତ୍ୱ ନେବା ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ବାସ୍ତବତାକୁ ଭଲ ଭାବେ ହୃଦୟଙ୍ଗମ କରିଥିଲେ । ଏହି ବାସ୍ତବତାର ଉପଲବ୍ଧି ହିଁ ମେ 2014ରେ ଭାରତର ରୂପାନ୍ତରଣ ଦର୍ଶନକୁ ଜନ୍ମ ଦେଲା । ପ୍ରଧାନମନ୍ତ୍ରୀ ତାଙ୍କ ସରକାରର କାର୍ଯ୍ୟପଦ୍ଧତି ପାଇଁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କଲେ । ସେ କହିଥିଲେ, "ପ୍ରଥମ ଆବଶ୍ୟକତା ହେଉଛି ଅମଲାତନ୍ତ୍ରରେ ପରିବର୍ତ୍ତନ! ଲୋକମାନଙ୍କୁ ନୂତନ ଅଧିକାର ପ୍ରଦାନ କରିବା ଲାଗି ସରକାରମାନେ ଚିତ୍କାର କରି କହିଥାନ୍ତି, କିନ୍ତୁ ଆମ ସମ୍ବିଧାନ ଆମକୁ ଅନେକ ଅଧିକାର ପ୍ରଦାନ କରିସାରିଛି। ଆମର ଆଉ ଅଧିକ ଆଇନ ଦରକାର ନାହିଁ, କାମ ଦରକାର ।" ପ୍ରଧାନମନ୍ତ୍ରୀଙ୍କ ଏହି କଥନର ଉଦ୍ଦେଶ୍ୟ ଥିଲା ଦେଶ ପାଇଁ ଆଉ ଅଧିକ ଆଇନ କିମ୍ବା ଅଧିକାର ଅନାବଶ୍ୟକ, କାରଣ ସମ୍ବିଧାନ ନାଗରିକମାନଙ୍କୁ ଅଧିକାଂଶ ଅଧିକାର ପ୍ରଦାନ କରିସାରିଛି । ବର୍ତ୍ତମାନ କାମ କରିବାର ଆବଶ୍ୟକତା ରହିଛି । ନୀତି ଓ ଯୋଜନା ସଂକ୍ରାନ୍ତ ଘୋଷଣାଗୁଡ଼ିକୁ ଫଳପ୍ରଦ କରିବାର ଆବଶ୍ୟକତା ରହିଛି ।

ଘୋଷଣା ବନାମ କାର୍ଯ୍ୟାନ୍ୱୟନ

ଦୃଢ଼ ଇଚ୍ଛାଶକ୍ତି ଓ ଦର୍ଶନ କାରଣରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିଜ କାର୍ଯ୍ୟଶୈଳୀ ପାଇଁ ପରିଚିତ। ଏହା

ନମୋ ଉତ୍ତମ

ପ୍ରଶାସନର ମନ୍ତ୍ର

ସରକାରଙ୍କ ଏକମାତ୍ର ଲକ୍ଷ୍ୟ	**ପ୍ରଥମେ ଭାରତ**
ସରକାରଙ୍କ ଏକମାତ୍ର ପବିତ୍ର ପୁସ୍ତକ	**ସମ୍ବିଧାନ**
ସରକାରଙ୍କ ଏକମାତ୍ର ସମର୍ପଣ	**ଭାରତ ପ୍ରତି ସମର୍ପଣ**
ସରକାରଙ୍କ ଏକମାତ୍ର ଶକ୍ତି	**ମାନବଶକ୍ତି**
ସରକାରଙ୍କ ଏକମାତ୍ର ବିଧାନ	**130 କୋଟି ଭାରତବାସୀଙ୍କ କଲ୍ୟାଣ**
ସରକାରଙ୍କ ଏକମାତ୍ର ମନ୍ତ୍ର	**ସବକା ସାଥ, ସବକା ବିକାଶ, ସବକା ବିଶ୍ୱାସ**

" ମୋ ସରକାରର ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟପଦ୍ଧତି ରହିଛି । ଏବେ କୌଣସି କାର୍ଯ୍ୟ ବିଳମ୍ବିତ, ମନ୍ଥର କିମ୍ବା ସ୍ଥଗିତ ରହିବ ନାହିଁ । ଫାଇଲକୁ ହୋଲ୍ଡ କରି ରଖିବାର କାର୍ଯ୍ୟ ସଂସ୍କୃତି ଏବେ ଶେଷ ହୋଇସାରିଛି । ଜନସାଧାରଣଙ୍କ ସହଯୋଗରେ ସରକାର ଏବେ ନିଜର ପ୍ରତ୍ୟେକ ଅଭିଯାନ, ପ୍ରତ୍ୟେକ ସଂକଳ୍ପକୁ ପୂରଣ କରୁଛନ୍ତି । ଆପଣମାନଙ୍କ ନିକଟରେ ଏକ ସରକାର ରହିଛି ଯାହା ଲୋକମାନଙ୍କ ମଧ୍ୟରେ ସଦଭାବ ସୃଷ୍ଟି କରୁଛି ।"

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ
(ଚମ୍ପାରଣ ସତ୍ୟାଗ୍ରହ ଶତବାର୍ଷିକୀ ଉପଲକ୍ଷେ ପୂଜ୍ୟ ବାପୁଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ଅବସରରେ)

ଆମେ ପ୍ରତିଶ୍ରୁତି ପାଳନ କରିଛୁ

ଅଗଷ୍ଟ 15, 2020ରେ କରାଯାଇଥିବା ଘୋଷଣା ତୃଣମୂଳସ୍ତରରେ ଯୋଜନାଗୁଡ଼ିକର କାର୍ଯ୍ୟକାରିତା

• ଜାତୀୟ ଡିଜିଟାଲ ସ୍ୱାସ୍ଥ୍ୟ ମିଶନ

ପ୍ରତିଶ୍ରୁତି : ସ୍ୱାସ୍ଥ୍ୟ କ୍ଷେତ୍ରରେ ଆଜିଠାରୁ ଜାତୀୟ ଡିଜିଟାଲ ସ୍ୱାସ୍ଥ୍ୟ ମିଶନ ଆରମ୍ଭ ହେଉଛି । ଏହା ସ୍ୱାସ୍ଥ୍ୟ କ୍ଷେତ୍ରରେ କ୍ରାନ୍ତି ଆଣିବ ।

ପୂରଣ : ସେହି ଅଗଷ୍ଟ 15 ତାରିଖରେ ହିଁ ଏହା ପ୍ରଥମ ପର୍ଯ୍ୟାୟରେ ଚେଟି କେନ୍ଦ୍ର ଶାସିତ ପ୍ରଦେଶରେ କାର୍ଯ୍ୟକାରୀ ହୋଇଛି । ପଞ୍ଜିକରଣ ଆରମ୍ଭ ହୋଇସାରିଛି । ଡ୍ରାଫ୍ଟ ଡାଟା ମ୍ୟାନେଜମେଣ୍ଟ ଜାରି ହୋଇସାରିଛି । ଆସନ୍ତା କିଛି ମାସ ମଧ୍ୟରେ ଏହା ସାରା ଦେଶରେ ଲାଗୁ ହେବ ।

• ସୀମାବର୍ତ୍ତୀ ଅଞ୍ଚଳରେ ଏନସିସି କ୍ୟାଡେଟ

ପ୍ରତିଶ୍ରୁତି : 173ଟି ସୀମାବର୍ତ୍ତୀ ଜିଲ୍ଲାରେ ଆମେ ଏକ ଲକ୍ଷ କ୍ୟାଡେଟମାନଙ୍କୁ ପ୍ରସ୍ତୁତ କରିବୁ । ଏମାନଙ୍କ ମଧ୍ୟରୁ ଏକ ତୃତୀୟାଂଶ ଝିଅ ରହିବେ ।

ପୂରଣ : ଅଗଷ୍ଟ 16, 2020ରେ ପ୍ରତିରକ୍ଷା ମନ୍ତ୍ରଣାଳୟ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ (ଏନସିସି)ର ସମ୍ପ୍ରସାରଣକୁ ଅନୁମୋଦନ କରିଥିଲା । 1,000ରୁ ଅଧିକ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଚିହ୍ନଟ ।

• ଡଲଫିନ ପ୍ରକଳ୍ପ

ପ୍ରତିଶ୍ରୁତି : ଡଲଫିନ ପ୍ରକଳ୍ପ ଅଧୀନରେ ନଦୀ ଓ ସମୁଦ୍ରରେ ରହୁଥିବା ଡଲଫିନର ସଂରକ୍ଷଣ ଉପରେ ଆମେ ଦୃଷ୍ଟିଦେବୁ । ଏହା ମଧ୍ୟ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ।

ପୂରଣ : କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ପ୍ରକାଶ ଜାଭଡ଼େକର ଏହି ଯୋଜନାର ଶୁଭାରମ୍ଭ ପାଇଁ ଅଗଷ୍ଟ 17 ତାରିଖରେ ଘୋଷଣା କରିଥିଲେ । ବିଧିବଦ୍ଧ ଅନୁମୋଦନ ପରେ ଏହା ଆରମ୍ଭ ହୋଇଯିବ ।

"ଆମର ଲକ୍ଷ୍ୟ ହେଉଛି ଦେଶର ଦରିଦ୍ରରୁ ଦରିଦ୍ରତମ ବ୍ୟକ୍ତିକୁ ଅର୍ଥନୀତିର ମୁଖ୍ୟଧାରାକୁ ଆଣିବା। ଅଭିବୃଦ୍ଧି ଏବଂ ଜିଡିପି କ୍ଷେତ୍ରରେ ଆମେ ବିଶ୍ୱର ବୃହତ ଅର୍ଥବ୍ୟବସ୍ଥାଗୁଡ଼ିକୁ ପଛରେ ପକାଇ ଦେଇଛୁ।"

40.35 କୋଟି

ଅଗଷ୍ଟ 2020 ସୁଦ୍ଧା ଖୋଲା ଯାଇଥିବା ଜନଧନ ଆକାଉଣ୍ଟ । 1,30,701.05 କୋଟି ଟଙ୍କା ଜନଧନ ଆକାଉଣ୍ଟରେ ଜମା ହୋଇଛି । 29.75 କୋଟି ରୁପେ କାର୍ଡ ବିତରଣ ।

- ଜିଡିପିର ଆକାର ଦୃଷ୍ଟିରୁ ଭାରତ ବିଶ୍ୱର ପଞ୍ଚମ ସର୍ବବୃହତ ଅର୍ଥବ୍ୟବସ୍ଥା ।
- 2013-14 ମାସିକ ମୁଣ୍ଡ ପିଛା ଆୟ 6,699 ଥିବା ସମୟରେ ଏହା 2018-19ରେ 10,534ରେ ପହଞ୍ଚିଛି ।
- ଡିସେମ୍ବର 2019 ସୁଦ୍ଧା ବିଶ୍ୱର ଜିଡିପିରେ ଭାରତର ଭାଗ 3.9% ରହିଛି ।
- ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜି ନିବେଶରେ 18% ବୃଦ୍ଧି ।
- 35 ବର୍ଷ ପରେ ଆସିଥିବା ନୂଆ ଶିକ୍ଷା ନୀତି ଯୁବକମାନଙ୍କୁ ନିଯୁକ୍ତିଭିତ୍ତିକ ଶିକ୍ଷା ପ୍ରଦାନ କରି ସେମାନଙ୍କୁ ଆର୍ଥିକ ଆତ୍ମନିର୍ଭରଶୀଳ କରିବ ।

ସ୍ପଷ୍ଟ ଭାବେ ସରକାରଙ୍କ ଉତ୍ତମ ପ୍ରଶାସନ ନୀତିରେ ପ୍ରତିଫଳିତ ହୋଇଥାଏ ।

2019ରେ ସରକାର ଗଠନ ହେବାର ଗୋଟିଏ ବର୍ଷ ମଧ୍ୟରେ ଜମ୍ମୁ ଓ କଶ୍ମୀରରୁ ଅନୁଚ୍ଛେଦ 370 ଉଚ୍ଛେଦ, ନାଗରିକତା ସଂଶୋଧନ ଆଇନ, ବୋଡୋ ଚୁକ୍ତି, କର୍ତାରପୁର କରିଡର ଭଳି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି କେବଳ ଗ୍ରହଣ କରାଗଲା ନାହିଁ ବରଂ ଏଗୁଡ଼ିକୁ କାର୍ଯ୍ୟକାରୀ କରାଗଲା । ବିଗତ 70 ବର୍ଷ ଧରି ବିଭିନ୍ନ ପ୍ରସଙ୍ଗ ତ୍ରିଶଙ୍କୁ ଅବସ୍ଥାରେ ରହିଥିଲା । ଲାଲକିଲାର ପ୍ରାଚୀର ଉପରୁ ପ୍ରଥମ ଅଭିଭାଷଣ ହେଉ ଅବା ସପ୍ତମ, ଦୃଢ଼ତାର ସହ ନିର୍ଣ୍ଣୟ ନେବା ଏବଂ ସେଗୁଡ଼ିକୁ ନିର୍ଦ୍ଧାରିତ ସମୟରେ ସମ୍ପୂର୍ଣ୍ଣ କରିବାରେ ପ୍ରଧାନମନ୍ତ୍ରୀଙ୍କ ଉତ୍ତମ ପ୍ରଶାସନର ଦର୍ଶନ ପ୍ରତିଫଳିତ

ସରକାରୀ ଯୋଜନା କାର୍ଯ୍ୟକାରୀ କରିବା ଲାଗି ଆଇଟି (ସୂଚନା ପ୍ରଯୁକ୍ତି)ର ସର୍ବାଧିକ ପ୍ରୟୋଗ ହୋଇଛି । ଆମ ସହିତ ପେସାଦାରମାନଙ୍କୁ ଯୋଡ଼ାଯାଇଛି। ପ୍ରଥମ ଥର ପାଇଁ ଏକ ସରକାର ପ୍ରଶାସନରେ ପରିବର୍ତ୍ତନ ଆଣି ଏହାକୁ କର୍ପୋରେଟ ଗଭର୍ଣ୍ଣାନ୍ସରେ ପରିଣତ କରିଛନ୍ତି ।

ହୋଇଛି। ଭାରତକୁ ଆତ୍ମନିର୍ଭର କରିବା ଲାଗି ଅଭିଯାନ ହେଉ କିମ୍ବା ଖାଦ୍ୟଶସ୍ୟ ଯୋଗାଇବା ଏବଂ ଗାଁରେ ହିଁ ଗରିବ ଓ ଶ୍ରମିକମାନଙ୍କୁ ନିଯୁକ୍ତି ଯୋଗାଇ ଦେବା ଠାରୁ ଆରମ୍ଭ କରି ଯୁବକମାନଙ୍କୁ ଷ୍ଟାର୍ଟଅପ ସହିତ ଯୋଡ଼ିବା, ମହିଳା ଓ ମଧ୍ୟମବର୍ଗଙ୍କ ସମେତ ସମାଜର ପ୍ରତ୍ୟେକ ବର୍ଗକୁ ବିକାଶର ମୁଖ୍ୟଧାରାକୁ ଆଣିବା, ଏ ସମସ୍ତ ପ୍ରସଙ୍ଗ ପ୍ରତି ପ୍ରଧାନମନ୍ତ୍ରୀ ପ୍ରାଥମିକତା ଦେଇ ଆସିଛନ୍ତି । ପ୍ରଧାନମନ୍ତ୍ରୀ ଲାଲକିଲାରୁ କରିଥିବା ଘୋଷଣା ସମାନ୍ତରାଳ ଭାବେ କାର୍ଯ୍ୟକାରୀ ହେବାରୁ ପ୍ରଶାସନର ଗତି ସ୍ପଷ୍ଟ ଭାବେ ବାରି ହୋଇ ପଡ଼ିଥାଏ । ଜାତୀୟ ଡିଜିଟାଲ ସ୍ୱାସ୍ଥ୍ୟ ମିଶନକୁ ଏପରି ଢଙ୍ଗରେ ପ୍ରସ୍ତୁତ କରାଯାଇଥିଲା ଯାହାକୁ ସେହି ଦିନ ହିଁ ଏକ ପାଇଲଟ ପ୍ରକଳ୍ପ ସ୍ୱରୂପ ଚେଟି କେନ୍ଦ୍ର

ଆମେ ପ୍ରତିଶ୍ରୁତି ପାଳନ କରିଛୁ

“ ଗ୍ରାମୀଣ ଜୀବନ ଓ କୃଷି ଜୀବନ ପାଇଁ କେବଳ କୃଷିର ବିକାଶ ଉପରେ ବିତର୍କ କଲେ ତାହା ଅସମ୍ପୂର୍ଣ୍ଣ ରହିଯିବ । କୃଷକଙ୍କ କଲ୍ୟାଣ ସହ ଯୋଡ଼ି ହେଲେ ଯାଇ ଏହା ସମ୍ପୂର୍ଣ୍ଣ ହୋଇପାରିବ । ”

୨୦,000 କୋଟି ଟଙ୍କା

ପ୍ରଧାନମନ୍ତ୍ରୀ କିସାନ ନିଧି ଅଧୀନରେ କୃଷକମାନଙ୍କୁ ପ୍ରଦାନ କରାଯାଇଛି ।

- କରୋନା ସଂକଟ ସତ୍ତ୍ୱେ 2.9% ବୃଦ୍ଧି ସହିତ ଆନୁମାନିକ ଖାଦ୍ୟଶସ୍ୟ ଉତ୍ପାଦନ 295.67 ନିୟୁତ ଟନରେ ପହଞ୍ଚିଲା ।
- କୃଷି ଆଧାରିତ ଭିତ୍ତିଭୂମି ବିକାଶ ଲାଗି 1 ଲକ୍ଷ କୋଟି ଟଙ୍କାର ଏକ କୃଷି ଭିତ୍ତିଭୂମି ପାଣ୍ଠି
- କୃଷି ଆନୁସଙ୍ଗିକ କ୍ଷେତ୍ରରେ 346ଟି ଷ୍ଟାର୍ଟଅପ ଲାଗି 3671.75 ଲକ୍ଷ ଟଙ୍କାର ଅନୁଦାନ
- କୃଷକଙ୍କ ସର୍ବମୋଟ ଆୟ 20 ରୁ 68 ପ୍ରତିଶତକୁ ବୃଦ୍ଧି
- 22.39 କୋଟି କୃଷକଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ବିତରଣ
- ସଠିକ ସମୟରେ କୃଷକଙ୍କ ଉତ୍ପାଦନ ପରିବହନ ଲାଗି ପ୍ରଥମ ଥର ଲାଗି କିସାନ ରେଳ ଚଳାଚଳ ଶୁଭାରମ୍ଭ

ଶାସିତ ପ୍ରଦେଶରେ କାର୍ଯ୍ୟକାରୀ କରାଗଲା । ଅନୁରୂପ ଭାବେ 173ଟି ସୀମାନ୍ତବର୍ତ୍ତୀ ଜିଲ୍ଲାରେ ଏନସିସି କ୍ୟାଡେଟମାନଙ୍କୁ ପ୍ରସ୍ତୁତ କରିବା ଏବଂ ସେମାନଙ୍କୁ ସାମରିକ ପ୍ରଶିକ୍ଷଣ ପ୍ରଦାନ କରିବା ଲାଗି ପ୍ରସ୍ତାବ ଘୋଷଣା କରାଯିବା ପରଦିନ ହିଁ ଯୁବକମାନଙ୍କ ଆକାଂକ୍ଷା ପୂରଣ କରିବା ଲାଗି ପ୍ରତିରକ୍ଷା ମନ୍ତ୍ରଣାଳୟ ଏହି ଯୋଜନାର ସମ୍ପ୍ରସାରଣକୁ ଅନୁମୋଦନ ପ୍ରଦାନ କରିଥିଲା । ସେହିପରି ବ୍ୟାଘ୍ର ପ୍ରକଳ୍ପ ଏବଂ ହାତୀ ପ୍ରକଳ୍ପର ସଫଳତା ପରେ ନଦୀ ଓ ସମୁଦ୍ରରେ ଥିବା ଡଲଫିନଙ୍କ ସଂରକ୍ଷଣ କରି ଜୈବ ବିବିଧତାର ସୁରକ୍ଷା ଉଦ୍ଦେଶ୍ୟରେ ପ୍ରକଳ୍ପ ଡଲଫିନ ଘୋଷଣା କରାଗଲା । ମାତ୍ର 15 ଦିନ ମଧ୍ୟରେ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ପ୍ରକାଶ ଜାଭଡ଼େକର ଏଥିପାଇଁ ଏକ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କଲେ । ବିଧିବଦ୍ଧ ଅନୁମୋଦନର ତୁରନ୍ତ ପରେ ପ୍ରକଳ୍ପ ଡଲଫିନ ଆରମ୍ଭ କରାଯିବ ।

ପୁରୁଣା କାର୍ଯ୍ୟପଦ୍ଧତି ଏବେ ସମ୍ପୂର୍ଣ୍ଣ ଭାବେ ବଦଳି ସାରିଛି । ଯୁବ ପେସାଦାର ଏବଂ ଅମଲାତନ୍ତ୍ର ମଧ୍ୟରେ ଉନ୍ନତ ସମନ୍ୱୟ କାରଣରୁ କାର୍ଯ୍ୟଶୈଳୀରେ ଏକ ପରିବର୍ତ୍ତନ ଆସିପାରିଛି । ପ୍ରତ୍ୟେକ ଯୋଜନା ଏବେ ବାସ୍ତବରେ ରୂପାନ୍ତରିତ ହେଉଛି ।

“ ବର୍ତ୍ତମାନ ସଠିକ ସମୟରେ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାର ଏକ କର୍ମସଂସ୍କୃତି ବିକଶିତ ହୋଇଛି । ଆମେ ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ ଏହାକୁ ଉଦଘାଟନ ମଧ୍ୟ କରୁଛୁ । ଏହାକୁ ଲୋକମାନଙ୍କ ପ୍ରତି ଆମର ପ୍ରତିବଦ୍ଧତା ରୂପେ ଗ୍ରହଣ କରିବା ଉଚିତ, ଆମର ଅହଂକାର ନୁହେଁ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ”

ଆରମ୍ଭରୁ ‘ଆକ୍ସନ ମୋଡ’ରେ ସରକାର

ଏକଦା “ଦିଲ୍ଲୀ ରାଜନୀତି”ରେ ନବାଗତ ଭାବେ ବିବେଚିତ ହେଉଥିବା ନରେନ୍ଦ୍ର ମୋଦୀ ସବୁକିଛି ବ୍ୟବସ୍ଥିତ ଓ ଢାଞ୍ଚାଗତ ଢଙ୍ଗରେ କରିବା ଲାଗି ନିଜର ଦର୍ଶନ କାରଣରୁ ଅମଲାତନ୍ତ୍ର ଓ ସମାଲୋଚକମାନଙ୍କୁ ଆଚମ୍ବିତ କରି ଦେଇଥିଲେ । ଭାରତର 15ତମ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱଗ୍ରହଣ କରିବାର ମାତ୍ର ଗୋଟିଏ ମାସ ଯାଇଥିବ କି ନାହିଁ ପ୍ରଧାନମନ୍ତ୍ରୀ ଏକ ଟିମ ଇଣ୍ଡିଆ ଭଳି କାମ କରିବା ଆରମ୍ଭ କରିଦେଇଥିଲେ । ଯୋଜନା ଆୟୋଗଙ୍କ ସ୍ଥାନରେ ନୀତି ଆୟୋଗ ଗଠନ କରାଯିବା ହେଉ କିମ୍ବା ସରକାରରେ ପେସାଦାରମାନଙ୍କୁ ସାମିଲ କରିବା ସହିତ ଅମଲାତନ୍ତ୍ରକୁ ସାଥୀରେ ନେଇ ପ୍ରଶାସନର କାମ କରିବାର ଗତି ବୃଦ୍ଧି କରାଯିବା, ସବୁକ୍ଷେତ୍ରରେ ଦଳଗତ ଭାବେ କାମ କରିବା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ । ଏହାର ଫଳସ୍ୱରୂପ ପୁରୁଣା ଦିନର ବିଳମ୍ବ, ମନ୍ଥର ଓ ସ୍ଥଗିତ ରଖିବାର କାର୍ଯ୍ୟଶୈଳୀ ପରିବର୍ତ୍ତେ ପ୍ରଶାସନ ଖୁବ ସକ୍ରିୟ ଭାବେ କାର୍ଯ୍ୟ କରିଥିଲା । 2014ରେ ଶପଥ ନେବାର ପରଦିନ ହିଁ ପ୍ରଥମ କ୍ୟାବିନେଟ ବୈଠକରେ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସଆଇଟି) ଗଠନ କରିବା ଲାଗି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଏହାଦ୍ୱାରା ବିଦେଶରେ ଗଚ୍ଛିତ ଥିବା କଳାଧନ ଦେଶକୁ ଫେରାଇ ଆଣିବା ଲାଗି ସେ ଲୋକମାନଙ୍କୁ ଦେଇଥିବା ପ୍ରତିଶ୍ରୁତି ପାଳନ କରିବା ଦିଗରେ ସେ

 # ଆମେ ପ୍ରତିଶ୍ରୁତି ପାଳନ କରିଛୁ

“ଗରିବଙ୍କ ଜନଧନ ଆକାଉଣ୍ଟରରେ ଲକ୍ଷ ଲକ୍ଷ ଟଙ୍କା ହସ୍ତାନ୍ତର କରାଯିବା ସମ୍ପର୍କରେ କେହି କେବେ କଳ୍ପନା କରିଥିଲା କି ? ଆୟୁଷ୍ମାନ ଭାରତ ହେଉ ଅବା ଉଜ୍ଜ୍ୱଳା ଯୋଜନା ଆମେ ପାରଦର୍ଶୀ ଢଙ୍ଗରେ ପ୍ରତ୍ୟେକଙ୍କୁ ସହାୟତା ଯୋଗାଇ ଦେବା କ୍ଷେତ୍ରରେ ବ୍ୟାପକ ପ୍ରଗତି ହାସଲ କରିଛୁ।”

50 କୋଟି

ଲୋକଙ୍କୁ ଆୟୁଷ୍ମାନ ଭାରତ ଅଧୀନରେ 5 ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ବୀମା ସୁବିଧା

- ଉଜ୍ଜ୍ୱଳା ଯୋଜନାରେ 8 କୋଟି ପରିବାର ମାଗଣା ସିଲିଣ୍ଡର ପାଇଛନ୍ତି ।
- କରୋନା ମହାମାରୀ ସମୟରେ ଗରିବ ପରିବାର ପାଇଁ 1.70 ଲକ୍ଷ କୋଟି ଟଙ୍କାର ପ୍ୟାକେଜ
- ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ରୋଜଗାର ଯୋଜନା ଅନ୍ତର୍ଗତ ଘର ପାଖରେ ପ୍ରବାସୀ ଶ୍ରମିକମାନଙ୍କୁ ରୋଜଗାର ପ୍ରଦାନ କରିବା ଲାଗି ପଦକ୍ଷେପ
- ଏମଜିଏନଆରଇଜିଏ ଅଧୀନରେ ଶ୍ରମିକଙ୍କ ମଜୁରି 20 ଟଙ୍କା ବୃଦ୍ଧି ଯାହା 13.62 ପରିବାରକୁ ଲାଭାନ୍ୱିତ କରିବ ।

ପ୍ରଧାନମନ୍ତ୍ରୀ ନିଜ କ୍ୟାବିନେଟରେ ପେସାଦାରମାନଙ୍କୁ ସ୍ଥାନ ଦେଇଛନ୍ତି ଯେଉଁମାନେ ରାଜନୀତି ଠାରୁ ଦୂରରେ ରହିଥାନ୍ତି । କର୍ପୋରେଟ ସଂସ୍କୃତି ଆଧାରିତ ଏହି ପ୍ରୟୋଗ ସଫଳ ହୋଇଥିଲା ଏବଂ କାର୍ଯ୍ୟାନ୍ୱୟନ ଲାଗି ସରକାରଙ୍କ ନୀତି ଏବେ ପେସାଦାର ଢଙ୍ଗରେ ବାସ୍ତବ ରୂପ ନେଉଛି ।

ପ୍ରଥମ ପଦକ୍ଷେପ ଗ୍ରହଣ କରିଥିଲେ। ଏହାପରେ ଅମଲାତନ୍ତ୍ର କ୍ଷେତ୍ରରେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଗଲା। ନିଷ୍କ୍ରିୟତା ଦୂର କରିବା ଲାଗି ସମ୍ପୂର୍ଣ୍ଣ ବ୍ୟବସ୍ଥାରେ ପରିବର୍ତ୍ତନ ଅଣାଗଲା । ବିଭାଗ ଭଳି କାର୍ଯ୍ୟ କରୁଥିବା ବହୁ ମନ୍ତ୍ରଣାଳୟକୁ ସାମଗ୍ରୀକ ସମାବେଶୀତା ଲକ୍ଷ୍ୟ ନେଇ ମିଶ୍ରଣ କରି ଦିଆଗଲା । ଅନ୍ୟପଟେ ନୂଆ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟ ଗଠନ କରାଗଲା ଯାହାକି ଯୁବକମାନଙ୍କ ମଧ୍ୟରେ ନବୋନ୍ମେଷର ଭାବନା ଜାଗ୍ରତ କରି ସେମାନଙ୍କୁ ବ୍ୟାପକ ଭାବେ ପ୍ରଶିକ୍ଷଣ ପ୍ରଦାନ କରିବା ଲାଗି ଉଦ୍ଦିଷ୍ଟ ଥିଲା । ଏହାପଛରେ ମୂଳ ଲକ୍ଷ୍ୟ ଥିଲା ବିଭିନ୍ନ ମନ୍ତ୍ରଣାଳୟଗୁଡ଼ିକୁ ମିଶାଇ ଏକ ସକ୍ରିୟ ପ୍ରଶାସନ ଗଠନ କରିବା, ଯାହାଫଳରେ ଅଧିକାରୀମାନେ ସେମାନଙ୍କର ଶ୍ରେଷ୍ଠ କାର୍ଯ୍ୟ କରିପାରିବେ । ଏହା ପ୍ରଶାସନରେ ସ୍ପଷ୍ଟ ଭାବେ

2006 ପରଠାରୁ ଜିଏସଟି ବିଲ ପଡ଼ି ରହିଥିଲା, 2014ରେ ଗତିଲାଭ କଲା । ପ୍ରଧାନମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଏହା ଜୁଲାଇ ପହିଲା 2017ରେ କାର୍ଯ୍ୟକାରୀ ହେଲା ।

ପ୍ରତିଫଳିତ ହେଲା । ଅମଲାତନ୍ତ୍ରକୁ ଭୟମୁକ୍ତ କରି ଏହାର ସଶକ୍ତିକରଣ ଉପରେ ଗୁରୁତ୍ୱାରୋପ କରିବା ସହିତ ଉତ୍ତମ ପ୍ରଶାସନ ପାଇଁ ପ୍ରଧାନମନ୍ତ୍ରୀ ଏକ 10 ସୂତ୍ରୀ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କଲେ। ପ୍ରଧାନମନ୍ତ୍ରୀ ସେତେବେଳେ ସ୍ପଷ୍ଟ କରି ଦେଇଥିଲେ ଯେ ତାଙ୍କର ମନ୍ତ୍ର ହେଉଛି କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ଏବଂ ଦୃଢ଼ ଭାବେ କାର୍ଯ୍ୟକାରୀ କରିବା । ସରକାରଙ୍କ ସଚିବମାନଙ୍କ ସହିତ ଏକ ବୈଠକ ଆୟୋଜନ କରି ସେ ପ୍ରଶାସନର ଏଜେଣ୍ଡାକୁ ଉପସ୍ଥାପନ କଲେ । ଜୁନ 4, 2014ରେ ବରିଷ୍ଠ ପ୍ରଶାସନିକ ଅଧିକାରୀ ଏବଂ ନୀତି ଆୟୋଗର ବର୍ତ୍ତମାନର ସିଇଓ ଅମିତାଭ କାନ୍ତ ଏ ବୈଠକ ସମ୍ପର୍କରେ ଟୁଇଟ କରି ସୂଚନା ଦେଇଥିଲେ: “ମୋ କ୍ୟାରିଅରରେ ପ୍ରଥମ ଥର ପାଇଁ କୌଣସି ପ୍ରଧାନମନ୍ତ୍ରୀଙ୍କ ସହିତ ଏହା ଥିଲା ମୁକ୍ତ, ଖୋଲା ଏବଂ ଭୟମୁକ୍ତ ଭାବ ବିନିମୟ । ଏଥିରେ ବହୁ ପ୍ରେରଣାଦାୟୀ ବିଚାର ବିନିମୟ ହେଲା ।” ଅମଲାତନ୍ତ୍ର ସହିତ ସମନ୍ୱୟ ସ୍ଥାପନ ଲାଗି ପ୍ରଧାନମନ୍ତ୍ରୀ ମୋଦୀ ଯୁବ ପେସାଦାରମାନଙ୍କୁ ବିଭିନ୍ନ ମନ୍ତ୍ରଣାଳୟ, ବିଭାଗ ଓ ନୀତି ଆୟୋଗ ସହିତ ଯୋଡ଼ିଲେ । ସେ କାମ କରିବାର ଗତି ମଧ୍ୟ ବଢ଼ାଇଲେ ଯାହା ପ୍ରଶାସନର ପାରମ୍ପରିକ କାର୍ଯ୍ୟଶୈଳୀରେ ବ୍ୟାପକ ପରିବର୍ତ୍ତନ ଆଣିଲା । ବହୁ ଅପାରଗ ଅଧିକାରୀମାନଙ୍କୁ ବାଧ୍ୟତାମୂଳକ ଅବସର ପ୍ରଦାନ କରାଗଲା ।

କର୍ପୋରେଟ ପ୍ରଶାସନ ମଡେଲରେ ଯୁବ ପେସାଦାରଙ୍କୁ ସୁଯୋଗ

ପ୍ରଶାସନିକ ମଡେଲକୁ କର୍ପୋରେଟ

ଆର୍ଥିକ ଦୃଷ୍ଟିରୁ ପଛୁଆ ବର୍ଗଙ୍କୁ 10% ସଂରକ୍ଷଣ ପ୍ରଦାନ କରିବା ପ୍ରସ୍ତାବରେ କେନ୍ଦ୍ର କ୍ୟାବିନେଟ 7 ଜାନୁଆରୀ 2019ରେ ମୋହର ମାରିଥିଲା । ଏହା ପରବର୍ତ୍ତୀ ଦୁଇ ଦିନ ମଧ୍ୟରେ ସଂସଦର ଉଭୟ ଗୃହରେ ଅନୁମୋଦନ ଲାଭ କରିଥିଲା ।

ପ୍ରଶାସନରେ ରୂପାନ୍ତରିତ କରିବାର ଲକ୍ଷ୍ୟ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିଜ ବୟସ ଠାରୁ ଅଧା ବୟସର ଯୁବ ପେସାଦାରମାନଙ୍କୁ ନିଯୁକ୍ତି ଦେଇ ନୀତି ପ୍ରଣୟନ କରିବାର ମୂଳଦୁଆ ପ୍ରସ୍ତୁତ କରିଥିଲେ । ଯାହାର ଫଳସ୍ୱରୂପ ବହୁସଂଖ୍ୟକ ଯୁବ ପେସାଦାର 2022 ସୁଦ୍ଧା ନ୍ୟୁ ଇଣ୍ଡିଆ ସ୍ୱପ୍ନ ସାକାର କରିବା ଉଦ୍ଦେଶ୍ୟରେ ସରକାରଙ୍କ ସହିତ ଯୋଡ଼ିହେଲେ । ବିଭିନ୍ନ କାର୍ଯ୍ୟକ୍ରମର ସଫଳତାରେ ଏହି ପେସାଦାରମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କଲେ । ହାଇଦ୍ରାବାଦରେ ଇଭାଙ୍କା ଟ୍ରମ୍ପଙ୍କ ଗସ୍ତ କାର୍ଯ୍ୟକ୍ରମ, ଇସ୍ରାଏଲରେ ଭାରତର ଟେକ ପ୍ରଦର୍ଶନୀ, ମାଡିସନ ସ୍କୋୟାରରେ ହାଓଡି ମୋଦୀ, ଗୁଜରାଟରେ ନମସ୍ତେ ଟ୍ରମ୍ପ ଭଳି କାର୍ଯ୍ୟକ୍ରମ ଅମଲାତନ୍ତ୍ର ସହିତ ଉତ୍ତମ ସମନ୍ୱୟ ସ୍ଥାପନ କରାଯାଇ ସଫଳତାର ସହିତ ସମ୍ପାଦନ କରାଗଲା।

ତାଙ୍କର ଶାସନ କାଳରେ 350ରୁ ଅଧିକ ଯୁବ ପେସାଦାର ଅମଲାତନ୍ତ୍ର ସହିତ ମିଶି ସରକାରଙ୍କ ବିଭିନ୍ନ ସ୍ତରରେ କାର୍ଯ୍ୟ କରୁଛନ୍ତି । ଏମାନେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ବିଭିନ୍ନ ମନ୍ତ୍ରଣାଳୟ ଓ ନୀତି ଆୟୋଗର କାର୍ଯ୍ୟଶୈଳୀରେ ବ୍ୟାପକ ପରିବର୍ତ୍ତନ ଆଣିପାରିଛନ୍ତି। ଏମାନେ ଆଇଆଇଏମ, ବୌଦ୍ଧିକ ଆଇନ ଏବଂ ପେଟେଣ୍ଟ ଆଇନ ଭଳି ସଂଖ୍ୟାଧିକ ଡିଗ୍ରୀରେ ଭୂଷିତ । ଏହି ପେସାଦାରମାନେ ପ୍ରଧାନମନ୍ତ୍ରୀଙ୍କ ନୂତନ ଭାରତର ସଂକଳ୍ପକୁ ସାକାର କରିବା ଲାଗି କାର୍ଯ୍ୟ କରୁଛନ୍ତି ଏବଂ

 # ଆମେ ପ୍ରତିଶ୍ରୁତି ପାଳନ କରିଛୁ

"ଆମେ ସମସ୍ତେ ମିଶି ଏପରି ଏକ ଭାରତ ନିର୍ମାଣ କରିବା ଯାହା ସ୍ୱଚ୍ଛ ଏବଂ ସୁସ୍ଥ ହୋଇଥିବ, ଏବଂ ଯେଉଁଠି ସୁରାଜର ସ୍ୱପ୍ନ ପୂରଣ ହେଉଥିବ ।"

3.50 କୋଟି

ଶିଶୁଙ୍କୁ ମିଶନ ଇନ୍ଦ୍ରଧନୁଷ ଅଧୀନରେ ଟିକାକରଣ କରାଯାଇଛି ।

- ଜାତୀୟ ଡିଜିଟାଲ ସ୍ୱାସ୍ଥ୍ୟ ମିଶନ ଅଧୀନରେ ପ୍ରତ୍ୟେକ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ରେକର୍ଡ ରହିବ, ଖୁବଶୀଘ୍ର ସାରା ଦେଶରେ ଏହା କାର୍ଯ୍ୟକାରୀ କରାଯିବ ।
- ଶସ୍ତାରେ ଔଷଧ ଯୋଗାଇ ଦେବା ଲାଗି ବର୍ତ୍ତମାନସୁଦ୍ଧା 6000ଟି ଜନ ଔଷଧି କେନ୍ଦ୍ର ଖୋଲାଯାଇସାରିଛି ।
- ଔଷଧ ମୂଲ୍ୟ ନିୟନ୍ତ୍ରଣ ଜରିଆରେ ଉପଭୋକ୍ତାଙ୍କର 15,000 କୋଟି ଟଙ୍କାରୁ ଅଧିକ ସଞ୍ଚୟ
- ସ୍ୱଚ୍ଛ ଭାରତ ଅଭିଯାନ ଅନ୍ତର୍ଗତ 10 କୋଟିରୁ ଅଧିକ ଶୌଚାଳୟ ନିର୍ମାଣ

ଏଥିପାଇଁ ବିଶ୍ୱ ବ୍ୟାଙ୍କ, ମିଳିତ ଜାତିସଂଘ ଏବଂ ମ୍ୟାକେଞ୍ଜି ଆଣ୍ଡ କମ୍ପାନୀ ଆଣ୍ଡ ପିଡବ୍ଲୁସି ଭଳି ବହୁରାଷ୍ଟ୍ରୀୟ କମ୍ପାନୀର ଚାକିରି ଛାଡ଼ି ଦେଇଛନ୍ତି । ନିଜର ଅଭିଭାଷଣରେ ସେ 'ଲୋକମାନଙ୍କ ସହିତ ଯୋଡ଼ିହେବା'କୁ ନିଜର ମୁଖ୍ୟମନ୍ତ୍ରୀ ଭାବେ ବର୍ଣ୍ଣନା କରିଛନ୍ତି । ବିଗତ 70 ବର୍ଷ ମଧ୍ୟରେ ମାତ୍ର ଅଳ୍ପ କିଛି ଅବଧିକୁ ଛାଡ଼ିଦେଲେ ପ୍ରାୟତଃ ସରକାର ମୌଳିକ କାର୍ଯ୍ୟପଦ୍ଧତିକୁ ନେଇ କାର୍ଯ୍ୟ କରିଛନ୍ତି । ପ୍ରଧାନମନ୍ତ୍ରୀ ସରକାରରେ ପେସାଦାରମାନଙ୍କୁ ସାମିଲ କରିବାର ସହିତ ଆଇଟି (ସୂଚନା ପ୍ରଯୁକ୍ତି)ର ସଫଳ ଉପଯୋଗ କରିଛନ୍ତି । ଯାହାର ଫଳସ୍ୱରୂପ ସ୍ୱାଧୀନତା ପରେ ପ୍ରଥମ ଥର ଲାଗି ସରକାର ପ୍ରଶାସନିକ ଢାଞ୍ଚାକୁ ସମ୍ପୂର୍ଣ୍ଣ ଭାବେ ବଦଳାଇ ଏହାକୁ କର୍ପୋରେଟ ପ୍ରଶାସନରେ ପରିଣତ କରିବା ଆରମ୍ଭ କରିଦେଇଛନ୍ତି, ଯାହାକି ସରକାରଙ୍କ ପ୍ରତ୍ୟେକଟି ଯୋଜନାରେ ପ୍ରତିଫଳିତ ହୋଇଛି ।

କେବଳ ସହଜସାଧ ଯୋଜନା

ଯେକୌଣସି କାର୍ଯ୍ୟ ପ୍ରଭାବୀ ଫଳାଫଳ ପ୍ରଦାନ କଲେ ଯାଇ ପ୍ରଧାନମନ୍ତ୍ରୀ ତା'କୁ ସଫଳତା ଭାବେ ବିବେଚନା କରିଥାନ୍ତି। ଖାସ ଏହି କାରଣରୁ ଭବିଷ୍ୟତରେ ପ୍ରାରମ୍ଭିକ କାର୍ଯ୍ୟ ଆରମ୍ଭ ହୋଇସାରିଥିବା ଯୋଜନାଗୁଡ଼ିକୁ କାର୍ଯ୍ୟକାରୀ କରିବା ଲାଗି ବିବେଚନା କରିବା ନିମନ୍ତେ 2016 ଜାନୁଆରୀ ମାସରେ ପ୍ରଧାନମନ୍ତ୍ରୀ ସଚିବଗୋଷ୍ଠୀ ବୈଠକରେ ନିର୍ଦ୍ଦେଶ ଦେଇଥିଲେ। ଏହି ନୀତି ପଛରେ ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତା ଥିଲା କେବଳ କାଗଜପତ୍ର ସ୍ତରରେ ଥିବା ଯୋଜନାଗୁଡ଼ିକୁ

କାର୍ଯ୍ୟକାରୀ କରିବା ଲାଗି ବିବେଚନା କରାଯିବ ନାହିଁ ଯେପର୍ଯ୍ୟନ୍ତ ସମ୍ପୃକ୍ତ ଯୋଜନା ପାଇଁ କୌଣସି ପ୍ରାରମ୍ଭିକ ସ୍ତରର କାର୍ଯ୍ୟ ଆରମ୍ଭ କରାଯାଇନାହିଁ । ବାସ୍ତବରେ, କେନ୍ଦ୍ର ସରକାର ଆରମ୍ଭରୁ ଲୋକମାନଙ୍କ କଲ୍ୟାଣ ପାଇଁ ପଦକ୍ଷେପ ଗ୍ରହଣ କରିଆସୁଥିଲେ। ପ୍ରଧାନମନ୍ତ୍ରୀ ନିଜେ ପ୍ରତ୍ୟେକ ପ୍ରକଳ୍ପକୁ ଦେଖୁଥିଲେ। ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ, ଜାନୁଆରୀ 27, 2016ରେ ଅନୁଷ୍ଠିତ ସଚିବ ଗୋଷ୍ଠୀ ବୈଠକରେ ମନ୍ତ୍ରୀ ପରିଷଦ ଆଗରେ ଏକ ପ୍ରସ୍ତାବ ଉପସ୍ଥାପନ କରାଯାଇଥିଲା। ଏଠାରେ କ୍ୟାବିନେଟ ତିନି ଭାଗରେ ବିଭକ୍ତ କରାଯାଇଥିଲା- କୃଷି ଓ ତତସଂକ୍ରାନ୍ତ ବିଭାଗ; ଭିତ୍ତିଭୂମି ଏବଂ ତତସଂକ୍ରାନ୍ତ ବିଭାଗ; ସାମାଜିକ ଓ ମୌଳିକ କ୍ଷେତ୍ର । ଏହି ଅବସରରେ ମେ 2014ଠାରୁ ଡିସେମ୍ବର 2015 ପର୍ଯ୍ୟନ୍ତ 548ଟି କ୍ୟାବିନେଟ ନିଷ୍ପତ୍ତି ଏବଂ ଅର୍ଥନୈତିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ ସମିତିର 182ଟି ନିଷ୍ପତ୍ତି ଉପସ୍ଥାପନ କରାଯାଇଥିଲା। ତେବେ କେତେକ ହାତଗଣତି ପ୍ରକଳ୍ପ କାର୍ଯ୍ୟକାରୀ ହୋଇନଥିବାରୁ ପ୍ରଧାନମନ୍ତ୍ରୀ ଅମଲାତନ୍ତ୍ରକୁ ଚେତାଇ ଦେଇଥିଲେ। ଯେକୌଣସି ପ୍ରକଳ୍ପ ଏବଂ ଯୋଜନା କ୍ଷେତ୍ରରେ ରହିଥିବା ଯେକୌଣସି ଆଇନଗତ ବାଧା ଦୂର କରିବା କ୍ଷେତ୍ରରେ ପ୍ରଧାନମନ୍ତ୍ରୀ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ।

ବିକାଶରେ ବାଧକ ସାଜୁଥିବା ଆଇନ ଉଚ୍ଛେଦ

ପୂର୍ବରୁ, ସରକାର ଅନେକ ଆଇନ ପ୍ରଣୟନ କରୁଥିଲେ, ମାତ୍ର ସେଗୁଡ଼ିକର ପ୍ରକ୍ରିୟା ଏତେ ନିଷ୍କ୍ରିୟ ଓ ଜଟିଳ ଥିଲା ଯେ ସେଗୁଡ଼ିକ କାର୍ଯ୍ୟକାରୀ ହେବା ବେଳକୁ ଭୂମିଗତ ବାସ୍ତବତାରେ ଯଥେଷ୍ଟ ପରିବର୍ତ୍ତନ ହୋଇଯାଉଥିଲା। ଫଳତଃ, ଉକ୍ତ ଆଇନ ଅଦରକାରୀ ହୋଇଯାଉଥିଲା। ନିଜ ଶାସନର ତିନି ବର୍ଷ ମଧ୍ୟରେ ସେ ପାଖାପାଖି 1500 ଆଇନ ଉଚ୍ଛେଦ କଲେ ଯେଉଁ ଆଇନଗୁଡ଼ିକ ଅଯଥାରେ ଅର୍ଥନୈତିକ ଅଭିବୃଦ୍ଧିକୁ ପ୍ରଭାବିତ କରୁଥିଲା କିମ୍ବା ଅନାବଶ୍ୟକ ଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସବୁବେଳେ ବିଶ୍ୱାସ କରିଥାନ୍ତି

 # ଆମେ ପ୍ରତିଶ୍ରୁତି ପାଳନ କରିଛୁ

" ଏକ ସୁଦୃଢ଼ ଭାରତ ନିର୍ମାଣରେ ମହିଳାମାନଙ୍କର ସମାନ ଯୋଗଦାନ ରହିଛି । ରାଷ୍ଟ୍ର ଆଜି ଆମ ମା' ଓ ଭଉଣୀମାନଙ୍କର ଅଭିମାନ, ଯୋଗଦାନ ଓ ସମ୍ଭାବନାକୁ ଅନୁଭବ କରୁଛି । "

30 କୋଟି

ମହିଳା ହିତାଧିକାରୀ କରୋନା ସମୟରେ ତିନୋଟି କିସ୍ତିରେ 500-500 ଟଙ୍କା ଲେଖାଏଁ ପାଇଛନ୍ତି ।

- ଜନଔଷଧି କେନ୍ଦ୍ର ଜରିଆରେ 8.5 କୋଟି ମହିଳାଙ୍କୁ 1 ଟଂକାରେ ସାନିଟାରୀ ପ୍ୟାଡ ମିଳିଛି
- 12 ବର୍ଷରୁ କମ ବୟସର ନାବାଳିକାଙ୍କୁ ଦୁଷ୍କର୍ମ ପାଇଁ ଦୋଷୀଙ୍କୁ ଫାଶୀ ଦଣ୍ଡାଦେଶ ବ୍ୟବସ୍ଥା
- ବେଟୀ ବଚାଓ ବେଟୀ ପଢ଼ାଓ ଅଭିଯାନ ଫଳରେ 104ଟି ଜିଲ୍ଲାରେ ଲିଙ୍ଗ ଅନୁପାତରେ ଆସିଛି ସୁଧାର
- ମିଶନ ଇନ୍ଦ୍ରଧନୁଷ ଅନ୍ତର୍ଗତ 87 ଲକ୍ଷରୁ ଅଧିକ ମହିଳାଙ୍କୁ ଟୀକାକରଣ
- ଏବେ 26 ସପ୍ତାହର ମାତୃତ୍ୱ ଅବକାଶ, ସମଗ୍ର ବିଶ୍ୱରେ ସର୍ବାଧିକ
- ମୁଦ୍ରା ଋଣ ଏବଂ ଷ୍ଟାଣ୍ଡଅପ ଇଣ୍ଡିଆ କାର୍ଯ୍ୟକ୍ରମ ଅନ୍ତର୍ଗତ 12 କୋଟି ମହିଳା ହିତାଧିକାରୀ
- ମୁସଲିମ ମହିଳାମାନଙ୍କର ଅଧିକାର ସୁରକ୍ଷା ଲାଗି ତିନି ତଲାକ ଉଚ୍ଛେଦ ପାଇଁ ନୂଆ ଆଇନ

ବିକାଶ' ମାଧ୍ୟମରେ 'ପାରମ୍ପରିକ ସମସ୍ୟା'ର ସମାଧାନ

ଦାୟିତ୍ୱ ଗ୍ରହଣ କରିବାର ତୁରନ୍ତ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ 'ପ୍ରଗତି' ନାମକ ଏକ ବିକାଶ ମଞ୍ଚର ପ୍ରତିଷ୍ଠା କରିଥିଲେ । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମ୍ପୃକ୍ତି ଜରିଆରେ ଉତ୍ତମ ପ୍ରଶାସନ ଏବଂ ପ୍ରକଳ୍ପଗୁଡ଼ିକୁ ସମୟବଦ୍ଧ ଭାବେ ସମ୍ପୂର୍ଣ୍ଣ କରିବା ଲାଗି ଏହା ସୂଚନା, ସଞ୍ଚାର ଓ ପ୍ରଯୁକ୍ତିର ଏକ ବହୁମୁଖୀ ମଞ୍ଚ ଭାବେ କାର୍ଯ୍ୟ କରିଆସୁଛି । ଏହାର ଲକ୍ଷ୍ୟ ହେଉଛି ପ୍ରକଳ୍ପ ସମୀକ୍ଷା କରିବା ଏବଂ ବାଧା ଦୂର କରିବା । 2014 ପରଠାରୁ ପ୍ରଗତିର 32ଟି ବୈଠକରେ ପ୍ରଧାନମନ୍ତ୍ରୀ ଅଧ୍ୟକ୍ଷତା କରିସାରିଛନ୍ତି । 47ଟି ସରକାରୀ କାର୍ଯ୍ୟକ୍ରମ ଓ ଯୋଜନାର ସମୀକ୍ଷା କରିବା ବ୍ୟତୀତ ସେ 12.54 ଲକ୍ଷ କୋଟି ଟଙ୍କାର 280ଟି ପ୍ରକଳ୍ପର ସମୀକ୍ଷା କରିବା ସହିତ ସେଗୁଡ଼ିକର ସମାଧାନ କରିଛନ୍ତି । ଜାନୁଆରୀରେ ଅନୁଷ୍ଠିତ ପ୍ରଗତିର 32ତମ ବୈଠକରେ ସେ ବିଳମ୍ବିତ ହୋଇଥିବା 24,000 କୋଟି ଟଙ୍କାର ୨ଟି ପ୍ରକଳ୍ପର ସମୀକ୍ଷା କରିଥିଲେ । ଏହି ପ୍ରକଳ୍ପ ଗୁଡ଼ିକ ୨ଟି ରାଜ୍ୟ- ଓଡ଼ିଶା, ତେଲଙ୍ଗାନା, ମହାରାଷ୍ଟ୍ର, ଝାଡ଼ଖଣ୍ଡ, ବିହାର, କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ, କେରଳ ଓ ଉତ୍ତର ପ୍ରଦେଶ ସମେତ ତିନୋଟି ଅନ୍ୟ କେନ୍ଦ୍ରଶାସିତ ପ୍ରଦେଶରେ ରହିଛି ।

ଆମେ ପ୍ରତିଶ୍ରୁତି ପାଳନ କରିଛୁ

“

ନିକଟରେ ଘୋଷଣା କରାଯାଇଥିବା ଆର୍ଥିକ ପ୍ୟାକେଜ 'ଆତ୍ମନିର୍ଭର ଭାରତ' ଅଭିଯାନ ଦିଗରେ ଏକ ବଡ଼ ପଦକ୍ଷେପ। ଏହି ଅଭିଯାନ ପ୍ରତ୍ୟେକ ଦେଶବାସୀ, ଆମ କୃଷକ, ଶ୍ରମିକ ଓ କର୍ମଜୀବୀ, ମଧ୍ୟମ ଉଦ୍ୟୋଗୀ ଏବଂ ଷ୍ଟାର୍ଟଅପ ସହିତ ଯୋଡ଼ି ହୋଇ ରହିଥିବା ଯୁବକମାନଙ୍କ ପାଇଁ ନୂଆ ସୁଯୋଗ ଓ ସମ୍ଭାବନା ସୃଷ୍ଟି କରିବ ।

”

20.97 ଲକ୍ଷ କୋଟି ଟଙ୍କାର

ଆର୍ଥିକ ପ୍ୟାକେଜ କରୋନା ସମୟରେ ଆତ୍ମନିର୍ଭର ଭାରତ ଅଭିଯାନ ଅନ୍ତର୍ଗତ

- ପିପିଇ କିଟ ଓ N95 ମାସ୍କ ଉତ୍ପାଦନ ଦୈନିକ ଶୂନ୍ୟରୁ 4 ଲକ୍ଷକୁ ବୃଦ୍ଧି ଏବଂ ଏବେ ଆମେ ଏଗୁଡ଼ିକୁ ସାରା ବିଶ୍ୱକୁ ଯୋଗାଇ ଦେଉଛୁ ।
- ପ୍ରଧାନମନ୍ତ୍ରୀ ସେଲ୍ଫ ଫଣ୍ଡ ଯୋଜନା ଅନ୍ତର୍ଗତ 70,000 ଋଣ ଆବେଦନକୁ ମଞ୍ଜୁରି
- କରୋନା କାଳରେ ସଙ୍କଟରେ ପଡ଼ିଥିବା ସୂକ୍ଷ୍ମ ଓ ଲଘୁ ଉଦ୍ୟୋଗ କ୍ଷେତ୍ର ପାଇଁ ବିନା ଗ୍ୟାରେଣ୍ଟିରେ 3 ଲକ୍ଷ କୋଟି ଟଙ୍କାର ଋଣ। ଏହି କ୍ଷେତ୍ର ପାଇଁ ମୋଟ 5.94 କୋଟି ଟଙ୍କାର ପ୍ୟାକେଜ
- 200 କୋଟି ଟଙ୍କା ପର୍ଯ୍ୟନ୍ତ ଟେଣ୍ଡର ପାଇଁ କେବଳ ଭାରତୀୟ ଆବେଦନକାରୀମାନେ ଆବେଦନ କରିପାରିବେ । ମୋବାଇଲ ହ୍ୟାଣ୍ଡସେଟ ଉତ୍ପାଦନ ଉପରେ ସ୍ୱତନ୍ତ୍ର ଗୁରୁତ୍ୱ ।
- ବିଦେଶୀ ଆପ ନିଷିଦ୍ଧ ହେବା ପରେ ଆଇଟି ପେସାଦାରମାନଙ୍କ ପାଇଁ ଏକ ନୂଆ ପ୍ଲାଟଫର୍ମ- ଆତ୍ମନିର୍ଭର ଭାରତ ନବୋନ୍ମେଷ ଆପ

25 ବର୍ଷ ଧରି ଅଟକିଥିଲା ପ୍ରକଳ୍ପ, ମାତ୍ର କେଇ ମିନିଟରେ ବାଧା ଦୂର

ପ୍ରକଳ୍ପ ଘୋଷଣା ହେବା ପରଠାରୁ ପ୍ରଧାନମନ୍ତ୍ରୀ ସେଗୁଡ଼ିକର କାର୍ଯ୍ୟାନ୍ୱୟନ ଏବଂ ବାସ୍ତବତା ଅନୁଧ୍ୟାନ କରିଥାନ୍ତି। ଏପରି ଏକ ପ୍ରକଳ୍ପର ଉଦାହରଣ ହେଉଛି 289 କିମି ଲମ୍ବ ଖୋର୍ଦ୍ଧାରୁ ବଲାଙ୍ଗିର ରେଳପଥ। ଏହି 25 ବର୍ଷ ପୁରୁଣା ପ୍ରକଳ୍ପ ଏବେ ସୁଦ୍ଧା ସମ୍ପୂର୍ଣ୍ଣ ହୋଇପାରିନାହିଁ। 2015ରେ ସେ ଏହି ପ୍ରକଳ୍ପ ବିଷୟରେ ଜାଣିବା ପରେ ବିରକ୍ତି ପ୍ରକାଶ କରିଥିଲେ। ନିଜର ଅସନ୍ତୋଷ ବ୍ୟକ୍ତ କରି ସେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ଅଧିକାରୀମାନଙ୍କୁ କହିଥିଲେ ଯେ ଏହି କ୍ଷେତ୍ରରେ ସବୁଠୁ ବଞ୍ଚିତ ବର୍ଗର ଲୋକମାନେ ରହିଛନ୍ତି। ସେ କହିଥିଲେ ଯେ ଏହି ପ୍ରକଳ୍ପ ପ୍ରତି ପ୍ରାଥମିକତା ଦିଆଯିବା ଆବଶ୍ୟକ। ପ୍ରଧାନମନ୍ତ୍ରୀ କହିଥିଲେ ଯେ 2000ମସିହା ସୁଦ୍ଧା ଏହି ପ୍ରକଳ୍ପ ଶେଷ ହୋଇସାରିଥିଲେ ଏହାର ବ୍ୟୟଭାର ଖୁବ କମ ହୋଇଥାନ୍ତା ଏବଂ ଏହାଦ୍ୱାରା ପୂର୍ବ ଭାରତର ଜନସାଧାରଣ ବିଶେଷ ଉପକୃତ ହୋଇପାରିଥାନ୍ତେ । ବିଭିନ୍ନ ପ୍ରକଳ୍ପର ସମୀକ୍ଷା ଲାଗି ଅନୁଷ୍ଠିତ ପ୍ରଗତି ବୈଠକରେ ଖୋର୍ଦ୍ଧା-ବଲାଙ୍ଗିର ରେଳ ପ୍ରକଳ୍ପର ଷ୍ଟାଟସ ରିପୋର୍ଟ ଚଳିତ ବର୍ଷ ଜାନୁଆରୀ ମାସରେ ପ୍ରଧାନମନ୍ତ୍ରୀଙ୍କ ଆଗରେ ଉପସ୍ଥାପନ କରାଯାଇଥିଲା । ପ୍ରଧାନମନ୍ତ୍ରୀଙ୍କ ହସ୍ତକ୍ଷେପ ପରେ ଏହି ପ୍ରକଳ୍ପ କାମ ତ୍ୱରାନ୍ୱିତ ହୋଇଛି ଏବଂ କାମ ଖୁବଶୀଘ୍ର ଶେଷ ହେବ ।

ଯେ ଅଭିନବ ଚିନ୍ତାଧାରା ଦୃଢ଼ ନିଷ୍ପତ୍ତିର ଆଧାର ହୋଇପାରିବ। ପ୍ରଧାନମନ୍ତ୍ରୀ ହେବା ପୂର୍ବରୁ ଗୁଜରାଟର ମୁଖ୍ୟମନ୍ତ୍ରୀ ଥିବା ସମୟରେ ସେ ଏହାକୁ ଖୁବ ଭଲ ଭାବେ ଅନୁଭବ କରିପାରିଥିଲେ। ବିଦ୍ୟାଳୟ ଛାଡୁଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ହ୍ରାସ କରିବା ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ହେବାର ତୁରନ୍ତ ପରେ ସେ 'ଶଳ ପ୍ରବେଶଉତ୍ସବ' ଭଳି ଅଭିନବ ନିଷ୍ପତ୍ତି ଗ୍ରହଣ କରିଥିଲେ। ଶୌଚାଳୟ ନଥିବା କାରଣରୁ ବହୁସଂଖ୍ୟକ ଛାତ୍ରୀ ଅଧାରୁ ପାଠପଢ଼ା ଛାଡୁଥିଲେ। ଏହାକୁ ହ୍ରାସ କରିବା ଲାଗି ସେ ପ୍ରତ୍ୟେକ ବିଦ୍ୟାଳୟରେ ଶୌଚାଳୟ ନିର୍ମାଣ କରିବା ଲାଗି ନିର୍ଦ୍ଦେଶ ଦେଇଥିଲେ। ଗୁଜରାଟରେ ତାଙ୍କର ଏହି ଅଭିଜ୍ଞତା କାରଣରୁ ସାରା ଦେଶର ସବୁ ଗାଁ ଓ ବିଦ୍ୟାଳୟରେ ଶୌଚାଳୟ ନିର୍ମାଣ ହେଉଛି।

ସର୍ବନିମ୍ନ ସରକାର ସର୍ବାଧିକ ପ୍ରଶାସନ

ଅନେକ ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, "ସରକାର ବ୍ୟବସାୟ କରିବା ଅନୁଚିତ ବୋଲି ମୁଁ ବିଶ୍ୱାସ କରିଥାଏ। ଏହା 'ସର୍ବନିମ୍ନ ସରକାର ଓ ସର୍ବାଧିକ ପ୍ରଶାସନ' ଉପରେ ଦୃଷ୍ଟି ଦେବା ଆବଶ୍ୟକ। ପ୍ରଶାସନର ଗୁଣବତ୍ତା ପ୍ରାଥମିକ ହୋଇଥାଏ। ଉତ୍ତମ ପ୍ରଶାସନ କ୍ଷେତ୍ରରେ ପ୍ରଧାନମନ୍ତ୍ରୀଙ୍କର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି- ଗାନ୍ଧୀଜୀଙ୍କ ସ୍ୱରାଜ ନୀତି ଅବଲମ୍ବନ କରିବା। ମହାତ୍ମା ଗାନ୍ଧୀଙ୍କ ବିଚାରରେ ପ୍ରତ୍ୟେକ ଗ୍ରାମ ସ୍ଥାନୀୟ ସମସ୍ୟାର ସମାଧାନ ଲାଗି ସମର୍ଥ ହେବା ଆବଶ୍ୟକ। ମହାତ୍ମା ଗାନ୍ଧୀଙ୍କ ସ୍ୱାଧୀନତା ଆନ୍ଦୋଳନ ସଫଳ ହେବାର ସବୁଠୁ ବଡ଼ କାରଣ ଥିଲା ଜନଭାଗିଦାରୀ। ନୀତି ପ୍ରଣୟନ କରିବା ଏବଂ ସେଗୁଡ଼ିକୁ କାର୍ଯ୍ୟକାରୀ କରିବାରେ ଯେକୌଣସି ସରକାରଙ୍କ ସଫଳତା ଲାଗି ଜନସାଧାରଣଙ୍କ ଭାଗିଦାରୀ ଅତି ଆବଶ୍ୟକ। ଯେପର୍ଯ୍ୟନ୍ତ ସରକାର ଲୋକମାନଙ୍କୁ ସୁଯୋଗ ଦେବେ ନାହିଁ, ଅଧିକାଂଶ ଲକ୍ଷ୍ୟ କେବଳ କାଗଜପତ୍ରରେ ସୀମିତ ରହିଯିବ ଏବଂ ତୃଣମୂଳସ୍ତରରେ କାର୍ଯ୍ୟକାରୀ ହୋଇପାରିବ ନାହିଁ। ଏହି ବିଚାରକୁ ନିଜର ମନ୍ତ୍ର ଭାବେ ଗ୍ରହଣ କରି

ଅଗଷ୍ଟ 15, 2018ରେ ଲାଲକିଲାରୁ ଆୟୁଷ୍ମାନ ଭାରତ ଯୋଜନା ଘୋଷଣା କରାଯାଇଥିଲା। ଏହି ଯୋଜନା ସେପ୍ଟେମ୍ବର 23, 2018ରେ ରାଞ୍ଚିରୁ ଆରମ୍ଭ ହୋଇଥିଲା।

ପ୍ରଧାନମନ୍ତ୍ରୀ ସଂଖ୍ୟାଧିକ ଯୋଜନାରେ ସିଧାସଳଖ ଜନସାଧାରଣଙ୍କୁ ସମ୍ପୃକ୍ତ କରିଥିଲେ। ସ୍ୱଚ୍ଛତା ଅଭିଯାନ, ପରିବେଶ ସୁରକ୍ଷା, ଜଳ ସଂରକ୍ଷଣ, ଜନଧନ, ଦକ୍ଷତା ବିକାଶ, ଆୟୁଷ୍ମାନ ଭାରତ, ଉଜ୍ଜ୍ୱଳା, କିସାନ ସମ୍ମାନ ନିଧି, ଜନ ଔଷଧି ସୁବିଧା ଆଦି ଲୋକମାନଙ୍କ ଜୀବନ ଧାରଣ ମାନରେ ସୁଧାର ଆଣିଲା। କେନ୍ଦ୍ର ସରକାର ପ୍ରଶାସନରେ ପାରଦର୍ଶିତା ଆଣିବା ଲାଗି ପ୍ରଯୁକ୍ତିର ସମ୍ପୂର୍ଣ୍ଣ ଉପଯୋଗ କରି ଜନସାଧାରଣଙ୍କ ଭାଗିଦାରୀକୁ ପ୍ରୋତ୍ସାହନ ଦେଲେ ଏବଂ ଏକ ଡିଜିଟାଲ ଇଣ୍ଡିଆ ନିର୍ମାଣ କରିବା ଲାଗି ଏହି ପଦକ୍ଷେପକୁ ସମ୍ପ୍ରସାରିତ କଲେ। ଏହା କେବଳ ନବୋନ୍ମେଷକୁ ପ୍ରୋତ୍ସାହିତ କଲା ନାହିଁ, ବରଂ ଲୋକମାନଙ୍କ ମନରେ ବିଶ୍ୱାସ ଜନ୍ମାଇଲା ଯେ ସେମାନେ ମଧ୍ୟ ରାଷ୍ଟ୍ର ନିର୍ମାଣରେ ଯୋଗଦାନ ଦେଇପାରିବେ। ଏହି ପଦକ୍ଷେପ ସହିତ ପ୍ରଧାନମନ୍ତ୍ରୀ ତାଙ୍କର ଯୋଜନା ପ୍ରସ୍ତୁତ କରିଚାଲିଛନ୍ତି ଏବଂ ଜନ ଭାଗିଦାରୀ ବଳରେ ସେଗୁଡ଼ିକୁ ଏକ ଗଣଆନ୍ଦୋଳନ ଭାବେ କାର୍ଯ୍ୟକାରୀ କରୁଛନ୍ତି। ତାଙ୍କ ସରକାରଙ୍କର ଏସବୁ ପଦକ୍ଷେପ ଫଳରେ ଏକ ଦୃଢ଼ ଅର୍ଥନୈତିକ ମୂଳଦୁଆ ସହିତ ପ୍ରଧାନମନ୍ତ୍ରୀ ନିଜର ବିଗତ କାର୍ଯ୍ୟକାଳରେ ଭାରତ ପାଇଁ ଅନ୍ତର୍ଜାତୀୟ ଗ୍ରହଣୀୟତା ହାସଲ କରିପାରିଥିଲେ। ବର୍ତ୍ତମାନ କରୋନା ସଙ୍କଟ ସମୟରେ ମଧ୍ୟ ଭାରତ ବିଶ୍ୱ ନେତୃତ୍ୱ ଭାବେ ଉଭା ହୋଇଛି। ବ୍ୟବସାୟିକ ସୁଗମତା ଏବଂ ମୁଡିଜ ରାଙ୍କିଙ୍ଗ ଭାରତର ନୂତନ କାହାଣୀ ବର୍ଣ୍ଣନା କରୁଛି।

ଭାରତକୁ ଆତ୍ମନିର୍ଭରଶୀଳ କରିବା ଲାଗି ଅଭିଯାନକୁ ଜନ ଆନ୍ଦୋଳନରେ ପରିଣତ କରି ଦେଇଥିବା ପ୍ରଧାନମନ୍ତ୍ରୀ କୌଣସି ଗୋଟିଏ ସୁଯୋଗ ମଧ୍ୟ ଛାଡ଼ନ୍ତି ନାହିଁ, ଏକଥାରେ ତାଙ୍କ ବିରୋଧୀ ମାନେ ମଧ୍ୟ ସହମତ ହେଲେଣି। ଅନ୍ୟପଟେ ତାଙ୍କର ଅସାଧାରଣ ଆତ୍ମବିଶ୍ୱାସ ଯୋଗୁ ଦେଶ ସାମ୍ନାରେ ଦେଖା ଦେଉଥିବା ଆହ୍ୱାନକୁ ସେ ଅବସରରେ ପରିଣତ କରି ଦେଇପାରନ୍ତି। ଏହି ଆତ୍ମବିଶ୍ୱାସ ସହିତ ପ୍ରଧାନମନ୍ତ୍ରୀ ଭବିଷ୍ୟତରେ ଏକ ଆତ୍ମନିର୍ଭର ଭାରତ ନିର୍ମାଣ ଲାଗି ବୃହତ ପଦକ୍ଷେପ ଗ୍ରହଣ କରିଛନ୍ତି। ପରିବର୍ତ୍ତନ ଦେଇ ଗତି କରୁଥିବା ବର୍ତ୍ତମାନର ସମୟ ଏକ ସ୍ୱର୍ଣ୍ଣିମ ଇତିହାସ ରଚନା କରିବ।

ପିଏମଜେଡିୱାଇକୁ 6 ବର୍ଷ ପୂରିଲା

ଅଗଷ୍ଟ 28, 2020ରେ ବିଶ୍ୱର ସର୍ବବୃହତ ଜନଭାଗିଦାରୀ ଯୋଜନା, ପ୍ରଧାନମନ୍ତ୍ରୀ ଜନ ଧନ ଯୋଜନା (ପିଏମଜେଡିୱାଇ)କୁ 6 ବର୍ଷ ପୂରଣ ହୋଇଛି। ଅଗଷ୍ଟ 15, 2014ରେ ଲାଲକିଲାର ପ୍ରାଚୀରରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଯୋଜନାର ଘୋଷଣା କରିଥିଲେ। ଅଗଷ୍ଟ 28, 2020ରେ ଏହି ଯୋଜନାକୁ 6 ବର୍ଷ ପୂରଣ ହେବା ପରେ ପ୍ରଧାନମନ୍ତ୍ରୀ ଟୁଇଟ କରି ଜନସାଧାରଣଙ୍କୁ ଅଭିନନ୍ଦନ ଜଣାଇଥିଲେ ଏବଂ ଏହି ଯୋଜନା ସଂକ୍ରାନ୍ତ କେତେକ ବିବରଣୀ ଉପସ୍ଥାପନ କରିଥିଲେ। କେନ୍ଦ୍ର ଅର୍ଥ ଓ କର୍ପୋରେଟ ବ୍ୟାପାର ମନ୍ତ୍ରୀ ନିର୍ମଳା ସୀତାରମଣ ଏହି ଯୋଜନାର ଗୁରୁତ୍ୱକୁ ଦୋହରାଇ କହିଥିଲେ, "ପିଏମଜେଡିୱାଇ ମୋଦୀ ସରକାରଙ୍କ ଜନକୈନ୍ଦ୍ରିକ ଅଭିଯାନର ଆଧାର ପାଲଟିଛି। ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର, କୋଭିଡ-19 ଆର୍ଥିକ ସହାୟତା, ପିଏମ-କିସାନ, ମନରେଗା ଅଧୀନରେ ବର୍ଦ୍ଧିତ ମଜୁରି କିମ୍ବା ଜୀବନ ଓ ସ୍ୱାସ୍ଥ୍ୟ ବୀମା ସୁବିଧା ସବୁ ଯୋଜନାର ଲାଭ ପାଇଁ ପ୍ରତ୍ୟେକ ସାବାଳକଙ୍କର ଏକ ବ୍ୟାଙ୍କ ଆକାଉଣ୍ଟ ଆବଶ୍ୟକ, ଯାହା ପିଏମଜେଡିୱାଇ ପ୍ରାୟତଃ ପୂରଣ କରିପାରିଛି।"

ପିଏମଜେଡିୱାଇ ଅନ୍ତର୍ଗତ 55%ରୁ ଅଧିକ ମହିଳା ଆକାଉଣ୍ଟଧାରୀ ରହିଛନ୍ତି

- ରୁପେ କାର୍ଡ ଉପରେ ମାଗଣା ଦୁର୍ଘଟଣା ବୀମା ସୁବିଧା 1 ଲକ୍ଷ ଟଙ୍କାରୁ 2 ଲକ୍ଷ ଟଙ୍କାକୁ ବୃଦ୍ଧି।
- ଓଭରଡ୍ରାଫ୍ଟ ସୀମା 5,000 ଟଙ୍କାରୁ 10,000 ଟଙ୍କାକୁ ବୃଦ୍ଧି।
- ଓଭରଡ୍ରାଫ୍ଟ ପାଇଁ ସର୍ବାଧିକ ବୟସ ସୀମା 60ରୁ 65କୁ ବୃଦ୍ଧି।
- ଗୋଟିଏ ସପ୍ତାହରେ 18 କୋଟି ବ୍ୟାଙ୍କ ଆକାଉଣ୍ଟ ଖୋଲାଯିବା ସହିତ ମୋଟ ବ୍ୟାଙ୍କ ଆକାଉଣ୍ଟ ସଂଖ୍ୟା 40.35 କୋଟିରେ ପହଞ୍ଚିଛି, ଯାହାଫଳରେ ଏହି ଯୋଜନା ଗିନିଜ ବୁକରେ ସାମିଲ ହୋଇପାରିଛି। 55.2% ଆକାଉଣ୍ଟଧାରୀ ମହିଳା ଅଛନ୍ତି।

"ପ୍ରଧାନମନ୍ତ୍ରୀ ଜନ ଧନ ଯୋଜନା କାରଣରୁ ବହୁ ପରିବାରର ଭବିଷ୍ୟତ ସୁରକ୍ଷିତ ହୋଇପାରିଛି। ଅଧିକାଂଶ ହିତାଧିକାରୀ ଗ୍ରାମୀଣ ଓ ମହିଳା ଅଛନ୍ତି। ପିଏମଜେଡିୱାଇର ସଫଳତା ପାଇଁ ନିରନ୍ତର କାର୍ଯ୍ୟ କରିଥିବା ଲୋକମାନଙ୍କୁ ମୁଁ ପ୍ରଶଂସା କରୁଛି।

ନରେନ୍ଦ୍ର ମୋଦୀ
ଅଗଷ୍ଟ 28, 2020"

"2028 ଲସ ଏଞ୍ଜେଲ୍ସ ଅଲିମ୍ପିକ୍ସରେ ଆମେ ଶ୍ରେଷ୍ଠ 10ଟି ଦେଶ ମଧ୍ୟରେ ରହିବୁ"

କୋଭିଡ ମହାମାରୀ ସମୟରେ କ୍ରୀଡ଼ାବିତଙ୍କ ପ୍ରସ୍ତୁତି ସମ୍ପର୍କରେ ନ୍ୟୁ ଇଣ୍ଡିଆ ସମାଚାରକୁ ସାକ୍ଷାତକାର ଦେଇଛନ୍ତି କେନ୍ଦ୍ର ଯୁବବ୍ୟାପାର ଓ କ୍ରୀଡ଼ା ରାଷ୍ଟ୍ର ମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ) କିରେନ ରିଜିଜୁ। ସାକ୍ଷାତକାରର ଉଦ୍ଧୃତାଂଶ :

କୋଭିଡ 19 ମହାମାରୀ ସମୟରେ କ୍ରୀଡ଼ାବିତମାନଙ୍କୁ ସେମାନଙ୍କ ପ୍ରସ୍ତୁତିରେ ସହାୟତା ଲାଗି କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ କେଉଁ ପଦକ୍ଷେପ ଗ୍ରହଣ କରାଯାଇଛି?

ଯେତେବେଳେ ମହାମାରୀ ସମଗ୍ର ବିଶ୍ୱକୁ କବଳିତ କଲା କ୍ରୀଡ଼ା ସମାରୋହ ସବୁଠୁ ଅଧିକ ପ୍ରଭାବିତ ହୋଇଥିଲା। କିନ୍ତୁ ଆମ ଖେଳାଳୀମାନଙ୍କୁ ବ୍ୟସ୍ତ ରଖିବା ଲାଗି ଆମେ କେତେକ ମାର୍ଗ ସନ୍ଧାନ କଲୁ। ସେମାନଙ୍କ କୋଚଙ୍କ ମାଧ୍ୟମରେ ମୁଁ ଅନଲାଇନ ଶାରୀରିକ କାର୍ଯ୍ୟକଳାପ ଅନୁଧ୍ୟାନ ବ୍ୟବସ୍ଥା ଆରମ୍ଭ କଲି। ନିଜର ଫିଟନେସ ସ୍ଥିତିକୁ ବଜାୟ ରଖିବା ଲାଗି କ୍ରୀଡ଼ାବିତମାନେ ନିଜର ନିର୍ଦ୍ଦିଷ୍ଟ କ୍ରୀଡ଼ା ଶ୍ରେଣୀକୁ ସୁହାଇବା ଭଳି ଶାରୀରିକ ଅଭ୍ୟାସ ଜାରି ରଖିଛନ୍ତି।

ଡାକରା ମିଳିଲେ ଭାରତୀୟ କ୍ରୀଡ଼ାବିତମାନେ ଟୋକିଓ ଅଲିମ୍ପିକ୍ସ ପାଇଁ ପ୍ରସ୍ତୁତ ଅଛନ୍ତି କି?

ଆମର କ୍ରୀଡ଼ାବିତମାନେ ଭଲ ଭାବେ ପ୍ରସ୍ତୁତ ଅଛନ୍ତି, କିନ୍ତୁ ଯେତେବେଳେ ଅଲିମ୍ପିକ୍ସ ଭଳି କ୍ରୀଡ଼ା ମହାକୁମ୍ଭ ଆସିଥାଏ, ପ୍ରସ୍ତୁତି ଏକ ଭିନ୍ନ ଧରଣର ହୋଇଥାଏ। ବର୍ତ୍ତମାନ ପ୍ରସ୍ତୁତି ପୁଣିଥରେ ଆରମ୍ଭ ହୋଇସାରିଛି ଏବଂ ଆସନ୍ତାବର୍ଷ ଜୁଲାଇ ଓ ଅଗଷ୍ଟ ବେଳକୁ ଏହା ଶୀର୍ଷ ସ୍ତରରେ ପହଞ୍ଚିବ।

● ଭାରତରେ ବିକଶିତ ହେଉଥିବା କ୍ରୀଡ଼ା ଭିତ୍ତିଭୂମି ବିଷୟରେ ଆମକୁ କିଛି କୁହନ୍ତୁ ?

ନିଜର ନିର୍ଦ୍ଦିଷ୍ଟ କ୍ରୀଡ଼ା ବର୍ଗରେ ଉତ୍କର୍ଷ ହାସଲ କରିବା ଲାଗି ଯେକୌଣସି କ୍ରୀଡ଼ାବିତ ପାଇଁ କ୍ରୀଡ଼ା ଭିତ୍ତିଭୂମି ହେଉଛି ମୌଳିକ ଆବଶ୍ୟକତା। ଜାତୀୟ କ୍ୟାମ୍ପରେ ଆମେ ଶ୍ରେଷ୍ଠ ସୁବିଧା ଯୋଗାଇ ଦେଉଛୁ। ବିଦେଶୀ କୋଚମାନଙ୍କୁ ମାସିକ 10 ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଉଚ୍ଚ ବେତନ ଦିଆଯାଉଛି। ପ୍ରଧାନମନ୍ତ୍ରୀଙ୍କ ଉଦାରତା କାରଣରୁ ଆମ ପାଇଁ ଯଥେଷ୍ଟ ବଜେଟ ବ୍ୟବସ୍ଥା ରହିଛି ଯାହାଫଳରେ ଆମେ ଆମର ଆର୍ଥିକ ଆବଶ୍ୟକତା ପୂରଣ କରିପାରୁଛୁ।

ଦେଶର ଉପାନ୍ତ ଅଞ୍ଚଳରେ ବହୁ ପ୍ରତିଭା ରହିଛନ୍ତି, ସେମାନଙ୍କ ପାଇଁ କ୍ରୀଡ଼ା ମନ୍ତ୍ରଣାଳୟର କି ଯୋଜନା ରହିଛି?

ଆମ ଦେଶରେ 130 କୋଟି ଜନସଂଖ୍ୟା ରହିଛନ୍ତି, କିନ୍ତୁ ଆମେ ଗୋଟିଏ କିମ୍ବା ଦୁଇଟି ପଦକ ଜିତିପାରୁଛୁ। ଦେଶକୁ ପାଞ୍ଚଟି ଜୋନରେ ବିଭକ୍ତ କରି ଆମେ ଆଠରୁ ବାର ବର୍ଷ ବୟସର ଯୁବ ପ୍ରତିଭାମାନଙ୍କୁ ଚିହ୍ନଟ କରୁଛୁ। ପାଞ୍ଚଟି ପ୍ରତିଭା ଅନ୍ୱେଷଣ ସମିତି ଗଠନ କରାଯିବ ଯାହାକି ଜୋନ ଭିତ୍ତିରେ ପୂର୍ବତନ କ୍ରୀଡ଼ାବିତ, ବିଶେଷଜ୍ଞ ଓ ଜ୍ଞାନୀ ବ୍ୟକ୍ତିତ୍ୱଙ୍କ ସହାୟତା ନେବ। ପ୍ରତ୍ୟେକ କ୍ରୀଡ଼ା ପାଇଁ ଅଲଗା ସମିତି ଗଠନ କରାଯିବ। ସେମାନଙ୍କୁ ଚିହ୍ନଟ କରାଯାଇ ଜାତୀୟ କ୍ରୀଡ଼ା ଏକାଡେମିର କନିଷ୍ଠ ବର୍ଗରେ ଭର୍ତ୍ତି କରାଯିବ। ଆହୁରି କେତେକ ପଦକ୍ଷେପ ମଧ୍ୟ ଗ୍ରହଣ କରାଯାଇଛି। ଏହି ଆଧାରରେ, ମୁଁ କହିପାରେ ଯେ ଆମେ 2028 ଲସ ଏଞ୍ଜେଲ୍ସ ଅଲିମ୍ପିକ୍ସରେ ଶୀର୍ଷ ଦଶଟି ଦେଶ ମଧ୍ୟରେ ସାମିଲ ହୋଇପାରିବୁ।

ମନ୍ତ୍ରୀ ଭାବେ କ୍ରୀଡ଼ାବିତମାନଙ୍କୁ ଆପଣଙ୍କ ବାର୍ତ୍ତା କ'ଣ ?

ଦେଶରେ ପ୍ରତିଭାଙ୍କ ଅଭାବ ନଥିବା ବେଳେ କ୍ରୀଡ଼ା ସଂସ୍କୃତିର ଅଭାବ ରହିଛି। କ୍ରୀଡ଼ାରେ କିଛି ଭବିଷ୍ୟତ ନାହିଁ ବୋଲି ଲୋକମାନଙ୍କ ମନରେ ଏକ ବଦ୍ଧମୂଳ ଧାରଣା ରହିଆସିଛି। ସମାଜ ଏହାକୁ ମାନ୍ୟତା ଦେଲେ ଯାଇ ପରିବର୍ତ୍ତନ ସମ୍ଭବ ହୋଇପାରିବ। ଆମେ ଦୀନଦୟାଲ ଉପାଧ୍ୟାୟଙ୍କ ନାମରେ ଏକ ପାଣ୍ଠି ଗଠନ କରିଛୁ ଯାହାର ଅନ୍ତର୍ଗତ ଦେଶ ପାଇଁ ଖେଳିଥିବା କ୍ରୀଡ଼ାବିତମାନଙ୍କୁ ସର୍ବାଧିକ 10 ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଯୋଗାଇ ଦିଆଯିବ।

ଖେଳନା ଉଦ୍ୟୋଗରେ ଅଭିବୃଦ୍ଧି ପାଇଁ ବ୍ୟାପକ ସମ୍ଭାବନା

ପ୍ରଯୁକ୍ତି ଓ ଅଭିନବତ୍ୱର ଉପଯୋଗ କରି ବିଶ୍ୱ ଶ୍ରେଣୀୟ ଗୁଣାତ୍ମକ ମାନଯୁକ୍ତ ସୁନ୍ଦର ସୁନ୍ଦର କଣ୍ଢେଇ ଉତ୍ପାଦନ କରିବା କ୍ଷେତ୍ରରେ ଭାରତ ଅଗ୍ରଣୀ ଭୂମିକା ଗ୍ରହଣ କରିପାରିବ । ଏହି କ୍ଷେତ୍ରରେ ବିପୁଳ ସମ୍ଭାବନା ଏବଂ ସାମର୍ଥ୍ୟ ଭରପୂର ରହିଛି ଏବଂ ଏଭଳି କଣ୍ଢେଇ ଉତ୍ପାଦନ ପାଇଁ ଭାରତୀୟ ସଂସ୍କୃତି ଏବଂ ଲୋକ ପରମ୍ପରାକୁ ଅନୁକରଣ କରି ଡିଜିଟାଲ ଗେମିଂ କ୍ଷେତ୍ରକୁ ମଧ୍ୟ ଉପଯୋଗ କରିହେବ ।

ଶିଶୁମାନଙ୍କ ଲାଳନପାଳନରେ କଣ୍ଢେଇଗୁଡ଼ିକର ଉପଯୋଗର ବିଶେଷ ମହତ୍ତ୍ୱ ରହିଛି ଏବଂ ସେମାନଙ୍କ ଉପରେ ଏହା ମାନସିକ, ସାମାଜିକ, ଶାରୀରିକ ଏବଂ ଆବେଗିକ ପ୍ରଭାବ ପକାଇଥାଏ । ଭାରତରେ କଣ୍ଢେଇ ବିପଣନର ପର୍ଯ୍ୟାପ୍ତ ସୁଯୋଗ ଓ କ୍ଷେତ୍ର ରହିଛି ଏବଂ ଏହାକୁ ଉପଯୋଗ କରାଗଲେ ଶିଳ୍ପ କ୍ଷେତ୍ରରେ ଏହା ବୈପ୍ଲବିକ ପରିବର୍ତ୍ତନ ଆଣି ପାରିବ । ଏହା ଦ୍ୱାରା ଆତ୍ମନିର୍ଭର ଭାରତ କାର୍ଯ୍ୟକ୍ରମ ଅଧୀନସ୍ଥ "ଭୋକାଲ ଫର୍ ଲୋକାଲ"ର ମନ୍ତ୍ରକୁ ମଧ୍ୟ କାର୍ଯ୍ୟରେ ପରିଣତ କରାଯାଇପାରିବ । ଏହି ପୃଷ୍ଠଭୂମିରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ନିକଟରେ ନିଜ ମନ୍ତ୍ରିମଣ୍ଡଳର ବରିଷ୍ଠ ମନ୍ତ୍ରୀମାନଙ୍କ ସହ ଏଭଳି କଣ୍ଢେଇ ଉତ୍ପାଦନକୁ ପ୍ରୋତ୍ସାହନ କରିବା ଏବଂ ଭାରତୀୟ କଣ୍ଢେଇ କିଭଳି ବିଶ୍ୱ ସ୍ତରରେ ଏହାର ପ୍ରଭାବ ବିସ୍ତାର କରିପାରିବ ସେ ସଂପର୍କରେ ଆଲୋଚନା କରିଛନ୍ତି ।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ତି ଯେ "ଭାରତ ହେଉଛି ଅନେକ କଣ୍ଢେଇ କ୍ଲଷ୍ଟରର ଭୂମି ଏବଂ ଏଠାରେ ହଜାର ହଜାର କଣ୍ଢେଇ ଶିଳ୍ପୀ ଅଛନ୍ତି ଯେଉଁମାନେ ସେମାନଙ୍କର ନିଜସ୍ୱ ଶୈଳୀର ସୁନ୍ଦର ସୁନ୍ଦର କଣ୍ଢେଇମାନ ପ୍ରସ୍ତୁତ କରିଆସୁଛନ୍ତି। ଏଭଳି କଣ୍ଢେଇର କେବଳ ଆମମାନଙ୍କୁ ସାଂସ୍କୃତିକ ବୈଭବ ସହ ଜଡ଼ିତ କରି ରଖେନାହିଁ ଅପରନ୍ତୁ ସେସବୁ ଶିଶୁମାନଙ୍କ ଜୀବନ ଶୈଳୀ ଏବଂ ମାନସିକ ଭାବାବେଗ ଉପରେ ବାଲ୍ୟାବସ୍ଥାରେ ମଧ୍ୟ ଗଭୀର ପ୍ରଭାବ ପକାଇଥାଏ।" ସେ କହିଛନ୍ତି ଯେ ଦେଶରେ ଥିବା ସେହିସବୁ କ୍ଲଷ୍ଟରଗୁଡ଼ିକର ଅଭିନବ ତଥା ସୃଜନାତ୍ମକ ଉପାୟରେ ବିକାଶ ଘଟାଯିବା ଆବଶ୍ୟକ । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ତାଙ୍କର "ମନ୍ କୀ ବାତ୍" କାର୍ଯ୍ୟକ୍ରମରେ ଅଗଷ୍ଟ 30, 2020 ତାରିଖ ଦିନ କହିଥିଲେ ଯେ ଦେଶରେ ଅନେକ କୁଶଳୀ କଳାକାର ଅଛନ୍ତି ଯେଉଁମାନଙ୍କ ଠାରେ ଆକର୍ଷଣୀୟ କଣ୍ଢେଇ ଗଢ଼ିବାର କଳା ଭରି ରହିଛି ଏବଂ

କାହିଁକି ଭାରତୀୟ କଣ୍ଢେଇ

- ସାଂସ୍କୃତିକ ସଂଯୋଗ: ଐତିହ୍ୟର ପରିବର୍ତ୍ତନ
- ଶିଶୁମାନଙ୍କ ଆକର୍ଷିତ କରିଥାଏ ଓ ସେମାନଙ୍କ ମନରେ ଆଗ୍ରହ ଜନ୍ମାଏ
- ସମସ୍ତଙ୍କ ପାଇଁ ସୁଲଭ ଏବଂ ଏହା ମାନସିକ ଆବେଗିକ କୌଶଳ ଗଢ଼େ
- ଏହା ଜୀବନ ଶୈଳୀ ଗଠନ କରେ

ଉପଭୋକ୍ତା ଆଧାର

ପ୍ରାକ୍ ସ୍କୁଲ୍ ଏବଂ ଗତ୍ତଶୀଳ କଣ୍ଢେଇର ଚାହିଦା ଦ୍ରୁତ ବେଗରେ ବୃଦ୍ଧି ପାଉଥିବା କଣ୍ଢେଇ ବର୍ଗରେ ରହିଛି ଯାହାର ମୂଲ୍ୟ ଆଧାରିତ ବିକାଶରେ 2016 ଠାରୁ 20% ବୃଦ୍ଧି ଘଟିଛି ।

ପ୍ରାକ୍- ଶୈଶବ ଅବସ୍ଥାର ଶିଶୁମାନେ ହିଁ ହେଉଛନ୍ତି ଏଭଳି କଣ୍ଢେଇର ସବୁଠାରୁ ବଡ଼ ଉପଭୋକ୍ତା ଯେଉଁମାନଙ୍କର ବୟସ 7ରୁ 12 ବର୍ଷ ମଧ୍ୟରେ ଏବଂ ସେମାନେ ଏଭଳି ବିକ୍ରୟର 44%ର ଅଧିକାରୀ ।

ଯେଉଁସବୁ କଣ୍ଢେଇଗୁଡ଼ିକର ମୂଲ୍ୟ କମ୍ ଏବଂ ଯାହାର ମୂଲ୍ୟ ଟ.228.41ମଧ୍ୟରେ (3.06 ଡଲାର ଭିତରେ) ସେଭଳି କଣ୍ଢେଇ ବଜାରର 46% ଚାହିଦାର ଅଧିକାରୀ ।

ମଧ୍ୟମରୁ ସ୍ୱଳ୍ପ ମୂଲ୍ୟଯୁକ୍ତ ବ୍ୟାଟେରୀଚାଳିତ କଣ୍ଢେଇ ଚାହିଦାକୁ ପରିବର୍ତ୍ତନ, ଏହା ଅଭିନବ ଇଲେକ୍ଟ୍ରୋନିକ୍ କଣ୍ଢେଇ ଦିଗରେ ପରିଚାଳିତ

ଯେଉଁ ମାତାପିତାମାନଙ୍କର ଆୟ ହାରାହାରି ଡିସପୋଜେବଲ ଠାରୁ ଅଧିକ ସେମାନେ ସଂଗଠିତ ରିଟେଲ ଚେନରେ 10% ପାଇଁ ସଦାବେଳେ ପସନ୍ଦ କରିଥାନ୍ତି ।

ଗୋଟିଏ କଣ୍ଢେଇର ହାରାହାରି ଆୟୁସୀମା ଏକ ବର୍ଷରୁ କମ୍ ହୋଇଥାଏ । ଏହାର ବିକାଶ କୌତୁହଳତା, ଆଗ୍ରହ ଏବଂ ନୂତନତ୍ୱ ଉପରେ ନିର୍ଭରଶୀଳ ।

> "କଣ୍ଢେଇକୁ 'ଏକ ଭାରତ, ଶ୍ରେଷ୍ଠ ଭାରତ' ମାନସିକତାର ସଂପ୍ରସାରଣ ନିମନ୍ତେ ଏକ ଉତ୍ତମ ମାଧ୍ୟମ ଭାବେ ଗ୍ରହଣ କରାଯାଇ ପାରିବ ।
>
> -ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ"

ଦେଶର କିଛି ଭାଗ ଯଥା କର୍ଣ୍ଣାଟକର ରାମନଗରମ୍ ଅନ୍ତର୍ଗତ ଚନ୍ନାପାଟନା, ଆନ୍ଧ୍ର ପ୍ରଦେଶର କ୍ରିଷ୍ଣା ଅନ୍ତର୍ଗତ କୋଣ୍ଡାପାଲ୍ଲୀ, ତାମିଲନାଡୁର ଥାଞ୍ଜାଭୁର, ଆସାମର ଧୁବ୍ରି, ଉତ୍ତର ପ୍ରଦେଶର ବାରାଣାସୀକୁ କଣ୍ଢେଇ ନିର୍ମାଣର କ୍ଲଷ୍ଟର ଭାବେ ବିକଶିତ କରାଯାଉଛି । ଏକ ଆକଳନ ଅନୁସାରେ, ସାରା ବିଶ୍ୱରେ କଣ୍ଢେଇ ବଜାରର ଆନୁମାନିକ ମୂଲ୍ୟ 100 ବିଲିଅନ ଡଲାର । ଭାରତୀୟ କଣ୍ଢେଇ ଶିଳ୍ପର 2011-18 ମସିହା ମଧ୍ୟରେ 15.9 ପ୍ରତିଶତ ଅଭିବୃଦ୍ଧି ଘଟିଛି ଏବଂ ଏହାର ଏକ 1.5 ବିଲିଅନ ମୂଲ୍ୟର ବଜାର ରହିଛି ଏବଂ ଏହି ଶିଳ୍ପ ଶ୍ରମଭିତ୍ତିକ ଭାବେ ବିବେଚନା କରାଯାଏ । ଏହା ମଧ୍ୟ ମୂଲ୍ୟ ସଂବେଦନୀ ଯାହାରକି ବିକଳ୍ପ ସୃଷ୍ଟି ହେବାର ଯଥେଷ୍ଟ ବିପଦ ରହିଛି । ଇଲେକ୍ଟ୍ରୋନିକ୍ କଣ୍ଢେଇ ପରିପ୍ରେକ୍ଷୀରେ କୁହାଯାଇପାରେ ଯେ ଏହାର ସ୍ଥାନୀୟ ଉତ୍ପାଦନ ସକାଶେ କଞ୍ଚାମାଲ ଉପଲବ୍ଧ ରହିଛି । କିନ୍ତୁ ସେଥିପାଇଁ ଆବଶ୍ୟକ ପ୍ରଯୁକ୍ତିଗତ ନିପୁଣତା ଏବଂ ଦକ୍ଷତାର ଅଭାବ ରହିଛି ।

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ କଣ୍ଢେଇ ପ୍ରଯୁକ୍ତି ଏବଂ ଡିଜାଇନ ଉପରେ ଅଭିନବତ୍ୱ ପ୍ରଦର୍ଶନ ସକାଶେ ଏକ ହାକାଥନ ଆୟୋଜନ

ଆମଦାନୀ ନିୟନ୍ତ୍ରଣ ସକାଶେ ଗୃହୀତ ପଦକ୍ଷେପ

- ଭାରତୀୟ କ୍ୱାଲିଟି କାଉନସିଲ୍ (କ୍ୟୁସିଆଇ) ଯାହାକି 'ଡିପିଆଇଆଇଟି' ଅଧୀନରେ ପରିଚାଳିତ, ସେହି ସଂସ୍ଥା ପକ୍ଷରୁ କରାଯାଇଥିବା ଏକ ସପିଂ ଏବଂ ପରୀକ୍ଷା ରିପୋର୍ଟ ସର୍ଭେ କରାଯାଇଛି ।
- ଭାରତୀୟ ମାନକ ବ୍ୟୁରୋ (ବିଏସଆଇ) ଆଇନ ଅଧୀନରେ ଥିବା ଫେବୃଆରୀ 25, 2020 ତାରିଖ ଦିନ କ୍ୱାଲିଟି କଣ୍ଟ୍ରୋଲ ଜାରି କରାଯାଇଛି ଯଦ୍ୱାରା ଭାରତରେ ନିର୍ମାଣ କରାଯାଉଥିବା କିମ୍ବା ବିଦେଶରୁ ଭାରତକୁ ଆମଦାନୀ କରାଯାଉଥିବା କଣ୍ଢେଇ ବିଆଇଏ ଦ୍ୱାରା ନିର୍ଦ୍ଧାରିତ ମାନକୁ ସୁନିଶ୍ଚିତ କରୁଥିବ ।
- ବିଦେଶରୁ କଣ୍ଢେଇ ଆମଦାନୀ ସକାଶେ ବୈଦେଶିକ ବାଣିଜ୍ୟ ନୀତିକୁ କଡ଼ାକଡ଼ି କରାଯାଇଛି ଏବଂ ଏଥିରେ ବିଦେଶରୁ ଆସୁଥିବା ପ୍ରତ୍ୟେକ କନସାଇନମେଣ୍ଟର ନମୁନା ପରୀକ୍ଷା କରାଯାଉଛି ।

କରାଯିବାର ଆବଶ୍ୟକତା ଉପରେ ଗୁରୁତ୍ୱ ଆରୋପ କରିଛନ୍ତି । ଯେଉଁସବୁ କଣ୍ଢେଇଗୁଡ଼ିକର ଭାରତୀୟ ସଂସ୍କୃତି ଏବଂ ପରମ୍ପରା ସହ ସାମଞ୍ଜସ୍ୟ ରହିଛି ସେସବୁକୁ ପିଲାମାନଙ୍କ ଶିକ୍ଷାଦାନ ସଂସାଧନରେ ସାମିଲ କରାଯାଇପାରିବ ଯାହାକି ସାରା ଦେଶର ଅଙ୍ଗନବାଡ଼ି କେନ୍ଦ୍ର ଏବଂ ବିଦ୍ୟାଳୟମାନଙ୍କରେ ରଖାଯିବ । ଏହା ଶିଶୁମାନଙ୍କର ସର୍ବାଙ୍ଗୀନ ବିକାଶରେ ସହାୟକ ହୋଇପାରିବ ବୋଲି ସେ ମତ ପୋଷଣ କରିଛନ୍ତି ।

ଏହି ଶିଳ୍ପର ପ୍ରମୁଖ କାରକ

ଡିପିଆଇଆଇଟି ଏବଂ କେନ୍ଦ୍ର ବାଣିଜ୍ୟ ମନ୍ତ୍ରଣାଳୟର ସୂଚନା ଅନୁସାରେ ଏମଏସଏମଇ ବର୍ଗରେ ସାରା ଦେଶରେ ପ୍ରାୟ 4000ଟି ଉତ୍ପାଦନ ୟୁନିଟ୍ ରହିଛି ଯେଉଁଥିରେ ସୂକ୍ଷ୍ମ (75 ପ୍ରତିଶତ), ଲଘୁ ଓ ମଧ୍ୟମ (22 ପ୍ରତିଶତ) ଏବଂ ବୃହତ୍ (3 ପ୍ରତିଶତ) ୟୁନିଟ୍ ରହିଛନ୍ତି । "ଫନ୍ ସ୍କୁଲ" ସମେତ ବଡ଼ ବଡ଼ ଉଦ୍ୟୋଗମାନେ ହେଉଛନ୍ତି ସର୍ବବୃହତ୍ କଣ୍ଢେଇ ନିର୍ମାତା ଏବଂ ସେମାନେ ଦେଶର ମୋଟ କଣ୍ଢେଇ ଉତ୍ପାଦନର 30 ପ୍ରତିଶତର ଅଧିକାରୀ । ଏହା ପଛକୁ ରହିଛି "ମାଟେଲ" (20 ପ୍ରତିଶତ), "ହାସବ୍ରୋ" (9 ପ୍ରତିଶତ), "ବାନ୍ଦାଇ" (4 ପ୍ରତିଶତ), "ଲେଗୋ" (4 ପ୍ରତିଶତ), "ଲିପ୍ ଫ୍ରଗ୍" (3 ପ୍ରତିଶତ) ଏବଂ ଅନ୍ୟାନ୍ୟ କଣ୍ଢେଇ ଉତ୍ପାଦନକାରୀ ଉଦ୍ୟୋଗ ଅବଶିଷ୍ଟ 30 ପ୍ରତିଶତ ଉତ୍ପାଦନର ଅଧିକାରୀ ।

ମହାମାରୀ ସହିତ ବଞ୍ଚିବାର ଶିକ୍ଷା

ଚା'ଦୋକାନରେ ଆୟୁଷ୍ କାଢ଼ା, ପାରମ୍ପରିକ କୃଷି ସରଞ୍ଜାମ ଏବଂ ପାଇନ ଗଛର ପତ୍ରରୁ ନାନା ପ୍ରକାର ସାଜସଜ୍ଜା ସାମଗ୍ରୀ ପ୍ରସ୍ତୁତି ବିଷମ ପରିସ୍ଥିତିରେ ଆମମାନଙ୍କୁ ଜୀବନ ବଞ୍ଚିବାର ଅଭିନବ କଳା ଶିଖାଇଛି ।

ଡାମନ୍ ଚା'ଦୋକାନରେ କାଢ଼ା



କରୋନା ମହାମାରୀ ବିରୋଧରେ ଲଢ଼େଇ ପ୍ରୟାସରେ ଡାମନ ଓ ଡିଉ ଦ୍ୱୀପପୁଞ୍ଜର ଦାମିନୀ ମହିଳା ଫାଉଣ୍ଡେସନ ଏହି ଭୂତାଣୁଜନିତ ବ୍ୟାଧି ପାଇଁ ସଂଗ୍ରାମର ଏକ ଅଭିନବ ପନ୍ଥା ଅବଲମ୍ବନ କରିଛି । ଏହି ଫାଉଣ୍ଡେସନ ପକ୍ଷରୁ ଆୟୁଷ କାଢ଼ା ପ୍ରସ୍ତୁତ କରିବାର କଳାକୌଶଳ ଚା'ଦୋକାନୀମାନଙ୍କୁ ପ୍ରଦାନ କରାଯାଉଛି ।

ଡାମନ ଏକ ଶିଳ୍ପାଞ୍ଚଳ ଏବଂ ସେଠାରେ ହଜାର ହଜାର ଶ୍ରମିକ କାର୍ଯ୍ୟ କରନ୍ତି । ତେଣୁ ଦାମିନୀ ମହିଳା ଫାଉଣ୍ଡେସନ ସ୍ଥିର କଲା ଯେ ସହରର ଚା'ଦୋକାନୀମାନଙ୍କୁ ସେମାନେ ଆୟୁଷ କାଢ଼ା କିଭଳି ପ୍ରସ୍ତୁତ କରାଯିବ ତାହାର ତାଲିମ ପ୍ରଦାନ କରିବେ । ଏହି ଚା'କୁ ଲୋକମାନେ ସେମାନଙ୍କର କାର୍ଯ୍ୟକୁ ଯିବା ବାଟରେ ପିଇପାରିବେ। କାଢ଼ାକୁ ତୁଳସୀ, ଅଦା, ଲବଙ୍ଗ ଏବଂ ଗୋଲମରିଚ ଆଦି ପକାଇ ପ୍ରସ୍ତୁତ କରାଯାଇଥାଏ। ସେହିଭଳି ଫାଉଣ୍ଡେସନ ପକ୍ଷରୁ ଲୋକମାନଙ୍କୁ 'ନମୋ ଆପ୍', ଆରୋଗ୍ୟ ସେତୁ ଆପ୍ ଏବଂ ଆୟୁଷ ମନ୍ତ୍ରଣାଳୟର ୱେବସାଇଟ ସଂପର୍କରେ ଲୋକମାନଙ୍କୁ ଅବଗତ କରାଯାଉଛି । ଇତି ମଧ୍ୟରେ ସହରର କେତେକ ଚା'ଦୋକାନୀ ଏଭଳି ଆୟୁଷ କାଢ଼ା ପ୍ରସ୍ତୁତ କରି ବିକିବା ଆରମ୍ଭ କରିଛନ୍ତି । ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଲା ହଜାର ହଜାର ଲୋକ ଏହି ରୋଗ ପ୍ରତିରୋଧି ପାନୀୟକୁ ପିଇବା ଲାଗି ଚା'ଦୋକାନମାନଙ୍କରେ ରୁଣ୍ଡ ହେଉଛନ୍ତି ।

କୃଷି ଉପକରଣ ବିକ୍ରୀରୁ ଉତ୍ତମ ଉପାର୍ଜନ

କୋଭିଡ଼-19 ମହାମାରୀ ସମୟରେ ଅନେକ ଲୋକ ସେମାନଙ୍କର ଚାକିରି ଓ ଅନ୍ୟାନ୍ୟ କର୍ମସଂସ୍ଥାନ ହରାଇଛନ୍ତି । ମହାରାଷ୍ଟ୍ର ଅକୋଲାର ନରେଶ ପୁନକାରଙ୍କୁ ମଧ୍ୟ ସମଦଶା ଭୋଗ କରିବାକୁ ପଡ଼ିଥିଲା। ଲକ୍ ଡାଉନ୍ ସମୟରେ ନିଜର କର୍ମସଂସ୍ଥାନ ହରାଇ ସେ ଅସହାୟ ହୋଇ ପଡ଼ିଥିଲେ। କିନ୍ତୁ ତାଙ୍କର ମନୋବଳ ତୁଟି ନଥିଲା । ତାଙ୍କ ପାଖରେ ସୃଜନଶୀଳ କଳା କୌଶଳ ଥିଲା ଯାହାକି ତାଙ୍କର ଶ୍ରେଷ୍ଠ ସମ୍ବଳ ବୋଲି ସେ ଭାବୁଥିଲେ । ତେଣୁ ସେ ଲାଗିପଡ଼ିଲେ ତାହାର ଉପଯୋଗରେ ଏବଂ ନିଜେ ପ୍ରସ୍ତୁତ କଲେ ପାରମ୍ପରିକ କୃଷି ଉପକରଣ ଯେଉଁଥିରେ ଶଗଡ଼ ଠାରୁ ଆରମ୍ଭ କରି ଅନ୍ୟାନ୍ୟ ଛୋଟ ଛୋଟ ଗାଡ଼ି, ମଞ୍ଜିବୁଣା ଯନ୍ତ୍ର, ଦା' ଏବଂ ପାରମ୍ପରିକ ଲଣ୍ଠନ । ଲୋକମାନେ ଆଗ୍ରହର ସହ ନରେଶଙ୍କ ଠାରୁ ସେସବୁ ସାମଗ୍ରୀ କିଣିବାକୁ ଆରମ୍ଭ କଲେ । 50 ଦିନର ଲକ୍ ଡାଉନ୍ ସମୟରେ ନିଜ ଦ୍ୱାରା ପ୍ରସ୍ତୁତ ଏହିସବୁ ସାମଗ୍ରୀ ବିକ୍ରିରୁ ସେ ତାଙ୍କର ଜୀବନଧାରଣର ସାଧନ ଜୁଟାଇ ପାରିଛନ୍ତି ।

ଜଣେ ଦିବ୍ୟାଙ୍ଗଙ୍କ ସ୍ୱପ୍ନରେ ଲାଗିଲା ଡେଣା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନରେ ଏବେ ଦେଶର ଭିନ୍ନକ୍ଷମ ବ୍ୟକ୍ତିମାନେ ସୁଦ୍ଧା ଆତ୍ମନିର୍ଭର ଭାରତ ନିର୍ମାଣ ଦିଗରେ ସେମାନଙ୍କର ପ୍ରୟାସ ଆରମ୍ଭ କରିଛନ୍ତି । ହିମାଚଳ ପ୍ରଦେଶର ନହାନ ଅଞ୍ଚଳରେ ଥିବା ସେଫେ ଏଲବେକୁ ଜଣେ ଯୁବତୀ ସୁଦର୍ଶନା ଦେବୀ ଚଳାଇଥାନ୍ତି । ସୁଦର୍ଶନା ଜଣେ ଦିବ୍ୟାଙ୍ଗ ମହିଳା । ତାଙ୍କ ଘର କାଙ୍ଗ୍ରାର ରଇତ ଗ୍ରାମରେ । ସେ ତାଙ୍କର ଉଦ୍ୟମିତା ବଳରେ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛନ୍ତି । ପାଇନ୍ ଗଛର ପତ୍ରରୁ ସେ ଅନେକ ପ୍ରକାର ଉତ୍ପାଦ ପ୍ରସ୍ତୁତ କରିପାରୁଛନ୍ତି । ପାଇନ ପତ୍ରରୁ ସେ ପ୍ରଥମେ ଅତି ଆକର୍ଷଣୀୟ ରାଖି ପ୍ରସ୍ତୁତ କରିବା ଆରମ୍ଭ କରିଥିଲେ । 2007 ମସିହା ଠାରୁ ସେ ଏଭଳି ଘରସଜା ଉପକରଣ ପ୍ରସ୍ତୁତ କାର୍ଯ୍ୟ କରି ଆସୁଛନ୍ତି। କିନ୍ତୁ 2018 ମସିହାରେ ଆରମ୍ଭ ହୋଇଥିବା ଷ୍ଟାର୍ଟ ଅପ୍ ଇଣ୍ଡିଆ କାର୍ଯ୍ୟକ୍ରମ ସତେ ଯେପରି ତାଙ୍କର ସ୍ୱପ୍ନରେ ପକ୍ଷ ଲଗାଇ ଦେଇଛି । ସେ ଏବେ ଏହି ଯୋଜନାରେ ବିଭିନ୍ନ ପ୍ରକାର ସୌଖିନ ସାମଗ୍ରୀ ପ୍ରସ୍ତୁତ କରି ବେଶ୍ ରୋଜଗାର କରିପାରୁଛନ୍ତି ।

ମୂଳୋତ୍ପାଟନ ପାଇଁ ଲଢ଼େଇ

କରୋନା ଆକ୍ରାନ୍ତଙ୍କ ଆରୋଗ୍ୟ ମାତ୍ରା ଏବେ ଦେଶରେ 76 ପ୍ରତିଶତକୁ ଅତିକ୍ରମ କରିଛି ଏବଂ ସରକାର ଏଭଳି ରୋଗ ବିରୋଧରେ ଏକ ସକ୍ରିୟ "ଟେଷ୍ଟ୍, ଟ୍ରାକ୍, ଟ୍ରିଟ୍" ରଣନୀତି ଆପଣାଇଛନ୍ତି ।

କର୍ଣ୍ଣାଟକର ଚିତ୍ରଦୁର୍ଗ ଜିଲ୍ଲାର 110 ବର୍ଷିୟା ସିଦ୍ଧାମ୍ମା ଅଗଷ୍ଟ 1, 2020 ତାରିଖ ଦିନ ଆରୋଗ୍ୟ ହୋଇ ହସପିଟାଲରୁ ଡିସଚାର୍ଜ ହୋଇଥିଲେ । ଇତି ପୂର୍ବରୁ ଜୁଲାଇ 27, 2020 ତାରିଖ ଦିନ କୋଭିଡ଼-19 ମହାମାରୀରେ ସଂକ୍ରମିତ ହୋଇ ସେ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ । ସେହିଭଳି କେରଳର 103 ବର୍ଷିୟା ପରୀଦ 20 ଦିନ କାଳ କରୋନା ସହ ସଂଘର୍ଷ କରି ଶେଷରେ ଆରୋଗ୍ୟ ଲାଭ କରିଥିଲେ । ଜୁଲାଇ 20, 2020 ତାରିଖ ଦିନ ସେ କରୋନା ଆକ୍ରାନ୍ତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ । ଏଗୁଡ଼ିକ କରୋନା ମହାମାରୀ ବିରୋଧରେ ଗୋଟିଏ ଗୋଟିଏ ସଫଳ କାହାଣୀ । ଏଭଳି ହାଇ ରିସ୍କ ପରିସ୍ଥିତିରେ ଥିବା ରୋଗୀମାନେ ଏଭଳି ରୋଗରୁ ସଂପୂର୍ଣ୍ଣ ସୁସ୍ଥ ହେବା ଅନ୍ୟମାନଙ୍କ ସକାଶେ ପ୍ରେରଣା ତଥା ଦୃଢ଼ ମନୋବଳର ଉତ୍ସ । କରୋନା ଯୋଦ୍ଧାଙ୍କ ସାହାଯ୍ୟ ସହଯୋଗ ସେମାନଙ୍କୁ ଏହି ଯୁଦ୍ଧରେ ବିଜୟୀ ହେବାରେ ସହାୟକ ହୋଇପାରିଛି ।

ସରକାରଙ୍କ "ଟେଷ୍ଟ, ଟ୍ରାକ୍, ଟ୍ରିଟ" ରଣନୀତି ଗ୍ରହଣ ଦ୍ୱାରା କରୋନା ଆକ୍ରାନ୍ତଙ୍କ ଆରୋଗ୍ୟ ହାର ଯଥେଷ୍ଟ ମାତ୍ରାରେ ବୃଦ୍ଧି ପାଇଛି ଏବଂ ଏହା ଧୀରେ ଧୀରେ ଆଗକୁ ବଢ଼ି ଚାଲିଛି । ସେହିଭଳି ମୃତ୍ୟୁହାର ହ୍ରାସ ପାଇ ଚାଲିଛି । ଗତ ପାଞ୍ଚମାସ ମଧ୍ୟରେ ପ୍ରାୟ ତିନି ଚତୁର୍ଥାଂଶ କରୋନା ଆକ୍ରାନ୍ତ ସଂପୂର୍ଣ୍ଣ ରୂପେ ଆରୋଗ୍ୟ ଲାଭ କରିପାରିଛନ୍ତି । ଏହି ପରିପ୍ରେକ୍ଷୀରେ ଅଗଷ୍ଟ 28, 2020 ତାରିଖ ଦିନ ସରକାରଙ୍କ ପକ୍ଷରୁ ଜାରି କରାଯାଇଥିବା ତଥ୍ୟ ସୂଚନା ଅନୁସାରେ ଭାରତରେ କୋଭିଡ଼-19 ଆକ୍ରାନ୍ତଙ୍କ ମଧ୍ୟରେ ଆରୋଗ୍ୟ ହାର ଅଗଷ୍ଟ 31, 2020 ତାରିଖ ସୁଦ୍ଧା 76.63 ପ୍ରତିଶତ ଛୁଇଁଛି । ଏହି ସମୟ ମଧ୍ୟରେ ମୋଟ 19.5 ଲକ୍ଷ (19,48,631 ଜଣ) କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ସେହି ସମୟରେ ଦେଶରେ ମୋଟ ସକ୍ରିୟ ଆକ୍ରାନ୍ତଙ୍କ ସଂଖ୍ୟା 7,81,975 ଥିଲା ଏବଂ ସେହିସବୁ ରୋଗୀଙ୍କୁ ସକ୍ରିୟ ମେଡ଼ିକାଲ ଚିକିତ୍ସା ସୁବିଧା ମଧ୍ୟରେ ରଖାଯାଇଛି । ଦେଶରେ କରୋନା ଆକ୍ରାନ୍ତଙ୍କ ସୁସ୍ଥ ହେବା ସଂଖ୍ୟାରେ ଏଭଳି କ୍ରମାଗତ ଉଲ୍ଲେଖନୀୟ ଅଭିବୃଦ୍ଧି ଏକଥାକୁ ସୁନିଶ୍ଚିତ କରିଛି ଯେ ଦେଶରେ ପ୍ରକୃତ କରୋନା ରୋଗୀଙ୍କ ଭାର ହାର ମୋଟ କୋଭିଡ଼- 19 ଆକ୍ରାନ୍ତଙ୍କ ସଂଖ୍ୟାର ମାତ୍ର 21.60% । ଭାରତର ମାତ୍ର 10ଟି ରାଜ୍ୟରେ କରୋନା ପଜିଟିଭଙ୍କ ସଂଖ୍ୟା ସର୍ବାଧିକ । ସେମାନଙ୍କ ଚିକିତ୍ସା ସଂପର୍କରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଅଗଷ୍ଟ 11, 2020 ତାରିଖ ଦିନ ସଂପୃକ୍ତ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କ ସହ ତାଙ୍କର ସମୀକ୍ଷା ବୈଠକରେ ଆବଶ୍ୟକ ମାର୍ଗଦର୍ଶିକା ପ୍ରଦାନ କରିଛନ୍ତି । ଅଗଷ୍ଟ 27 ତାରିଖ ଦିନ କ୍ୟାବିନେଟ୍ ସଚିବ ରାଜୀବ ଗୌବା ମାତ୍ରାଧିକ କୋଭିଡ଼-19 ପ୍ରବଣ 10ଟି ରାଜ୍ୟ/କେନ୍ଦ୍ରଶାସିତ କ୍ଷେତ୍ରର ସରକାରଙ୍କ ସହ ସମୀକ୍ଷା ବୈଠକ କରିଥିଲେ । ସେହିସବୁ ରାଜ୍ୟ ଓ କେନ୍ଦ୍ରଶାସିତ କ୍ଷେତ୍ରମାନଙ୍କୁ ସକାରାତ୍ମକ ଭାବେ ସକଳ ପ୍ରକାର ପ୍ରତିଷେଧକ ତଥା ଚିକିତ୍ସା ବ୍ୟବସ୍ଥା ଗ୍ରହଣ କରିବା ସକାଶେ ପରାମର୍ଶ ଦିଆଯାଇଛି ।ସେହିସବୁ ରାଜ୍ୟରେ କିଭଳି ଭାବେ ଆରୋଗ୍ୟ ହାର ବୃଦ୍ଧି ପାଇବା ସହ ମୃତ୍ୟୁହାର ହ୍ରାସ ପାଇବ ତାହା ଉପରେ ଗୁରୁତ୍ୱ ଆରୋପ କରାଯାଇଛି । ମୃତ୍ୟୁ ହାରକୁ 1 ପ୍ରତିଶତକୁ ହ୍ରାସ କରିବା ନିମନ୍ତେ ସମସ୍ତ ଜିଲ୍ଲାରେ କଣ୍ଟେନମେଣ୍ଟ୍ ବ୍ୟବସ୍ଥାକୁ ସକ୍ରିୟତାର ସହ କାର୍ଯ୍ୟକାରୀ କରିବା ତଥା ସଂସ୍ପର୍ଶର ସୂତ୍ରକୁ ଚିହ୍ନଟ କରିବା ଏବଂ ସତର୍କତାମୂଳକ ପଦକ୍ଷେପ ଗ୍ରହଣ ନିମନ୍ତେ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରାଯାଇଛି ।

ବିଶ୍ୱବ

27 ଲକ୍ଷ ସଂକ୍ରମିତ ଆରୋଗ୍ୟ

ଭାରତର କରୋନା ମୁକାବିଲା

ଅଗଷ୍ଟ 31, 2020 ସୁଦ୍ଧା

ମୋଟ ପରୀକ୍ଷାଗାର

1583

1003 ସରକାରୀ | **580** ଘରୋଇ

ମୋଟ ପରୀକ୍ଷା

4.23

କୋଟି

ହାରାହାରି ପରୀକ୍ଷା 10.5 ଲକ୍ଷ ଦୈନିକ

781975 ମୋଟ ସକ୍ରିୟ ମାମଲା

64469 ମୋଟ ମୃତ୍ୟୁ

76.63%

ଆରୋଗ୍ୟ ହାର, ଲକଡାଉନ ସମୟରେ ଥିଲେ ମାତ୍ର 11%

88.91%

ଦିଲ୍ଲୀର ଆରୋଗ୍ୟ ହାର କେନ୍ଦ୍ରର ହସ୍ତକ୍ଷେପ ପରେ, ଦେଶରେ ସର୍ବାଧିକ

1.78%

ଭାରତରେ ମୃତ୍ୟୁହାର

3624476

ଭାରତରେ ମୋଟ ମାମଲା

(Source: https://covidindia.org or https://www.worldometers.info)

ବିଶ୍ୱ ସହିତ ତୁଳନାତ୍ମକ ତଥ୍ୟ

କରୋନା ମାମଲାରେ ଭାରତ ଦୁନିଆର ଅନ୍ୟ ଦେଶଗୁଡ଼ିକ ଅପେକ୍ଷା ଭଲ ସ୍ଥିତିରେ ରହିଛି

	Positive	Active	Deaths
ବିଶ୍ୱ	3233	872	108
ୟୁରୋପ	4779	1717	279
ଆମେରିକା	18531	7675	564
ରୁଷ	6786	1138	117
ବ୍ରାଜିଲ	18077	3379	566
ଭାରତ	2583	555	46

ପ୍ରତି ଦଶଲକ୍ଷ ଜନସଂଖ୍ୟାରେ

ବୌଦ୍ଧ ଧର୍ମ ସହ ସାଂସ୍କୃତିକ ଓ ଧର୍ମୀୟ ସଂଯୋଗ ସ୍ଥାପନ

ଦେଶର ବୌଦ୍ଧ ଧର୍ମପୀଠ (ବୁଦ୍ଧିଷ୍ଟ ସର୍କିଟ)ଗୁଡ଼ିକର ବିକାଶ କେବଳ ଦେଶ ବିଦେଶର ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିବ ନାହିଁ ଅପରନ୍ତୁ ଏହା ଗବେଷକମାନଙ୍କୁ ମଧ୍ୟ ଏହିସବୁ କ୍ଷେତ୍ର ପ୍ରତି ଆକୃଷ୍ଟ କରିବ । ଏଭଳି ବିକାଶ ଦ୍ୱାରା ସେହିସବୁ କ୍ଷେତ୍ରରେ କର୍ମନିଯୁକ୍ତିର ମାତ୍ରା ବୃଦ୍ଧି ପାଇବ । ତେଣୁ ଦେଶ ବିଦେଶର ପର୍ଯ୍ୟଟକମାନେ ଯେଭଳି ସହଜରେ ସେଭଳି ପର୍ଯ୍ୟଟନସ୍ଥଳୀକୁ ଭ୍ରମଣରେ ଆସିପାରିବେ ଏବଂ ଏହାର ବିଶେଷତା ଉପଭୋଗ କରିପାରିବେ ସେଥିପାଇଁ ସରକାର ଏଭଳି ବୌଦ୍ଧପୀଠମାନଙ୍କର ବିକାଶ ସହ ସେଠାରେ ପର୍ଯ୍ୟଟକମାନଙ୍କ ପାଇଁ ଅଧିକ ସୁବିଧା ସୁଯୋଗ ସୃଷ୍ଟି କରୁଛନ୍ତି ।

ଡିସେମ୍ବର ମାସ ଆଗତପ୍ରାୟ । ଏବଂ ସେହି ମାସରେ କୁଶୀନଗରରେ ଏକ ଅନ୍ତରାଷ୍ଟ୍ରୀୟ ବିମାନ ବନ୍ଦର କାର୍ଯ୍ୟକ୍ଷମ ହେବ । ଉତ୍ତର ପ୍ରଦେଶର ଏହି କ୍ଷୁଦ୍ର ସହରଟି ଏକ ପ୍ରମୁଖ ବୌଦ୍ଧପୀଠ ଭାବେ ବିଶେଷ ମର୍ଯ୍ୟାଦା ବହନ କରେ। ଏଠାରେ ଭଗବାନ ବୁଦ୍ଧ ପରିନିର୍ବାଣ (ପରଲୋକ) ଲାଭ କରିଥିଲେ । ଜୁନ 24, 2020 ତାରିଖ ଦିନ କୁଶୀନଗର ବିମାନ ବନ୍ଦରକୁ କେନ୍ଦ୍ର କ୍ୟାବିନେଟ୍ ଏକ ଅନ୍ତରାଷ୍ଟ୍ରୀୟ ବିମାନ ବନ୍ଦରରେ ପରିଣତ କରିବାକୁ ଘୋଷଣା କରିଥିଲେ । ଚଳିତ ବର୍ଷ ହିଁ ଏହି ବୌଦ୍ଧ ସର୍କିଟକୁ ଏଭଳି ମାନ୍ୟତା ପ୍ରଦାନ ନିମନ୍ତେ କ୍ୟାବିନେଟ ଏଭଳି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରିଥିଲେ ।

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏପ୍ରିଲ 30, 2018 ତାରିଖ ଦିନ କହିଥିଲେ, " ଆମ ଦେଶରେ ଏଭଳି 18ଟି ସହର ରହିଛି ଯେଉଁଠାରେ ଭଗବାନ ବୁଦ୍ଧଙ୍କ ସହିତ ସଂଶ୍ଳିଷ୍ଟ କୌଣସି ନା କୌଣସି ଧର୍ମପୀଠ ରହିଛି । ସେଗୁଡ଼ିକ ମଧ୍ୟରୁ କେତେକ 2000 ବର୍ଷ ପ୍ରାଚୀନ ଏବଂ ଏବେ ସୁଦ୍ଧା ସେଠାକୁ ବିଶ୍ୱର ଅନେକ ରାଷ୍ଟ୍ରରୁ ପ୍ରତିବର୍ଷ ହଜାର ହଜାର ପର୍ଯ୍ୟଟକ ଆସୁଛନ୍ତି । ଏହି କଥାକୁ ଲକ୍ଷ୍ୟ କରି, ସ୍ୱଦେଶୀ ଦର୍ଶନ ଯୋଜନା ଅଧୀନରେ ବୁଦ୍ଧିଷ୍ଟ ସର୍କିଟର ବିକାଶ ଘଟାଯାଉଛି । ଏଭଳି ବୁଦ୍ଧିଷ୍ଟ ସର୍କିଟ ନିମନ୍ତେ ସରକାର ଏପର୍ଯ୍ୟନ୍ତ 360 କୋଟି ଟଙ୍କା ମଞ୍ଜୁର କରିଛନ୍ତି ।"

ଦେଶରେ ଏଭଳି ବୁଦ୍ଧିଷ୍ଟ ସର୍କିଟର ବିକାଶ ଘଟାଯିବା କେବଳ ତୀର୍ଥଯାତ୍ରୀମାନଙ୍କ ପାଇଁ ସୁବିଧା ହେବନାହିଁ ଅପର ପକ୍ଷେ ଏହା ସ୍ଥାନୀୟ ଭାବେ ଅନେକ କର୍ମନିଯୁକ୍ତିର ସୁଯୋଗ ମଧ୍ୟ ସୃଷ୍ଟି କରିବ । ଭଗବାନ ବୁଦ୍ଧଙ୍କର ଶହ ଶହ କୋଟି ଅନୁଗାମୀ ବିଶ୍ୱର ବିଭିନ୍ନ ଭାଗରୁ ଆସି ସେମାନଙ୍କ ଜୀବଦ୍ଦଶାରେ ଏଭଳି ଧର୍ମପୀଠ ପରିଦର୍ଶନ କରିବାକୁ ଚାହାନ୍ତି । ଏ ସଂପର୍କରେ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ ପ୍ରହ୍ଲାଦ ସିଂହ ପଟେଲ କହିଛନ୍ତି, "କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରଣାଳୟ ଏହାର ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଦେଶର ବିଭିନ୍ନ ଭାଗରେ ଥିବା ବୌଦ୍ଧ ପୀଠଗୁଡ଼ିକର ବିକାଶ ନିମନ୍ତେ ଅନେକ କାର୍ଯ୍ୟପନ୍ଥା ଗ୍ରହଣ କରିଛନ୍ତି ।"

ଆଜକୁ ଶହ ଶହ ବର୍ଷ ପୂର୍ବେ ବୌଦ୍ଧଧର୍ମ ଅନେକ ଏସୀୟ ରାଷ୍ଟ୍ରରେ ପହଞ୍ଚିଥିଲା। ସେହିସବୁ ରାଷ୍ଟ୍ରମାନଙ୍କ ସହ ଥିବା ସାଂସ୍କୃତିକ, ଧର୍ମୀୟ, କୂଟନୈତିକ, ସାମୁଦ୍ରିକ, ବାଣିଜ୍ୟିକ ଏବଂ ବ୍ୟବସାୟିକ ସଂପର୍କ ଭାରତକୁ ଅନେକ ଦିଗରେ ସହାୟକ ହେଉଛି ଏବଂ ସେହିସବୁ ରାଷ୍ଟ୍ରମାନେ ମଧ୍ୟ ଏଭଳି ସଂପର୍କରୁ ଉପକୃତ ହୋଇପାରୁଛନ୍ତି । ଭାରତ ଗସ୍ତରେ ଆସୁଥିବା ବୌଦ୍ଧ ପର୍ଯ୍ୟଟକମାନଙ୍କୁ ସରକାରଙ୍କ ପକ୍ଷରୁ ସକଳ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯାଉଛି । ଏହି ପରିପ୍ରେକ୍ଷୀରେ କୁଶୀନଗର ବିମାନ ବନ୍ଦରକୁ ଏକ ଅନ୍ତରାଷ୍ଟ୍ରୀୟ ବିମାନ ବନ୍ଦରରେ ପରିଣତ କରିବା ସକାଶେ ସରକାରଙ୍କ ନିଷ୍ପତ୍ତି ବିଷୟରେ ପର୍ଯ୍ୟଟନ ମନ୍ତ୍ରୀ ଅବଗତ କରାଇଥିଲେ । ଏହା ଦ୍ୱାରା ଦେଶ ଓ ବିଦେଶର ପର୍ଯ୍ୟଟକମାନଙ୍କୁ କୁଶୀନଗର ସହିତ ବିମାନ ସଂଯୋଗର ସୁବିଧା ମିଳିପାରିବ ଯଦ୍ୱାରା ଘରୋଇ ତଥା ବୈଦେଶିକ ପର୍ଯ୍ୟଟନକୁ ପ୍ରୋତ୍ସାହନ ମିଳିବ ଏବଂ

ଅନ୍ୟାନ୍ୟ ସ୍ଥାନ ସହ କୁଶୀନଗର ଅନ୍ତରାଷ୍ଟ୍ରୀୟ ବିମାନବନ୍ଦର ଯୋଗାଯୋଗର ସୁବିଧା କରିବ

ସର୍ବୋପରି ଏହି କ୍ଷେତ୍ରର ଆର୍ଥିକ ବିକାଶ ତ୍ୱରାନ୍ୱିତ ହେବ ।

ଅନ୍ତରାଷ୍ଟ୍ରୀୟ ପର୍ଯ୍ୟଟନକୁ ସହାୟତା ଯୋଗାଇ ଦେବା ସକାଶେ ଦେଶର ବିଭିନ୍ନ ବୌଦ୍ଧ ପର୍ଯ୍ୟଟନ ସ୍ଥଳୀମାନଙ୍କରେ ବିଭିନ୍ନ ଅନ୍ତରାଷ୍ଟ୍ରୀୟ ଭାଷାରେ ସାଇନବୋର୍ଡ଼ମାନ ମରାଯାଇଛି ଏବଂ ସେଥିରେ ଉତ୍ତର ପ୍ରଦେଶର ପାଞ୍ଚଟି ସ୍ଥାନରେ ଚୀନ୍ ଭାଷାରେ ଏଭଳି ସାଇନବୋର୍ଡ଼ମାନ ମରାଯାଇଛି । ସେଥି ମଧ୍ୟରେ ସାରନାଥ, କୁଶୀନଗର ଓ ଶ୍ରାବସ୍ତୀ ରହିଛି । ସେହିଭଳି ଶ୍ରୀଲଙ୍କାର ଅନେକ ବୌଦ୍ଧ ପର୍ଯ୍ୟଟକ ମଧ୍ୟ ପ୍ରଦେଶର ସାଂଚିକୁ ପର୍ଯ୍ୟଟନରେ ଆସିଥାନ୍ତି ଏବଂ ସେହି ଦୃଷ୍ଟିରୁ ସେଠାରେ ସିଂହଳୀ ଭାଷାରେ ସାଇନବୋର୍ଡ ଲଗାଯାଇଛି । "ଦେଶର ବୌଦ୍ଧ ପୀଠସ୍ଥଳୀଗୁଡ଼ିକର ବିକାଶ ଏବଂ ସେସଂପର୍କରେ ପ୍ରଚାର ପ୍ରସାର ନିମନ୍ତେ ପର୍ଯ୍ୟଟନ ମନ୍ତ୍ରଣାଳୟ ପକ୍ଷରୁ ଅନେକ ପଦକ୍ଷେପ ଗ୍ରହଣ କରାଯାଇଛି" ବୋଲି ଶ୍ରୀ ପ୍ରହଲ୍ଲାଦ ସିଂହ ପଟେଲ କହିଛନ୍ତି ।

ଦେଶର ବୌଦ୍ଧ ସର୍କିଟଗୁଡ଼ିକର ବିକାଶ ନିମନ୍ତେ ଏକ ବିରାଟ ପ୍ରକଳ୍ପ ଏବେ କାର୍ଯ୍ୟକାରୀ କରାଯାଉଛି ଏବଂ ଏଥିପାଇଁ 10,000 କୋଟି ଟଙ୍କା ବ୍ୟୟ କରାଯାଉଛି । ଚଳିତବର୍ଷ ଶେଷ ସୁଦ୍ଧା ଏହି ପ୍ରକଳ୍ପ ସଂପୂର୍ଣ୍ଣ କରାଯିବାର ଆଶା କରାଯାଉଛି । କେନ୍ଦ୍ର ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରୀ ଶ୍ରୀ ନୀତିନ ଗଡ଼କରୀ ଅକ୍ଟୋବର 17, 2020 ତାରିଖ ଦିନ କହିଛନ୍ତି ଯେ 2020 ମସିହା ସୁଦ୍ଧା ଦେଶର ଏହି ବୁଦ୍ଧିଷ୍ଟ ସର୍କିଟ କାର୍ଯ୍ୟ ସଂପୂର୍ଣ୍ଣ ହେବ ।

ଦେଶର କେତେକ ପ୍ରମୁଖ ବୌଦ୍ଧ ପୀଠସ୍ଥଳୀ ମଧ୍ୟରେ ବିହାରର ବୋଧ ଗୟା, ନାଳନ୍ଦା ଓ ରାଜଗୀର; ଉତ୍ତର ପ୍ରଦେଶର ସାରନାଥ, କୁଶୀନଗର ଓ ଶ୍ରାବସ୍ତୀ; ଓଡ଼ିଶାର ଧଉଳି, ଉଦୟଗିରି, ଲଳିତଗିରି ଓ ରତ୍ନଗିରି; ମଧ୍ୟ ପ୍ରଦେଶର ସାଞ୍ଚି ଏବଂ ନେପାଳର ଲୁମ୍ବିନୀ ଓ କପିଳବାସ୍ତୁ ଆଦି ଅନ୍ୟତମ । ସେଠାରେ ଭଗବାନ ବୁଦ୍ଧଙ୍କର କୌଣସି ନା କୌଣସି ସ୍ମରଣୀକା ରହିଛି । ସେହିସବୁ ସ୍ଥାନକୁ ବୌଦ୍ଧ ତୀର୍ଥଯାତ୍ରୀମାନେ ଏବଂ ଗବେଷକମାନେ ପରିଦର୍ଶନ କରିବାକୁ ଆଗ୍ରହୀ ହେବା ସ୍ୱାଭାବିକ ଏବଂ ଏହା ଏକ ପ୍ରାଚୀନ ପରମ୍ପରା ମଧ୍ୟ ।

ଲାଲକିଲା ମଞ୍ଚ ଉପରୁ ବୌଦ୍ଧଧର୍ମ ସଂପର୍କରେ ପ୍ରଧାନମନ୍ତ୍ରୀଙ୍କ ବକ୍ତବ୍ୟ

ବୌଦ୍ଧ ଧର୍ମ ଭାରତକୁ ଅନେକ ଏସୀୟ ରାଷ୍ଟ୍ରଙ୍କ ସହ ସଂଯୋଗ କରିଥାଏ । ପ୍ରଧାନମନ୍ତ୍ରୀ ଲାଲକିଲ୍ଲା ମଞ୍ଚ ଉପରୁ ରାଷ୍ଟ୍ର ଉଦ୍ଦେଶ୍ୟରେ ଦେଇଥିବା ତାଙ୍କର ଅଭିଭାଷଣରେ ଏହି କଥାକୁ ବିସ୍ତୃତ ଭାବେ ବ୍ୟକ୍ତ କରି କହିଛନ୍ତି, " ପୂର୍ବ ଦିଗରେ ଥିବା ଆସିଆନ୍ ରାଷ୍ଟ୍ରଗଣ, ଯେଉଁମାନେକି ଆମର ସାମୁଦ୍ରିକ ପଡ଼ୋଶୀ ରହି ଆସିଛନ୍ତି ସେମାନେ ଆମପାଇଁ ବିଶେଷ ମାନ୍ୟତା ବହନ କରନ୍ତି । ସେହିସବୁ ରାଷ୍ଟ୍ରମାନଙ୍କ ସହ ଭାରତର ହଜାର ହଜାର ବର୍ଷର ପ୍ରାଚୀନ ଧର୍ମୀୟ ତଥା ସାଂସ୍କୃତିକ ଯୋଗସୂତ୍ର ରହିଛି । ବୌଦ୍ଧଧର୍ମର ମହାନ ପରମ୍ପରା ସେମାନଙ୍କ ସହ ଆମକୁ ସଂଯୋଗ କରି ରଖିଛି । ଆଜି ଭାରତ କେବଳ ନିରାପତ୍ତା କ୍ଷେତ୍ରରେ ତାର ସହଯୋଗ ସୁଦୃଢ଼ କରି ଚାଲିନାହିଁ ଅପରପକ୍ଷେ ସେହିସବୁ ଦେଶମାନଙ୍କ ସହିତ ସାମୁଦ୍ରିକ ସମ୍ପଦ କ୍ଷେତ୍ରରେ ମଧ୍ୟ ସଂପର୍କ ବୃଦ୍ଧି କରିଚାଲିଛି ।"

“ଏବେ ସମସ୍ତଙ୍କୁ କଣ୍ଢେଇ ଉଦ୍ୟୋଗ ପାଇଁ ‘ଭୋକାଲ ଫର୍ ଲୋକାଲ’ ହେବାର ସମୟ ଆସିଛି”

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କର “ମନ୍ କୀ ବାତ୍” କାର୍ଯ୍ୟକ୍ରମରେ କଣ୍ଢେଇ ଶିଳ୍ପ ପାଇଁ ‘ଭୋକାଲ୍ ଫର୍ ଲୋକାଲ୍’ ହେବା ଉପରେ ଗୁରୁତ୍ୱ ଆରୋପ କରିଛନ୍ତି । ପରିବେଶର ସୁରକ୍ଷା ଉପରେ ଆଲୋଚନା ପ୍ରସଙ୍ଗରେ ଉଦାହରଣ ଦେଇ ସେ ବିହାରର ପଶ୍ଚିମ ଚମ୍ପାରଣ ଜିଲ୍ଲାର ଆଦିବାସୀମାନଙ୍କ ପରମ୍ପରା ସଂପର୍କରେ ଅବତାରଣା କରିଥିଲେ । ସେହିଭଳି ଭାରତୀୟ ପ୍ରଜାତିର କୁକୁର ଏବଂ ସେପ୍ଟେମ୍ବର ମାସକୁ ପୋଷଣ ମାସ ଭାବେ ପାଳନ କରିବା ଭଳି ଉଦାହରଣମାନ ପ୍ରଧାନମନ୍ତ୍ରୀ ଦେଇଥିଲେ । ତାଙ୍କର ବକ୍ତବ୍ୟରୁ କିଛି ଉଦ୍ଧୃତାଂଶ:

ଉତ୍ସବାନୁଷ୍ଠାନ: ବର୍ତ୍ତମାନର ସମୟ ଉତ୍ସବାନୁଷ୍ଠାନର ସମୟ । ଲୋକମାନେ ସେମାନଙ୍କ ଦୈନନ୍ଦିନ କାର୍ଯ୍ୟରେ ଲିପ୍ତ ରହିଛନ୍ତି । ସେମାନେ ନିଜର ଯତ୍ନ ନେବା ସହ ଅନ୍ୟମାନଙ୍କର ମଧ୍ୟ ସେବାଯତ୍ନ କରୁଛନ୍ତି । ଏପରିକି କେତେକ ସ୍ଥାନରେ ଅନଲାଇନରେ ଗଣେଶୋତ୍ସବ ପାଳିତ ହେଉଛି । ଅଧିକାଂଶ ସ୍ଥାନରେ ପରିବେଶ ଅନୁକୂଳ ଗଣେଶ ମୂର୍ତ୍ତିମାନ ମଣ୍ଡପରେ ସ୍ଥାପନା କରାଯାଇଛି ।

ପରିବେଶ: ବିହାରର ପଶ୍ଚିମ ଚମ୍ପାରଣ ଜିଲ୍ଲାରେ ଥାରୁ ଆଦିବାସୀ ବର୍ଗର ଲୋକମାନେ ବସବାସ କରିଥାନ୍ତି । ସେମାନେ ଶହ ଶହ ବର୍ଷ ଧରି ଷାଠିଏ ଘଣ୍ଟାର ଲକ୍ ଡାଉନ୍ ପାଳନ କରିଆସୁଛନ୍ତି ଯାହାକୁ ସେମାନେ “ଷାଠ୍ ଘଣ୍ଟେ କେ ବର୍ନା” ବୋଲି ନାମିତ କରିଛନ୍ତି । ସେମାନଙ୍କର ବିଶ୍ୱାସ ଯେ ଏହି ସମୟରେ ଯଦି ସେମାନେ ଘରୁ ପଦାକୁ ଗୋଡ଼ କାଢ଼ନ୍ତି କିମ୍ବା ବାହାରୁ କେହି ସେମାନଙ୍କ ପାଖରେ ପହଞ୍ଚନ୍ତି, କିମ୍ବା କୌଣସି ପ୍ରକାର ନିତ୍ୟନୈମିତ୍ତିକ କାର୍ଯ୍ୟ ପାଇଁ ଲୋକମାନେ ଆତଯାତ ହୁଅନ୍ତି ତେବେ ନୂଆକରି ସୃଷ୍ଟି ହେଉଥିବା ଚାରା କିମ୍ବା ଗଛ ନଷ୍ଟ ହୋଇଯାଇଥାଏ ।

ସ୍ୱାଧୀନତା ସଂଗ୍ରାମୀଙ୍କୁ ସ୍ମରଣ: ଆମ ଦେଶର ବୀର ସ୍ୱାଧୀନତା ସଂଗ୍ରାମୀମାନଙ୍କ ସଂପର୍କରେ ଛାତ୍ରଛାତ୍ରୀମାନେ ସୁପରିଚିତ ହେବା ଏକାନ୍ତ ଜରୁରି। ଯେତେବେଳେ ଆମର ବିଦ୍ୟାର୍ଥୀମାନଙ୍କୁ ଦେଶର ସ୍ୱାଧୀନତା ସଂଗ୍ରାମର ଇତିହାସ ବନାମ ସେମାନଙ୍କର ସ୍ଥାନୀୟ ପରିବେଶ ସଂପର୍କରେ ଅବଗତ କରାଯିବ, ସେତେବେଳେ ଯାଇ କୋମଳମତି ଛାତ୍ରଛାତ୍ରୀମାନଙ୍କ ମନରେ ସେଭଳି ଘଟଣା ଜାଗରଣ ସୃଷ୍ଟି କରିବ ।

କୃଷି: ଗତ ବର୍ଷ ତୁଳନାରେ ଚଳିତ ବର୍ଷ ଖରିଫ ଧାନ ରୁଆରେ 7 ପ୍ରତିଶତ ବୃଦ୍ଧି ଘଟିଛି । ଗତବର୍ଷ ତୁଳନାରେ ଧାନ ଚାଷ କ୍ଷେତ୍ରରେ 10 ପ୍ରତିଶତ ଅଭିବୃଦ୍ଧି ଘଟିଛି ଏବଂ ଡାଲିଜାତୀୟ ଶସ୍ୟ କ୍ଷେତ୍ରରେ ଏହି ଅଭିବୃଦ୍ଧିର ହାର 5 ପ୍ରତିଶତ । ବଗଡ଼ା ଶସ୍ୟ କ୍ଷେତ୍ରରେ ଏହା 3 ପ୍ରତିଶତ ବୃଦ୍ଧି ବୋଲି ଆକଳନ କରାଯାଇଥିବା ବେଳେ ତୈଳବୀଜ କ୍ଷେତ୍ରରେ ତାହା ହାରାହାରି 13 ପ୍ରତିଶତ ଅଧିକ । କପାଚାଷ କ୍ଷେତ୍ରରେ ଏହାର ମାତ୍ରା 3 ପ୍ରତିଶତ ବେଶୀ ବୋଲି ଆକଳନ କରାଯାଇଛି । ମୁଁ ଏହି ଅବସରରେ ଦେଶର କୃଷକମାନଙ୍କୁ ଅଭିନନ୍ଦନ ଜଣାଉଛି ଏବଂ ସେମାନଙ୍କ ଶ୍ରମକୁ ପ୍ରଣାମ କରୁଛି ।

ଓଣମ: ଦେଶରେ ଉତ୍ସାହ ଉଦ୍ଦୀପନାର ସହ ପାଳନ କରାଯାଉଥିବା “ଓଣମ” ଏକ କୃଷି ଭିତ୍ତିକ ପର୍ବ । ଆମର ଗ୍ରାମୀଣ ଅର୍ଥନୀତି ପାଇଁ ମଧ୍ୟ ଏହା ଏକ ନୂତନ ଅୟମାରମ୍ଭ ବୋଲି ବିବେଚନା କରାଯାଇଥାଏ ।

କଣ୍ଢେଇ ଶିଳ୍ପ: କଣ୍ଢେଇ ଉତ୍ପାଦନ ପାଇଁ ଟିମ୍ ଗଠନ କରାଯାଉ...ସଭିଏଁ ଏକାଠି ହୋଇ କଣ୍ଢେଇ ବନେଇବା ଲାଗି ଆଗେଇ ଆସନ୍ତୁ । ସମସ୍ତଙ୍କ ପାଇଁ ‘ଭୋକାଲ୍ ଫର୍ ଲୋକାଲ’ ହେବାର ଏହା ହେଉଛି ଉପଯୁକ୍ତ ଅବସର । ତେଣୁ ଆଗେଇ ଆସନ୍ତୁ ! ଆମ ପିଲାମାନଙ୍କ ପାଇଁ ସୁନ୍ଦର ସୁନ୍ଦର କଣ୍ଢେଇ ପ୍ରସ୍ତୁତ କରିବା। ସେସବୁ ଏମିତି କଣ୍ଢେଇ ହୋଇଥିବ ତାକୁ ଦେଖିବା ମାତ୍ରେ ମନରେ ଆମର ବାଲ୍ୟକାଳ ନାଚି ଉଠିବ ଏବଂ ମୁହଁରେ ହସ ଉକୁଟି ଉଠିବ । ସେସବୁ କଣ୍ଢେଇ ପରିବେଶ ଅନୁକୂଳ ମଧ୍ୟ ହୋଇଥିବ ।

ପୁଷ୍ଟି: ସେପ୍ଟେମ୍ବର ମାସକୁ ପୋଷଣର ମାସ ରୂପେ ଆମେ ସଭିଏଁ ପାଳନ କରିବା । ସାରା ଦେଶରେ ଏହା ପାଳିତ ହେବ । ଏହି ଆନ୍ଦୋଳନରେ ଆମେ ଲୋକମାନଙ୍କ ନିକଟରେ ପୌଷ୍ଟିକତା ସଂପର୍କରେ ବାର୍ତ୍ତା ପହଞ୍ଚାଇବା। ଏଥିରେ ଜନସାଧାରଣଙ୍କ ଅଂଶଗ୍ରହଣ ଏକାନ୍ତ ଜରୁରି । ବିଗତ କେତେ ବର୍ଷ ମଧ୍ୟରେ ଆମ ଦେଶରେ ଏ ଦିଗରେ ଅନେକ କାର୍ଯ୍ୟପନ୍ଥା ଗ୍ରହଣ କରାଯାଇ ଆସୁଛି । ବିଶେଷ କରି ଗ୍ରାମାଞ୍ଚଳରେ ଏହାକୁ ଏକ ଜନ ଆନ୍ଦୋଳନରେ ପରିଣତ କରିବା ସକାଶେ ଜନସାଧାରଣଙ୍କ ସହଯୋଗ କାମନା କରାଯାଉଛି।

ଭାରତୀୟ ପ୍ରଜାତିର କୁକୁର: ଭାରତୀୟ ସେନାରେ ସୋଫି ଏବଂ ବିଦା ପ୍ରଜାତିର କୁକୁରମାନଙ୍କୁ ସାମିଲ କରାଯାଇଛି ଯେଉଁମାନଙ୍କୁ ଚିଫ୍ ଅଫ୍ ଆର୍ମି ଷ୍ଟାଫ୍ “ ପ୍ରଶଂସା କାର୍ଡ଼”ରେ ସମ୍ମାନିତ କରିଛନ୍ତି । ଭାରତୀୟ ପ୍ରଜାତିର କୁକୁରମାନଙ୍କ ଭିତରେ ମୁଧୋଲ ହାଉଣ୍ଡ୍ ଏବଂ ହିମାଚଳୀ ହାଉଣ୍ଡମାନଙ୍କର ବେଶ୍ ସୁନାମ ରହିଛି । ସେମାନେ ଖୁବ୍ ଭଲ ପ୍ରଜାତିର । ଭବିଷ୍ୟତରେ ଆପଣମାନେ ଯଦି କେବେ କୁକୁରଟିଏ ପାଳିବାକୁ ଚାହାନ୍ତି ତେବେ ଘରେ ଗୋଟିଏ ଭାରତୀୟ ପ୍ରଜାତିର କୁକୁରକୁ ପାଳିବାକୁ ଚିନ୍ତା କରନ୍ତୁ ।

ଭାରତୀୟ ଆପ୍ସ: ଆମର ଯୁବଗୋଷ୍ଠୀ ଅତି ଆଗ୍ରହର ସହ ଆତ୍ମନିର୍ଭର ଭାରତ ଆପ୍ ଅଭିନବତ୍ୱ ଚାଲେଞ୍ଜ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି । ସେଥିପାଇଁ ପ୍ରାୟ 7 ହଜାର ପ୍ରାର୍ଥୀଙ୍କ ଠାରୁ ଅଂଶଗ୍ରହଣ ପତ୍ର ମିଳିଥିଲା । ସେଥି ମଧ୍ୟରୁ ପ୍ରାୟ ଦୁଇ ତୃତୀୟାଂଶ ପ୍ରାର୍ଥୀ ଟାୟାର- 2 ଏବଂ ଟାୟାର- 3 ଶ୍ରେଣୀୟ ସହରର ପ୍ରାର୍ଥୀ । ଆତ୍ମ ନିର୍ଭର ଭାରତ ଗଠନ ପାଇଁ ଏହା ଏକ ଉତ୍ତମ ସୂଚନା ।

ଆତ୍ମ- ନିର୍ଭର ଭାରତ: ଏବେ ଆମେ ଯେତେବେଳେ ଆତ୍ମ ନିର୍ଭର ଭାରତ ନିର୍ମାଣ ପାଇଁ ପ୍ରୟାସ କରୁଛୁ ଆମକୁ ସଂପୂର୍ଣ୍ଣ ଆତ୍ମ ବିଶ୍ୱାସର ସହ ଆଗକୁ ଅଗ୍ରସର ହେବାକୁ ପଡ଼ିବ ଏବଂ ଭାରତକୁ ପ୍ରତ୍ୟେକ କ୍ଷେତ୍ରରେ ଆତ୍ମ ନିର୍ଭର କରିବାକୁ ହେବ ।

କ୍ୟୁଆର କୋଡ ସ୍କାନିଂ କରି ମନ୍ କୀ ବାତ୍ ଶୁଣନ୍ତୁ

https://www.youtube.com/watch?time_continue=3&v=CECeMxOxt-Q&feature=emb_logo

Narendra Modi @narendramodi

ஒரே பாரதம், உன்னத பாரதம் என்ற உணர்வை முன்னெடுத்துச் செல்வதற்கு பொம்மைகள் மிகச் சிறப்பான வழிகளாகும். நம் நாட்டில் தயாரிக்கப்படும் பொம்மைகளின் மூலம் இந்திய நாகரிகத்தின் சிறப்பை முன்னிறுத்துவதற்கான வழிகளையும் நாம் கண்டறிய வேண்டும். துடிப்பானதொரு பொம்மை தயாரிப்புத் துறை சுயசார்பு மிக்க இந்தியா என்ற நமது கனவை மேலும் முன்னெடுத்துச் செல்வதாகும்.

Rajnath Singh @rajnathsingh

சுயசார்பிற்கான இந்தத் தேடலில் உலகத்தரம் வாய்ந்த கருவிகள், ஆயுதங்கள் ஆகியவற்றை நமது தொழில்துறை மேற்கொள்வதற்கான திறன் பெறும் வகையில் முன்வைக்கப்படும் அனைத்து வகையான ஆலோசனைகள் கொள்கைச் சீர்திருத்தங்கள் ஆகியவற்றுக்கு நாம் தயாராக இருக்கிறோம்.

Amit Shah @AmitShah

मोदी सरकार PMJDY से गरीबों, किसानों, महिलाओं व बुजुर्गों को DBT के माध्यम से उनके खातों में किसान सम्मान निधि, सब्सिडी और पेंशन पहुँचा रही है। इसी योजना से कोरोना आपदा में करोड़ों गरीबों को सहायता राशि पहुँचाई। इसके लिए मैं @NarendraModi जी को बधाई देता हूँ। #6YearsOfJanDhanYojana

Nitin Gadkari

கொரோனா பெருந்தொற்று காலத்தில் தனி நபர் இடைவெளியைப் பின்பற்றுவதன் விளைவாக ஏற்பட்டுள்ள இடையூறுகளைக் குறைக்கும் வகையில் மத்திய அரசின் சாலைப் போக்குவரத்து மற்றும் நெடுஞ்சாலை அமைச்சகம் 1988ஆம் ஆண்டின் மோட்டார் வாகன சட்டம் மற்றும் 1989ஆம் ஆண்டின் மத்திய மோட்டார் வாகன விதிகள் ஆகியவை தொடர்பான அனைத்து ஆவணங்களின் செல் லுபடித் தன்மையை மேலும் நீட்டிக்கும்படி அனைத்து மாநில அரசுகளுக்கும் அறிவுறுத்தலை அனுப்பியுள்ளது.

Prakash Javadekar

एक राष्ट्र - एक राशन कार्ड की ओर अग्रसर भारत

- राष्ट्रीय खाद्य सुरक्षा कानून के तहत 24 राज्यों के बीच राशन कार्ड पोर्टेबिलिटी सुविधा के साथ 65 करोड़ से अधिक लाभार्थियों को मिल रहा लाभ

- 31 मार्च 2021 तक देश के सभी राज्यों को #OneNationOneRationCard योजना से जोड़ने का लक्ष्य

Hardeep Singh Puri

Every year we have seen the survey grow. From 73 cities in 2016 to 4,242 cities, 62 Cantt boards & 92 Ganga towns, Swachh Survekshan 2020 comprehensively covers our urban space with 1.87 cr citizens participating this year.

RNI No. :
DELODI/2020/78831
September: 16-30, 2020

ନିଉ ଇଣ୍ଡିଆ
ସମାଚାର
ପାକ୍ଷିକ

RNI Registered No.DELODI/2020/78831, Delhi Postal License No DL (S)-1/3542/2020-22, WPP NO U (S)-90, posting at BPC, MEGHDOOT BHAWAN, NEW DELHI-110001 On 13-17 advance Fortnightly, New Delhi-3 (Publishing Date September 5, 2020, Pages 36)

ଆନ୍ତର୍ଜାତିକ ଶାନ୍ତି ଦିବସ (ସେପ୍ଟେମ୍ବର 21 ତାରିଖ)

ମାନବସମାଜ ପାଇଁ ଶାନ୍ତିର ସଂକଳ୍ପ

"ସମସ୍ତେ ବିଶ୍ୱାସ କରନ୍ତି ଯେ ରାଷ୍ଟ୍ର, ବିଶ୍ୱ ଏବଂ ମାନବ ସମାଜର ବିକାଶ ନିମନ୍ତେ ଶାନ୍ତି ଓ ବନ୍ଧୁତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କିନ୍ତୁ ଆମେ ଏକଥା ମଧ୍ୟ ଜାଣୁ ଯେ ଦୁର୍ବଳ ବ୍ୟକ୍ତି କଦାପି ଶାନ୍ତି ସ୍ଥାପନା କରିପାରିବେ ନାହିଁ ।
ଦୁର୍ବଳ ବ୍ୟକ୍ତି ଶାନ୍ତି ପ୍ରସ୍ତାବ ମଧ୍ୟ ଆଗତ କରିପାରିବେ ନାହିଁ ।
ଶାନ୍ତି ପାଇଁ ସାହସ ହିଁ ଏକମାତ୍ର ପ୍ରାକସର୍ତ୍ତ ।

-ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଲେହ ଠାରେ ଜୁଲାଇ 3, 2020 ତାରିଖରେ ଦେଇଥିବା ଭାଷଣରୁ ଉଦ୍ଧୃତ"

Published & Printed by: **Satyendra Prakash**, DG, BOC on behalf of Bureau of Outreach and Communication

Editor: Kuldeep Singh Dhatwalia , PDG, PIB, New Delhi

Published from Bureau of Outreach and Communication, 2nd Floor, Soochna Bhawan, New Delhi -110003

Printed at Infinity Advertising services Pvt Ltd. FBD-One Corporate Park, 10th floor, New Delhi-Faridabad border, NH-1, Faridabad-121003

RNI No. : DELODI/2020/78831

Oriya Issue 6